

‘ଏକ ଚତୁର ନାର୍’ରେ ଦିବ୍ୟା
▶ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-55 ◆TUESDAY ◆19 AUGUST 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୫୫ ◆ମଙ୍ଗଳବାର ◆୧୯ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଗୁଜରାଟରେ ଦୁଇ କାର୍ ମୁହାଁମୁହିଁ; ୮ ଜୀବନ୍ତ ଦଗ୍ଧ



■ **ସୁରେନ୍ଦ୍ରନଗର, ୧୮।୮(ଏଜେନ୍ସି):** ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୮ଜଣ ଲୋକ ଜିଅନ୍ତା ଜଳିଯାଇ ପ୍ରାଣ ହରାଇଛନ୍ତି। ୱାଧୱାନ ତାଲୁକାର ଦେଦାଦାରା ଗାଁର ନିକଟସ୍ଥ ରାଜପଥରେ ରବିବାର ଅପରାହ୍ଣ ୩.୪୦ରେ ଏକ କାର ଓ ଏସ୍‌ୟୁଭି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାରରେ ନିଆଁ ଲାଗିଯାଇଥିଲା। ମୃତକଙ୍କ ମଧ୍ୟରେ ୫ ମହିଳା ଓ ୨ ପିଲା ସାମିଲ ରହିଛନ୍ତି। କାରରେ ଥିବା ୮ ଜଣ ଲୋକ ବାହାରକୁ ବାହାରି ପାରି ନଥିଲେ ଓ ଜଳି ଯାଇଥିଲେ। ୭ଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଜଣେ ଆହତଙ୍କୁ ହସ୍ପିଟାଲ ନିଆଯାଉଥିବା ବେଳେ ଜୀବନ ହରାଇଥିଲେ। ଧକ୍କା ହେବା ପରେ କାର ରାସ୍ତା କଡେ ଗଳି ପଡ଼ିଥିଲା ଓ ସେଥିରେ ନିଆଁ ଲାଗିଯାଇଥିଲା। ସବୁ ମୃତକ ସମ୍ପର୍କୀୟ ଥିଲେ ଓ କଚ୍ଛରୁ ସୁରେନ୍ଦ୍ର ନଗର ଯାଉଥିଲେ। ସୂଚନା ମିଳିବା ପରେ ଦମକଳ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

## ଜନ୍ମାଷ୍ଟମୀ ଶୋଭାଯାତ୍ରାରେ ଅଘଟଣ; ବିଦ୍ୟୁତ୍ ଆଘାତରେ ୫ ମୃତ



■ **ହାଇଦରାବାଦ୍, ୧୮।୮ (ଏଜେନ୍ସି):** ହାଇଦରାବାଦ୍‌ରେ ଜନ୍ମାଷ୍ଟମୀ ଉତ୍ସବ ପାଳନ ବେଳେ ଏକ ବଡ଼ ଅଘଟଣ ଘଟିଛି। ଉତ୍ସବ ପାଳନ କରିବାକୁ ଏକ ରଥ ଯାଉଥିବା ବେଳେ ହାଇଭୋଲ୍ଟେଜ ବିଜୁଳି ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ବିଦ୍ୟୁତ ଆଘାତରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ରାମନାଥପୁରର ଗୋକୁଳନଗରରେ ରବିବାର ବିଳମ୍ବିତ ରାତିରେ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ଯାଉଥିବା ବେଳେ ଏହି ଘଟଣା ଘଟିଥିଲା। ଶୋଭାଯାତ୍ରାରେ ରଥକୁ ଏକ ବାହନ ଉପରେ ନିଆଯାଉଥିଲା। ତେବେ ବାହନ ଖରାପ ହେବା କାରଣରୁ ଶ୍ରଦ୍ଧାଳୁ ରଥକୁ ଉଠାଇ ନେଉଥିଲେ। କିନ୍ତୁ କରେଣ୍ଟ ଲାଗିବା କାରଣରୁ ଶ୍ରଦ୍ଧାଳୁ ଦୂରକୁ ଛିଟ୍‌କି ପଡ଼ିଥିଲା। ଫଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକ ଏପଟେ ସେପଟେ ଦୌଡିବାକୁ ଲାଗିଥିଲେ। ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ପୀଡିତଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା। ପରେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ୫ ଜଣ ଲୋକଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏହି ଘଟଣାରେ କେନ୍ଦ୍ର କୋଇଲା ଓ ଖଣିଜ ମନ୍ତ୍ରୀ ଜି କିଶନ ରେଡ୍ଡୀ ଶ୍ରୀନିବାସନଙ୍କ ସମେତ ୪ଜଣ ଆହତ ହୋଇଛନ୍ତି।

### ବିରୋଧୀ ଦଳଙ୍କ ଯୋଜନା

# ସିଇସିଙ୍କ ବିରୋଧରେ ଆଣିବେ ମହାଭିଯୋଗ

■ **ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି):** ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ଏବଂ ‘ଭୋଟ ଚୋରି’ ଅଭିଯୋଗକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ନିର୍ବାଚନ କମିସନ ଏବଂ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ବିରୋଧୀ ଦଳ ଉଠାଇଥିବା ଅଭିଯୋଗର ଯାଞ୍ଚ କରିବା ବଦଳରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସତ୍ୟପାଠ ଦାଖଲ କରିବା ଲାଗି କମିସନଙ୍କ ଆହ୍ୱାନ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଏଭଳି ଆଭିମୁଖ୍ୟରେ କ୍ଷୁବ୍ଧ ବିରୋଧୀ ଦଳ ତାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଯୋଜନା କରିଛନ୍ତି। ଆଜି ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ର ସଂସଦୀୟ ଦଳ ବୈଠକରେ ଏହା ଉପରେ ଆଲୋଚନା କରାଯାଇଛି। ସତ୍ୟପାଠ ଦାଖଲ ପାଇଁ ଆହ୍ୱାନ ଦେଇ ଜ୍ଞାନେଶ କୁମାର ବିରୋଧୀ ଦଳ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଭଳି ବ୍ୟକ୍ତି ହାତରେ ନିର୍ବାଚନ କମିସନ ସୁରକ୍ଷିତ ନୁହେଁ ବୋଲି ଅଭିଯୋଗ କରି ସେମାନେ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ପ୍ରସ୍ତାବ ଆଣିବେ ବୋଲି ସୂଚନା ଦେଇଛନ୍ତି। ତେବେ ମୁଖ୍ୟ ନିର୍ବାଚନ କମିସନରଙ୍କୁ ହଟାଇବାକୁ ହେଲେ ସଂସଦର ଉଭୟ ଗୃହରେ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଦରକାର। କିନ୍ତୁ ବିରୋଧୀ ଦଳ ପାଖରେ ଏହି ସଂଖ୍ୟା ନଥିବାରୁ ଏହା କେବଳ ଏକ ଚାପ ରଣନୀତି ବୋଲି କୁହାଯାଉଛି।

ବିହାର ଭୋଟର ତାଲିକା ପ୍ରସଙ୍ଗରେ ସଂସଦର ଉଭୟ ଗୃହରେ ଆଜି ମଧ୍ୟ ଅଚଳାବସ୍ଥା ଜାରି ରହିଛି। ଆଜି ବିରୋଧୀ ଦଳ ପକ୍ଷରୁ ଏଠାରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିସନରଙ୍କର ଆଭିମୁଖ୍ୟର ତୀବ୍ର ସମାଲୋଚନା ▶ପୃଷ୍ଠା-୭



**ବଢୁଛି ଭୋଟର ଜାଲିଆତି ବିବାଦ**

**ସଂସଦରେ ଅଚଳାବସ୍ଥା ଜାରି**

### ୬୫ ଲକ୍ଷ ଭୋଟରଙ୍କ ନାମ ଜାରିକଲେ କମିସନ

■ **ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ବା ଏସ୍‌ଆଇଆର ପ୍ରକ୍ରିୟା ଉପରେ ବିରୋଧୀ ପ୍ରଶ୍ନ ଉଠାଇ ସଡ଼କରୁ ସଂସଦ ପର୍ଯ୍ୟନ୍ତ ହଙ୍ଗାମା କରୁଛନ୍ତି। ଏହି ପ୍ରକ୍ରିୟାକୁ ରଦ୍ଦ କରିବା ପାଇଁ ଦାବି କରୁଛନ୍ତି। ଏପରିସ୍ଥଳେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ନିର୍ବାଚନ କମିସନ ବିହାରର ଚିଠା ଭୋଟର ତାଲିକାରୁ ହଟା ଯାଇଥିବା ୬୫ ଲକ୍ଷ ଲୋକଙ୍କ ନାମ ତାଲିକା ଜାରି କରିଛନ୍ତି। ଗତ ୧ ତାରିଖରେ ଇସି ଏହି ଚିଠା ତାଲିକା ଜାରି କରିଥିଲେ। ଏଥିରୁ ୬୫ ଲକ୍ଷଙ୍କ ନାମ ହଟାଇ ଦେଇଥିଲେ। ଏହାକୁ ନେଇ ବିରୋଧୀ ଦଳ ହଙ୍ଗାମା କରିବା ସହିତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ଶୁଣାଣି କରି ସୁପ୍ରିମକୋର୍ଟ ହଟା ଯାଇଥିବା ନାମ ତାଲିକା ଜାରି କରିବାକୁ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ସକାଳେ ନିର୍ବାଚନ କମିସନ ୬୫ ଲକ୍ଷ ନାମ ତାଲିକା ▶ପୃଷ୍ଠା-୭

## ଓଡ଼ିଶାରେ ଏସ୍‌ଆଇଆର୍ ଶୀଘ୍ର

### ୨୪ ବର୍ଷ ପରେ ହେବ ଭୋଟର ତାଲିକା ସଂଶୋଧନ

■ **ଭୁବନେଶ୍ୱର, ୧୮।୮ (ସମିସ):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ପ୍ରସଙ୍ଗରେ ସାରା ଦେଶ ହୁଲସ୍ଥୁଲ। ଏସ୍‌ଆଇଆର୍‌ରେ ଭୋଟର ସୂଚୀରୁ ୬୫ ଲକ୍ଷ ଭୋଟରଙ୍କୁ ବାଦ ଦେବା ପ୍ରସଙ୍ଗରେ ନିର୍ବାଚନ କମିଶନ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ଏହି ପ୍ରସଙ୍ଗ ସଡ଼କରୁ ସଂସଦ ଓ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଦେଶର ଅନ୍ୟାନ୍ୟ ରାଜ୍ୟ ସହ ଖୁବ୍ ଶୀଘ୍ର ଓଡ଼ିଶାରେ ଏସ୍‌ଆଇଆର୍ ଅର୍ଥାତ୍ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନ୍। ଶେଷଥର ପାଇଁ ୨୦୦୨ରେ ରାଜ୍ୟରେ ଭୋଟର ତାଲିକା ସଂଶୋଧନ ହୋଇଥିଲା ଓ ୨୪ ବର୍ଷ ପରେ ପୁଣିଥରେ ରାଜ୍ୟରେ ଭୋଟର ତାଲିକା ସଂଶୋଧନ କରାଯିବ ବୋଲି ଶ୍ରୀ ଗୋପାଳନ କହିଛନ୍ତି।

ଆଜି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍‌ଆଇଆର୍‌ର ପ୍ରସ୍ତୁତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଅବସରରେ ସେ ବିଭିନ୍ନ ରାଜନୈତିକ ଦଳ ନିର୍ବାଚନରେ ଅସଙ୍ଗତି ସମ୍ପର୍କରେ ଆଣିଥିବା ଅଭିଯୋଗର ଉତ୍ତର ଦିଆଯାଇଥିବା ଉଲ୍ଲେଖ କରି ଭୋଟ ଚୋରିକୁ ଏକ କାଳ୍ପନିକ ବିଷୟ ବୋଲି କହିଛନ୍ତି। ଗତ ନିର୍ବାଚନ ସମୟରେ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରେ ୪୨ ଲକ୍ଷ ଭୋଟକୁ ନେଇ ମୁଖ୍ୟ ବିରୋଧୀଦଳ ବିଜେଡ଼ି ଜାତୀୟ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଥିଲା। ଏପରିକି ରାଜ୍ୟର ସମସ୍ତ ସଂସଦୀୟ କ୍ଷେତ୍ରରେ ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ଥିବାର ତଥ୍ୟଭିତ୍ତିକ ପ୍ରମାଣ ବିଜେଡି ଦାଖଲ କରିଥିଲା। ସେହିପରି ସଂସଦୀୟ କ୍ଷେତ୍ରର ଭୋଟ ସଂଖ୍ୟା ଅପେକ୍ଷା ଏହା ମଧ୍ୟରେ ଆସୁଥିବା ବିଧାନସଭାର ସମୁଦାୟ ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ତାରତମ୍ୟ ଓ ନିର୍ବାଚନ ସମୟ ଶେଷ ହୋଇଯିବା ପରେ ୭ ପ୍ରତିଶତରୁ ୩୦ ପ୍ରତିଶତ ଭୋଟକୁ ନେଇ ବିଜେଡି ପ୍ରଶ୍ନ ଉଠାଇଥିଲା। ଅନ୍ୟପକ୍ଷରେ ଫର୍ମ ୧୭-ସି ପ୍ରଦାନ ନ ▶ପୃଷ୍ଠା-୭

**ରାଜନୈତିକ ଦଳ ଏଜେଣ୍ଟଙ୍କୁ ଦିଆଯାଇଛି ୧୭-ସି ଫର୍ମ**

# ନବୀନ ସୁସ୍ଥ; କ୍ୟାବିନକୁ ସ୍ଥାନାନ୍ତର



■ **ଭୁବନେଶ୍ୱର, ୧୮।୮ (ସମିସ):** ଡିହାଇଡ୍ରେସନ୍ ଯୋଗୁଁ ଚିକିତ୍ସା ନିମନ୍ତେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଏବେ ସୁସ୍ଥ। ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଘଟିଛି ଓ ତାଙ୍କୁ କ୍ୟାବିନକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ମେଡିକାଲ ବୁଲେଟିନ୍‌ରେ ସୂଚନା ଦେଇଛନ୍ତି। ଡାକ୍ତରମାନଙ୍କ ପର୍ଯ୍ୟବେକ୍ଷଣରେ କିଛି ସମୟ ରହିବା ପରେ ବାସଭବନକୁ ଫେରିବେ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି।

ଅପରପକ୍ଷରେ ନିଜେ ଶ୍ରୀ ପଟ୍ଟନାୟକ ନିଜ ସୁସ୍ଥତାର ସୂଚନା ରାଜ୍ୟବାସୀଙ୍କୁ ଦେଇଛନ୍ତି। ହସ୍ପିଟାଲ୍‌ରୁ ଏକ ଭିଡିଓ ବାର୍ତ୍ତା ଜାରି କରି ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଛନ୍ତି। ତାଙ୍କର ଅସୁସ୍ଥତାଜନିତ ସୂଚନା ପାଇ ଶୁଭକାମନା ଜଣାଇଥିବା ସମସ୍ତଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି ଓ ଦେଖା କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ନବୀନ ନିବାସରେ ତାଙ୍କୁ ଦେଖା କରିବାକୁ ଅନୁରୋଧ କରିଛନ୍ତି। ଡାକ୍ତରମାନେ ତାଙ୍କର ବହୁତ ଭଲ ଚିକିତ୍ସା କରୁଛନ୍ତି ବୋଲି ନବୀନ ଭିଡ଼ିଓବାର୍ତ୍ତାରେ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଡିହାଇଡ୍ରେସନ୍ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ରବିବାର ସନ୍ଧ୍ୟା ୫ ଟା ୧୫ରେ ନବୀନଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। କିଛି ସମୟର ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ ଓ ରାତିରେ ଭିଡ଼ିଓ ବାର୍ତ୍ତାରେ ସେ ସୁସ୍ଥ ହେଉଥିବା ସୂଚନା ଦେଇଥିଲେ। ଗୋଟିଏ ଦିନର ଚିକିତ୍ସା ପରେ ସେ ଏବେ ସୁସ୍ଥ ଅନୁଭବ କରୁଛନ୍ତି। ତାଙ୍କର ଅସୁସ୍ଥତା ଖବର ପାଇ ଦଳମତ ନିର୍ବିଶେଷରେ ବହୁ ରାଜନୈତିକ ବ୍ୟକ୍ତି, ମନ୍ତ୍ରୀ, ବିଧାୟକ, ସାଂସଦଙ୍କ ସହ ସାଧାରଣ ଲୋକ ଡ଼ାକ୍ତରଖାନାରେ ପହଞ୍ଚି ତାଙ୍କର ଆରୋଗ୍ୟ କାମନା କରିଛନ୍ତି।

**ଭେଟିବାକୁ ଚାହୁଁଥିଲେ ନବୀନ ନିବାସକୁ ନିମନ୍ତ୍ରଣ**

## ନବୀନଙ୍କୁ ଫୋନ୍ କଲେ ରାଜନାଥ

### ସ୍ୱାସ୍ଥ୍ୟାବସ୍ଥା ପଚାରି ଆଶୁ ଆରୋଗ୍ୟ କାମନା କଲେ

■ **ଭୁବନେଶ୍ୱର, ୧୮।୮ (ସମିସ):** ଡାକ୍ତରଖାନାରେ ଚିକିତ୍ସାଧୀନ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଏହି ଅବସରରେ ସେ ଏନଡିଏ ପ୍ରାର୍ଥୀ ସି.ପି.ରାଧାକ୍ରିଷ୍ଣନ୍‌ଙ୍କୁ ସମର୍ଥନ ଦେବାକୁ ନବୀନଙ୍କୁ ଅନୁରୋଧ କରିଥିବା ମଧ୍ୟ ସୂଚନା ମିଳିଛି। ତେବେ ଏ ସମ୍ପର୍କରେ ନବୀନ କ’ଣ କହିଛନ୍ତି ସେ ସମ୍ପର୍କରେ ସ୍ପଷ୍ଟ ଜଣାପଡ଼ି ନାହିଁ।

ମହାରାଷ୍ଟ୍ର ରାଜ୍ୟପାଳ ତଥା ବିଜେପି ନେତା ସିପି ରାଧାକ୍ରିଷ୍ଣନଙ୍କୁ ଉପରାଷ୍ଟ୍ରପତି ପଦ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ରବିବାର ନିଜର ପ୍ରାର୍ଥୀ ଭାବେ ଘୋଷଣା କରିଛି। ଏନଡିଏର ପ୍ରାର୍ଥୀ ଯେପରି ବିନା ନିର୍ବାଚନରେ ସର୍ବସମ୍ମତକ୍ରମେ ନିର୍ବାଚିତ ହେବେ, ସେନେଇ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ଦଳର ବରିଷ୍ଠ ନେତା ରାଜନାଥ ସିଂଙ୍କୁ ବିଭିନ୍ନ ରାଜନୈତିକ ଦଳ ସହ ଯୋଗାଯୋଗ କରିବାକୁ ବିଜେପି ଦାୟିତ୍ୱ ପ୍ରଦାନ କରିଛି। ଏହି କ୍ରମରେ ରାଜନାଥ ଆଜି ନବୀନଙ୍କ ସହ ଆଲୋଚନା କରି ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ଅନୁରୋଧ କରିଛନ୍ତି।



**ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ପାଇଁ ଲୋଡ଼ିଲେ ସହଯୋଗ**

**ସମ୍ବଲପୁରରେ ପୁଣି ଲଜ୍ଜା!**

## ଶୌଚ ପାଇଁ ଯାଇଥିବା ନାବାଳିକାଙ୍କୁ ଗଣଦୁଷ୍କର୍ମ

■ **ସମ୍ବଲପୁର, ୧୮।୮ (ସମିସ):** ସମ୍ବଲପୁରରେ ପୁଣି ଲଜ୍ଜା। ଯୁଯୋମୁରା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ କରାଯିବା ଭଳି ଏକ ଆପରାଧିକ ଘଟଣା ଘଟିଛି। ନାବାଳିକାଜଣଙ୍କ ଶୌଚ ହେବାକୁ ଯାଇଥିବା ବେଳେ ୫ ଜଣ ଦୁର୍ବୃତ୍ତ ତାକୁ ଟେକିନେଇ ଗଣଦୁଷ୍କର୍ମ କରିଛନ୍ତି। ଏହି ଘଟଣାରେ ପୁଲିସ୍ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ସହ ୨ ନାବାଳକଙ୍କୁ ଧରିଛି। ଅନ୍ୟ ୨ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ଜଣାଯାଇଛି। ସେମାନଙ୍କୁ ଧରିବା ପାଇଁ ପୁଲିସ ତନାଘନା ଚଳାଇଛି। ମୁଖ୍ୟ ଅଭିଯୁକ୍ତଜଣଙ୍କ ହେଲା, ଯୁଯୋମୁରା ଥାନା ଝାଙ୍କରପାଲି ପଞ୍ଚାୟତର ସୁଶାନ୍ତ ମିର୍ଦ୍ଧା(୨୧)। ଆଜି ତାକୁ କୋର୍ଟଚାଲାଣ କରାଯାଇଛି। ସେହିପରି, ଧରାପଡ଼ିଥିବା ୨ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ଉପସ୍ଥାପନ କରାଯାଇଛି। ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ପୁଲିସ୍ ସୂଚନାନୁଯାୟୀ, ଯୁଯୋମୁରା ବ୍ଲକ୍ ଅଞ୍ଚଳରେ ପୀଡ଼ିତା ୧୪ ବର୍ଷୀୟା ନାବାଳିକା ସପରିବାରେ ରୁହନ୍ତି। ନାବାଳିକାଜଣଙ୍କ ନବମ ଶ୍ରେଣୀ ଛାତ୍ରୀ। ରବିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ସେ ପଡ଼ା ନିକଟସ୍ଥ ନାଳକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ତାଙ୍କୁ ୫ଜଣ ଅଭିଯୁକ୍ତ ନିକଟସ୍ଥ ଏକ ସ୍ଥାନକୁ ନେଇ ଗଣଦୁଷ୍କର୍ମ କରିଥିଲେ। ପରେ ସେଠାରୁ ଫେରାର୍ ହୋଇଯାଇଥିଲେ। ନାବାଳିକାଜଣଙ୍କ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ଯୁଯୋମୁରା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଓ ପୀଡ଼ିତାଙ୍କ ବୟାନ ଅଧାରରେ ପୁଲିସ ନମ୍ବର ୧୭୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରେଢ଼ାଖୋଲ ଏସ୍‌ଡିପିଓଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୁଲିସ ବିଳମ୍ବିତ ରାତିରେ ମୁଖ୍ୟ ଅଭିଯୁକ୍ତ ସହ ମୋଟ ୩ ଜଣଙ୍କୁ ଧରାଯାଇଥିଲା। ସେମାନଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ମିର୍ଦ୍ଧା ସହ ଅନ୍ୟ ୨ ନାବାଳକ ରହିଛନ୍ତି। ତେବେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଚଢ଼ଉ ଜାରି ରଖିଛି। ଏସ୍‌ପି ଶ୍ରୀ ଭାମୁ କହିଛନ୍ତି, ଏହା ଏକ ସ୍ପର୍ଶକାତର ଓ ସମ୍ବେଦନଶୀଳ ଘଟଣା। ପୁଲିସ ଏହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଛି। ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଚାର୍ଜସିଟ୍ ଦାଖଲ ପୂର୍ବକ ଅଭିଯୁକ୍ତମାନଙ୍କ ବିରୋଧରେ ପୁଲିସ ଦୃଢ଼ ପ୍ରମାଣ ଉପସ୍ଥାପନ କରିବାକୁ ଉଦ୍ୟମ କରିବ ବୋଲି ସେ ସୂଚନା ଦେଇଛନ୍ତି।

**ମୁଖ୍ୟ ଅଭିଯୁକ୍ତ ଗିରଫ, ୨ ନାବାଳକ ଅଟକ**

**ଫେରାର୍ ୨ ଅଭିଯୁକ୍ତଙ୍କୁ ଖୋଜୁଛି ପୁଲିସ୍**

### ଔଷଧ ନିଗମର ନିଷ୍ପତ୍ତିକୁ ନେଇ ସାଧାରଣରେ ସନ୍ଦେହ

## ଦାଗୀ ସଂସ୍ଥାକୁ ଅନୁଗ୍ରହ

■ **ଭୁବନେଶ୍ୱର, ୧୮।୮ (ସମିସ):** ଟ୍ରାକ୍ ରେକର୍ଡ ଭଲ ନ ଥିବା ଏକ ସଂସ୍ଥା ସହ ଚୁକ୍ତି ଅବଧି ବଢ଼ାଇ ପୁଣି ଥରେ ବିବାଦ ଘେରକୁ ଆସିଛି ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ (ଓଏସ୍‌ଏମ୍‌ସିଏଲ୍)। ରାଜ୍ୟର ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲ ଗୁଡିକର ବାୟୋମେଡିକାଲ ଉପକରଣ ମରାମତି ପାଇଁ ହୋଇଥିବା ଟେଣ୍ଡରକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଚେନ୍ନାଇର କେଟିପିଏଲ୍ ସଂସ୍ଥାର ଅବଧି ୬ ମାସ ବୃଦ୍ଧିକୁ ନେଇ ପୁଣି ଓଏସ୍‌ଏମ୍‌ସିଏଲ୍‌କୁ କାଠଗଡ଼ାରେ ଠିଆ କରିଛି। ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଖରାପ ସେବା କାରଣରୁ ଅନ୍ୟ ରାଜ୍ୟଗୁଡ଼ିକ ଯେଉଁ ସଂସ୍ଥା ସହ ଚୁକ୍ତି ବାତିଲ କରୁଛି, ସେହି ସଂସ୍ଥାର ଚୁକ୍ତି ଅବଧିକୁ ଓଡ଼ିଶା ସରକାର ବଢ଼ାଇ ଚାଲିବା ସ୍ୱାଭାବିକ ସନ୍ଦେହ ପ୍ରକାଶ ପାଇଛି।

ଅଭିଯୋଗ ଅନୁସାରେ ଉତ୍ତରାଖଣ୍ଡ ସରକାର କେଟିପିଏଲ ସହ ଚୁକ୍ତିକୁ ଗତ ନଭେମ୍ବର ମାସରେ ବାତିଲ୍ କରିଛନ୍ତି। ସେହିପରି ରାଜସ୍ଥାନ ମେଡିକାଲ ସର୍ଭିସ କର୍ପୋରେସନ ଲିମିଟେଡ ମଧ୍ୟ ▶ପୃଷ୍ଠା-୭

**ଉତ୍ତରାଖଣ୍ଡ, ରାଜସ୍ଥାନରେ ନିଆଯାଇଛି କାର୍ଯ୍ୟାନୁଷ୍ଠାନ**

**ରାଜ୍ୟରେ କାମ କରୁନାହିଁ ୨୦ ପ୍ରତିଶତ ଉପକରଣ**

### ବରଗଡ଼ରେ ବିଜେଡିର ବିଶାଳ ଚାଷୀ ସମାବେଶ

# ରାଜରାସ୍ତାରେ ଚାଷୀଙ୍କ ରଣହୁଙ୍କାର

■ **ବରଗଡ଼, ୧୮।୮ (ସମିସ):** ଚାଷୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଆଜି ବରଗଡ଼ରେ ବିଜେଡି ପକ୍ଷରୁ ବିଶାଳ ଚାଷୀ ସମାବେଶ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଶାସନର ତମାମ ବାଧା ସତ୍ତ୍ୱେ ହଜାର ହଜାର ଚାଷୀ ରାଜରାସ୍ତାକୁ ଓହ୍ଲାଇବା ସହ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ଗର୍ଜନ କରିଛନ୍ତି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସହ ହଜାରହଜାର ଚାଷୀ ଓ ବିଜେଡିନେତା ଓ କର୍ମୀ ସ୍ଥାନୀୟ ଗଣେଶରାମ ଭବନରୁ ବିଶାଳ ପଟୁଆରରେ ବାହାରି ଥାନା ଛକ ଓ କଚେରି ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବା ପରେ ସ୍ଥାନୀୟ ଗାନ୍ଧୀଛକରେ ପ୍ରତିବାଦ ସଭା କରାଯାଇଥିଲା। ସେଥିରେ ବିଜେଡି ନେତା ଓ ଚାଷୀମାନେ ଡବଲ୍-ଇଞ୍ଜିନ୍ ସରକାରର ଚାଷୀ ବିରୋଧୀ, ଚାଷୀ ଦମନକାରୀ ନୀତି ଉପରେ ପ୍ରବଳ ବର୍ଷିଥିଲେ। ଜଟିଳ ପଞ୍ଜୀକରଣ ବ୍ୟବସ୍ଥାକୁ ସରଳୀ କରିବା, ପଞ୍ଜୀକରଣ ଅବଧି ବୃଦ୍ଧି କରିବା, ବିଫଳ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କମ୍ପାନୀମାନଙ୍କୁ ଲାଭ ଦେଇ ଚାଷୀଙ୍କୁ ଲୁଟ କରା ନଯାଉ, ଧାନ ବିକ୍ରିରେ କଟନିଛଟନି ଓ ଦଲାଲରାଜ୍ ବନ୍ଦ କରିବା, ଅଦିନିଆ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଚାଷୀଙ୍କୁ ଇନ୍‌ପୁଟ୍ ସବସିଡି ତୁରନ୍ତ ପ୍ରଦାନ, ଲକ୍ଷଲକ୍ଷ ନାମମାତ୍ର ଚାଷୀ, ▶ପୃଷ୍ଠା-୭



**ସ୍ୱତଃପ୍ରବୃତ୍ତ ଭାବେ ଯୋଗଦେଲେ ହଜାରହଜାର ଚାଷୀ**

**ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦେଲେ ଦାବିପତ୍ର**

ଆଜି ଆସିଥିଲେ

## ସଂଗ୍ରାମୀ ସରଳା



ବିଂଶ ଶତାବ୍ଦୀରେ ଓଡ଼ିଶାର ଯେଉଁ କେତେଜଣ ମହୀୟସୀ ମହିଳା ସ୍ୱାଧୀନତା ଆନ୍ଦୋଳନ ଓ ସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣା ହୋଇ ଆମ ସମାଜକୁ ଦିଗ୍‌ଦର୍ଶନ ଦେବା ସହ ନାରୀସମାଜକୁ ଉପରକୁ ଉଠାଇବା ପାଇଁ ଅହରହ ଉଦ୍ୟମ କରିଥିଲେ, ତନ୍ମଧ୍ୟରେ ସରଳା ଦେବୀ ଥିଲେ ଅନ୍ୟତମ । ୧୯୦୪ ମସିହା ଆଜିର ଦିନରେ ଜଗତସିଂହପୁର ଜିଲ୍ଲା ନରିଲୋ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ପିଲାବେଳୁ ସରଳା ଥିଲେ ଶାନ୍ତ, ସରଳ, ଦୃଢ଼ମନା ଓ ସ୍ପଷ୍ଟବାଦିନୀ । ଆଗରୁ ଚଳି ଆସୁଥିବା ପାରମ୍ପରିକ ଜୀବନଶୈଳୀ ଅପେକ୍ଷା ସେ ନିଜ ସହଜତାକୁ ନେଇ ଚଳିବାକୁ ବେଶୀ ପସନ୍ଦ କରୁଥିଲେ । ସେ ମୁଣ୍ଡରେ ଲୁଗା ଦେଉ ନ ଥିଲେ ଓ ଛୁଆଁ ଅଛୁଆଁ ଭେଦଭାବକୁ ପସନ୍ଦ କରୁ ନ ଥିଲେ । ଘରୋଇ ଶିକ୍ଷକଙ୍କ ଦ୍ୱାରା ସେ ଷଷ୍ଠ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ । ତଥାପି ଅନ୍ୟାନ୍ୟ ଭାଷା ଜାଣିବା ପାଇଁ ତାଙ୍କ ମନରେ ପ୍ରବଳ ଆଗ୍ରହ ଥିଲା । ୧୪ ବର୍ଷ ବୟସରେ ସେ ଜଣେ ଜମିଦାରଙ୍କ ପୁତ୍ର ଭାଗିରଥୀ ମହାପାତ୍ରଙ୍କୁ ବିବାହ କରିଥିଲେ । ସ୍ୱାମୀ ଭାଗୀରଥୀ ଜଣେ ସ୍ୱାଧୀନଚେତା ବ୍ୟକ୍ତି ଥିଲେ । ୧୫ ବର୍ଷ ବୟସରେ ସେ କୁଳବଧୂ ପରଦା ଆଡ଼େଇ ପଦାକୁ ବାହାରିଥିଲେ । ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ପ୍ରତିବାଦ ଶୋଭାଯାତ୍ରାରେ ସରଳା ନିଜକୁ ସାମିଲ କରିଥିଲେ । ଏଥିରେ ତାଙ୍କ ସ୍ୱାମୀ ତାଙ୍କୁ ପୂର୍ଣ୍ଣ ସମର୍ଥନ କରିଥିଲେ । ଗାନ୍ଧିଜୀଙ୍କର ଓଡ଼ିଶା ଗସ୍ତ ସମୟରେ ତାଙ୍କର ଅହିଂସା ନୀତି ପ୍ରତି ସରଳା ଆକୃଷ୍ଟ ହୋଇଥିଲେ । ଗାନ୍ଧିଜୀଙ୍କ ହିନ୍ଦୀ ଭାଷଣକୁ ସେ ଓଡ଼ିଆରେ ଭାଷାନ୍ତର କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ । ଏହି ସଭାରେ ସେ ନିଜର ସମସ୍ତ ଅଳଙ୍କାରକୁ ସ୍ୱରାଜ ପାଣ୍ଠିକୁ ଦାନ କଲେ ଓ ଜୀବନରେ କେବେ ଅଳଙ୍କାର ପିନ୍ଧିବେ ନାହିଁ ବୋଲି ପ୍ରତିଜ୍ଞା ନେଲେ । ଓଡ଼ିଶାର ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବା ନାରୀ ନେତ୍ରୀଙ୍କ ମଧ୍ୟରେ ସରଳା ଥିଲେ ଅଗ୍ରଗଣ୍ୟା । ଇଞ୍ଚୁଡ଼ିଠାରେ ହୋଇଥିବା ଲବଣ ସତ୍ୟାଗ୍ରହରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ନାରୀମାନଙ୍କ ମଧ୍ୟରେ ଦେଶପ୍ରେମ ଓ ଜାତୀୟତା ଭାବର ଉଦ୍ରେକ ପାଇଁ ସେ ଓଡ଼ିଶାର ବିଭିନ୍ନ ଅଞ୍ଚଳ ବୁଲି ବୁଲି ସେମାନଙ୍କୁ ଉଦ୍‌ବୋଧନ ଦେଉଥିଲେ । ସେ ଥିଲେ ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବିଧାୟିକା । ବିଧାନସଭାରେ ନାରୀ ଶିକ୍ଷା, ବାଲ୍ୟ ବିବାହ ଆଇନ ସଂଶୋଧନ, ପୋଇଲି ପ୍ରଥା ଉଚ୍ଛେଦ ବିଧାନସଭାରେ ବିଲ୍ ଆଗତ କରି ସଫଳ ହୋଇଥିଲେ । ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ଗ୍ରହଣ କରିବାର ପ୍ରୟାସରେ ସେ ଥିଲେ ପ୍ରଥମ ଓ ଅଗ୍ରଗଣ୍ୟ ମହିଳା । ସେ ବିଧାନସଭାରେ ଗୋଟିଏ ଦିନ ବାଚସ୍ପତି ଦାୟିତ୍ୱ ମଧ୍ୟ ତୁଲାଇଥିଲେ । ସାହିତ୍ୟର ବିଭିନ୍ନ ବିଭାଗ ଗଳ୍ପ, କବିତା, ଅନୁବାଦ, ଜୀବନୀ ପ୍ରବନ୍ଧରେ ସେ ଲେଖନୀ ଚାଳନା କରିଛନ୍ତି । ୧୯୮୬ ମସିହା ଅକ୍ଟୋବର ୪ରେ ୮୨ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା ।

## ଆଜିର ଇତିହାସ

- ୧୯୧୯ - ଆଫଗାନିସ୍ତାନ ବ୍ରିଟେନଠାରୁ ସ୍ୱାଧୀନ ହେଲା ।
- ୧୯୪୯ - ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ହେଲା ।
- ୧୯୭୩- ଫ୍ରାନ୍ସ ପରମାଣୁ ପରୀକ୍ଷା କଲା ।
- ୧୯୭୮ - ଇରାନ୍‌ର ଏକ ସିନେମା ହଲ୍‌ରେ ନିଆଁ ଲାଗିବାରୁ ୪୨୨ ଜଣଙ୍କ ମୃତ୍ୟୁ ।
- ୨୦୦୯ - ଇରାକ୍‌ରେ ସିରିଜ୍ ବୋମା ବିସ୍ଫୋରଣ ଯୋଗୁଁ ୧୦୧ ଜଣ ଲୋକଙ୍କ ପ୍ରାଣହାନି ।

## ବିଶ୍ୱ ମାନବତା ଦିବସ



ମାନବିକତା ଏବଂ ସୌହାର୍ଦ୍ଦପୂର୍ଣ୍ଣ ବ୍ୟବହାର ଯୋଗୁ ମାନବ ସମାଜ ତିଷ୍ଠି ରହିଛି । ଜଣେ ବ୍ୟକ୍ତି ନିର୍ଭିକରେ ରହିବା ପାଇଁ ଆଉ ଜଣଙ୍କର ମାନବିକତା ଲୋଡ଼ା । ମାନବିକତା ହିଁ ସମାଜରେ ସଂସ୍କାର ଆଣେ । ତେଣୁ ଏହି ମାନବିକତାକୁ ଜୀବିତ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୯ ତାରିଖକୁ ବିଶ୍ୱ ମାନବତା ଦିବସ ବା 'ୱାର୍ଲ୍ଡ ହ୍ୟୁମାନିଟାରିଆନ୍ ଡେ' ଭାବେ ପାଳନ କରାଯାଉଛି । ୨୦୦୩ ଅଗଷ୍ଟ ମାସ ୧୯ ତାରିଖରେ ଇରାକ୍‌ର ରାଜଧାନୀ ବାଗଦାଦ୍‌ରେ ବିଭିନ୍ନ ଦେଶର ମୋଟ ୨୧ ଜଣ ମାନବାଧିକାର କର୍ମୀ ପ୍ରାଣ ହରାଇଥିଲେ । ମୃତକଙ୍କ ମଧ୍ୟରେ ଜାତିସଂଘର ସ୍ୱତନ୍ତ୍ର ମହାସଚିବ ସର୍ଗିଓ ଭିଏରା ଡି ମିଲୋ ଥିଲେ । ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାର ଠିକ୍ ପାଞ୍ଚ ବର୍ଷ ପରେ ଜାତିସଂଘର ସାଧାରଣ ପରିଷଦ ଅଗଷ୍ଟ ୧୯ ତାରିଖକୁ ବିଶ୍ୱ ମାନବତା ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲା । ମିଳିତ ଜାତିସଂଘର ସାଧାରଣ ପରିଷଦ ଏହି ଦିବସ ପାଳନ ଜରିଆରେ ସମସ୍ତଙ୍କୁ ଏକାଠି କରିବାର ଉଦ୍ୟମ ଜାରି ରଖିଛି । ଏହାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି, ସଂକଟ ପ୍ରଭାବିତ ଲୋକଙ୍କର ଜୀବନଧାରଣ, କଲ୍ୟାଣ ଓ ସମ୍ମାନକୁ ସମର୍ଥନ କରିବା ଏବଂ ସେମାନଙ୍କୁ ସହାୟତା ପ୍ରଦାନ କରୁଥିବା ଲୋକଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରାଇବା । ମଣିଷ ଯେତେଯେତେ ପ୍ରଗତି ଆଡକୁ ମାଡ଼ିଚାଲିଛି ସେତେସେତେ ସେ ମାନବିକତାଠାରୁ ଦୂରେଇ ଯାଉଛି । ଆଜିକାଲି ଲୋକେ ଅଜଣା ଲୋକଙ୍କୁ ସାହାଯ୍ୟ କରିବା ଅପେକ୍ଷା ତ ଦୂର କଥା ନିଜ ରକ୍ତ ସମ୍ପର୍କୀୟଙ୍କୁ ସାହାଯ୍ୟ ସହାନୁଭୂତି ଯୋଗାଇବା ପାଇଁ କୁଣ୍ଠାବୋଧ କରୁଛନ୍ତି । ଗୋଟିଏ ଦେଶ ମାନବିକତା ଭୁଲି ଅନ୍ୟ ଦେଶ ସହିତ ଯୁଦ୍ଧ କରୁଛି । ସେହିଭଳି ନିଜ ଦେଶରୁ ପ୍ରାଣ ଭୟରେ ପଳାଇ ଆସି ଅନ୍ୟ ଦେଶରେ ଆଶ୍ରୟ ନେଇଥିବା ଶରଣାର୍ଥୀମାନଙ୍କୁ ଅକଥନୀୟ ନିର୍ଯାତନା ଦେଇ ତଡ଼ିଦେବା ଘଟଣା ବିଶ୍ୱରେ ମାନବିକତା ହଜିଗଲାଣି ବୋଲି ହୃଦୟଙ୍ଗମ ହୁଏ । ତଥାପି ମରିନାହିଁ ମାନବିକତା । କିଛି ହାତଗଣତି ଲୋକ ଏହାକୁ ବଞ୍ଚାଇ ରଖିଛନ୍ତି । ବିଶ୍ୱ ମାନବତା ଦିବସ ପାଳନ କରିବାର ଉଦ୍ଦେଶ୍ୟ ସାଧାରଣ ଲୋକଙ୍କ ମଧ୍ୟରେ ମାନବତା ମୂଲ୍ୟବୋଧର ବିକାଶ କରିବା ସହ ଲୋକେ ପରସ୍ପରକୁ ବିପଦଆପଦରେ କିପରି ସାହାଯ୍ୟ ସହଯୋଗ କରିବା ପାଇଁ ଆଗେଇ ଆସିବେ ସେ ଦିଗପ୍ରତି ଅବଗତ କରାଇବା । ତେବେ ବିଶ୍ୱଶାନ୍ତି ତଥା ମାନବତାର ପ୍ରଚାର ପ୍ରସାର କରୁଥିବା କର୍ମୀମାନଙ୍କୁ ସ୍ୱୀକୃତି ଦେବା ତଥା ଏକ୍ଷେତ୍ରରେ କାର୍ଯ୍ୟ କରି ପ୍ରାଣ ହରାଉଥିବା କାର୍ଯ୍ୟକର୍ତ୍ତାଙ୍କୁ ସମ୍ମାନ ଦେବା, ସେମାନଙ୍କ ସ୍ମୃତିଚାରଣ ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ବା ଉଦ୍ଦେଶ୍ୟ ।

## ବିଶ୍ୱ ଫଟୋଗ୍ରାଫି ଦିବସ



ବିନା ଶବ୍ଦ, ବିନା ଭାଷାରେ ଯିଏ କଥା କୁହେ ସେ ହେଉଛି ଫଟୋ । ଏଇ ଫଟୋ ହିଁ ପୁରୁଣା ସ୍ମୃତିକୁ ସାଇତି ରଖିବାର ଏକ ଉତ୍କୃଷ୍ଟ ମାଧ୍ୟମ । ସମୟ ବିତିଯାଏ କିନ୍ତୁ ଅତୀତର ସାଥୀ ହେଇ ରହିଯାଏ ଏଇ ଫଟୋ । ଆଜିର ଡିଜିଟାଲ ଓ ସ୍ମାର୍ଟଫୋନ ଯୁଗରେ ସମସ୍ତେ ଫଟୋଗ୍ରାଫର ସାଜିଥିଲେ ବି ଫଟୋଗ୍ରାଫି ବା ଚିତ୍ରୋତ୍ତୋଳନ ଏଭଳି ଏକ କଳା ଯେଉଁଥିରେ ଆବଶ୍ୟକ ହୋଇଥାଏ ଆବେଗ, ଉତ୍କଣ୍ଠା, କୌତୂହଳ ଓ ସୃଜନଶୀଳତାର ମିଶ୍ରିତ ପ୍ରତିଫଳନ । ଫଟୋକୁ ସାଇତି ରଖିଥିବା ମଣିଷ ହେଉ କି ଫଟୋର ସେହି ସୁନ୍ଦର ମୁହୂର୍ତ୍ତକୁ ଠିକ୍ ସମୟରେ ନିଜ କ୍ୟାମେରା ଲେନ୍ସରେ ତୋଳି ଧରିଥିବା ମଣିଷମାନଙ୍କ ପାଇଁ ବିଶ୍ୱ ଫଟୋଗ୍ରାଫି ଦିବସ ବେଶ୍ ଗୁରୁତ୍ୱ ରଖେ । ଫଟୋଗ୍ରାଫିରେ ସଉକ ରଖିଥିବା ତଥା ଏହି ବୃତ୍ତିକୁ ଆପଣେଇ ନେଇଥିବା ଫଟୋଗ୍ରାଫରମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ମାସର ୧୯ ତାରିଖକୁ 'ବିଶ୍ୱ ଫଟୋଗ୍ରାଫି ଦିବସ' ଭାବରେ ପାଳନ କରାଯାଉଛି । କେବଳ ଯେ, ଡିଏସ୍‌ଏଲ୍‌ଆର୍, ଏସ୍‌ଏଲ୍‌ଆର୍ ଭଳି ବଡ଼ ବଡ଼ କ୍ୟାମେରା କିମ୍ବା ଲେନ୍ସ ବ୍ୟବହାର କରିଦେଲେ ଜଣେ ଭଲ ଫଟୋଗ୍ରାଫର ହୋଇଯିବ ତାହା ନୁହେଁ, ସାଧାରଣ ସ୍ମାର୍ଟଫୋନ୍‌ରେ ବି ଉତ୍କୃଷ୍ଟମାନର ଫଟୋ ଉଠାଇହେବ । ଏଥିପାଇଁ କେବଳ ଆବଶ୍ୟକ ଭିନ୍ନ ଦୃଷ୍ଟିକୋଣ ଓ ଫଟୋଗ୍ରାଫି ଜ୍ଞାନ । ଯୁଦ୍ଧର ଭୟାବହତା ହେଉ କି ଦାଦନ ଶ୍ରମିକଙ୍କ ନିର୍ଯାତନାର ଦୁଃଖ, ଆମାଜନ୍ ଜଙ୍ଗଲର ଆଦିମ ଅଧିବାସୀଙ୍କ ଜୀବନଧାରା ହେଉ କି ହିମାଳୟର ବରଫାଚ୍ଛନ୍ନ ଅଞ୍ଚଳକୁ କ୍ୟାମେରାରେ ସାଇତି ରଖିଥାନ୍ତି ଫଟୋଗ୍ରାଫରମାନେ । ପୂର୍ବରୁ ଲୋକେ ଷ୍ଟୁଡିଓ ଯାଇ ଫଟୋ ଉଠାଉଥିଲେ । ସ୍ମାର୍ଟଫୋନ୍‌ର ଜମାନାରେ ଏବେ ପ୍ରତି ଲୋକଙ୍କ ହାତରେ କ୍ୟାମେରା । ଫଟୋ ଉଠାଇବା ପାଇଁ ଆଉ ଷ୍ଟୁଡିଓ ଯିବାର ଆବଶ୍ୟକତା ନାହିଁ କି କୁଆଡ଼େ ବୁଲି ଗଲାବେଳେ ସାଙ୍ଗରେ କ୍ୟାମେରା ନେଇ ଯିବାର ଲୋଡ଼ା ନାହିଁ । ବର୍ତ୍ତମାନ ଯିଏ ଯୋଉଠି ଚାହୁଁଛି ଫଟୋ ଉଠାଇ ପାରୁଛି ଓ ସେଲ୍‌ଫି ନେଇପାରୁଛି । ୧୮୩୯, ଜାନୁଆରୀ ୯ ତାରିଖରେ ବିଶ୍ୱରେ ପ୍ରଥମ କରି ଫଟୋଗ୍ରାଫି ଆରମ୍ଭ ହୋଇଥିଲା । ଜୋସେଫ୍ ନାଇସଫୋର୍ ଓ ଲୁଇସ୍ ଡାଗୁଏରେ ନାମରେ ଦୁଇ ଜଣ ବୈଜ୍ଞାନିକ 'ଡେଗୁଏରୋଟାଇପ୍ ପ୍ରକ୍ରିୟା'ର ଆରମ୍ଭ କରିଥିଲେ । 'ଡେଗୁଏରୋଟାଇପ୍ ପ୍ରକ୍ରିୟା' ହେଉଛି ଫଟୋଗ୍ରାଫିର ପ୍ରଥମ ପ୍ରକ୍ରିୟା । ଏହି ଉଦ୍ଭାବନର ଘୋଷଣା ଫ୍ରାନ୍ସ ସରକାର ୧୯ ଅଗଷ୍ଟ ୧୮୩୯ ମସିହାରେ କରିଥିଲେ । ଏହାକୁ ମନେ ପକାଇବା ପାଇଁ ପ୍ରତିବର୍ଷ ୧୯ ଅଗଷ୍ଟ ଦିନ 'ୱାର୍ଲଡ୍ ଫଟୋଗ୍ରାଫି ଡେ' ପାଳନ କରାଯାଇଥାଏ । ଏହା ଫଟୋଗ୍ରାଫର୍‌ମାନଙ୍କୁ ବିଭିନ୍ନ କୌଶଳ, ରଚନା ଓ ଶୈଳୀ ସହ ପରୀକ୍ଷାନିରୀକ୍ଷା କରିବାକୁ ଉତ୍ସାହିତ କରିଥାଏ । ତେବେ ୨୦୧୦ରେ ଫଟୋଗ୍ରାଫି ଦିବସ ଲୋକପ୍ରିୟତା ହାସଲ କରିଥିଲା । ଏହି ଦିନ ୨୭୦ ଜଣ ଫଟୋଗ୍ରାଫର୍ ଏକ ବିଶ୍ୱସ୍ତରୀୟ ଏକ ଅନ୍‌ଲାଇନ୍ ଗ୍ୟାଲେରୀରେ ନିଜର ଫଟୋଗୁଡ଼ିକୁ ସେୟାର୍ କରିଥିଲେ । ୧୦୦ରୁ ଊର୍ଦ୍ଧ୍ୱ ଦେଶର ଲୋକେ ଏହି ୱେବ୍‌ସାଇଟ୍ ପ୍ରଦର୍ଶନ କରିଥିଲେ । ଏହି ଦିବସ ପାଳନ ଅବସରରେ ବିଭିନ୍ନ ସଂସ୍ଥା ପକ୍ଷରୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଫଟୋଗ୍ରାଫି ପ୍ରତିଯୋଗିତାମାନ ଆୟୋଜନ କରାଯାଇଥାଏ ।



## ନାଁ ନ ଥିବା ରେଳଷ୍ଟେସନ

ପ୍ରତିଦିନ ଲକ୍ଷାଧିକ ଲୋକ ଟ୍ରେନ୍‌ରେ ଯାତ୍ରା କରିଥାନ୍ତି । ସେହିପରି ପ୍ରତ୍ୟେକ ଷ୍ଟେସନର ନାଁ ଥିବା ସ୍ୱାଭାବିକ କଥା । ହେଲେ ଭାରତରେ ଏମିତି ବି ଏକ ରେଳ ଷ୍ଟେସନ ଅଛି, ଯାହାର କୌଣସି ନାଁ ନାହିଁ । ସେଥିପାଇଁ ଏହା ବେନାମୀ ରେଳ ଷ୍ଟେସନ ଭାବେ ପରିଚିତ । ୨୦୦୮ ମସିହାରୁ ଏହି ଷ୍ଟେସନକୁ ଟ୍ରେନ୍ ଆତଯାତ ଲାଗି ରହିଛି । ପଶ୍ଚିମବଙ୍ଗର ବର୍ଦ୍ଧମାନଠାରୁ ୩୫ କିଲୋମିଟର ଦୂରରେ ଏହା ଅବସ୍ଥିତ । ଏହି ବେନାମୀ ରେଳ ଷ୍ଟେସନକୁ ଦିନ ତମାମ ଅନେକ ଟ୍ରେନ ଆସେ । ତା'ସହ ମାଲବାହୀ ଟ୍ରେନ ବି । ଷ୍ଟେସନର ନାଁ ନ ଥିଲେ ବି ଟିକେଟ୍ କଟାଯାଏ । ବିନା ନାଁର ଏହି ଷ୍ଟେସନ ୧୭ ବର୍ଷ ଧରି ଚାଲୁଛି । ତେବେ ରେଳ ଷ୍ଟେସନର ନାଁ ନ ଥିବା ପଛରେ ଦୁଇଟି ଗାଁର(ରୈନା ଓ ରୈନାଗର) ବିବାଦ ଥିବା କୁହାଯାଏ । ଭାରତୀୟ ରେଳ ପକ୍ଷରୁ ଯେତେବେଳେ ଏହାକୁ ତିଆରି କରାଗଲା, ଏହାର ନାଁ ରୈନାଗର ରଖିଲା । ହେଲେ ସ୍ଥାନୀୟ ଲୋକ ଏହାକୁ ଆପତ୍ତି କଲେ ଏବଂ ଷ୍ଟେସନର ନାଁ ବଦଳାଇବାକୁ କହିଲେ । ମାମଲା ଏତେ ବେଶି ବଢ଼ିଲା ଯେ, ଏହା ଅଦାଲତରେ ପହଞ୍ଚିଲା । ସେବେଠୁ ହିଁ ଏହି ରେଳ ଷ୍ଟେସନ ବିନା ନାଁରେ ଚାଲୁଛି । ଏହି ଷ୍ଟେସନରେ ଫଳକ ଲାଗିଛି, ହେଲେ ଫଳକରେ କୌଣସି ନାଁ ଲେଖାଯାଇ ନାହିଁ । ଅବଶ୍ୟ ଅଜଣା ଲୋକେ ଏଠାକାର ଲୋକଙ୍କୁ ସେମାନେ କେଉଁ ଷ୍ଟେସନରେ ଅଛନ୍ତି ପଚାରି ବୁଝନ୍ତି । ସେହିପରି ଏହି ଷ୍ଟେସନରେ କେବଳ ବାଙ୍କୁଡ଼ା ମାସାଗ୍ରାମ ଯାତ୍ରୀବାହୀ ଟ୍ରେନ୍ ଅଟକି ଥାଏ । ଅନ୍ୟପଟେ ଏହି ଷ୍ଟେସନରେ ବିକ୍ରି ହେଉଥିବା ଟିକେଟ୍‌ରେ ପୁରୁଣା ନାଁ ରୈନାଗର ଲେଖା ଅଛି ।

## 'ଏକ ଚତୁର ନାର'ରେ ଦିବ୍ୟା-ନୀଲ



ଟି-ସିରିଜ୍ ଏବେ ଏକ ନୂଆ ଫିଲ୍ମ ନେଇ ଆସୁଛି । ଏଥିରେ ଦିବ୍ୟା ଖୋସଲା ଓ ନୀଲ ନିତିନ୍ ମୁକେଶ ଲିଡ୍ ରୋଲରେ ନଜର ଆସିବେ । ଇତିମଧ୍ୟରେ ଫିଲ୍ମର ପ୍ରଥମ ଝଲକ ଦର୍ଶକ ଦେଖିବାକୁ ପାଇଛନ୍ତି । ଫିଲ୍ମ ନିର୍ମାତା ଏହାର ଦୁଇଟି ମୋସନ୍ ପୋଷ୍ଟର୍ ଜାରି କରିଛନ୍ତି । ଗୋଟିଏ ପୋଷ୍ଟର୍‌ରେ ଦିବ୍ୟା ଓ ନୀଲ ଗୋଟିଏ ଟେବୁଲ ପାଖରେ ଠିଆ ହୋଇ ରହିଛନ୍ତି । ଟେବୁଲରେ ଟମାଟୋ ଓ କ୍ୟାପ୍ସିକମ୍ ଆଦି ରହିଛି । ଦିବ୍ୟା ବାମ ହାତରେ ଗାଜର କାଟୁଥିବାବେଳେ କ୍ୟାମେରା ଆଡ଼କୁ ଅନାଇଥିବାର ଦେଖାଯାଇଛନ୍ତି । ନୀଲ ହ୍ୟାଫ୍ ଜ୍ୟାକେଟ୍ ପିନ୍ଧି ହାତରେ ବନ୍ଧୁକ ଧରି ନଜର ଆସିଛନ୍ତି । ସେହିଭଳି ଦ୍ୱିତୀୟ ପୋଷ୍ଟରରେ ଦିବ୍ୟା ଆଖିରେ କଳା ଚଷମା ପିନ୍ଧିଛନ୍ତି । ତାଙ୍କ କେଶ ଏକ ଫୋନ୍‌ରେ ଗୁଡ଼ାଇ ହୋଇ ରହିଛି । ଫୋନ୍‌ର ଡିସ୍‌ପ୍ଲେରେ ନୀଲ ଡରିଯାଇଥିବାର ଦେଖାଯାଇଛନ୍ତି । ଫିଲ୍ମର ଟାଇଟଲ ଓ ପୋଷ୍ଟରରୁ ଏହା ଏକ କମେଡି ଡ୍ରାମା ହେବ ବୋଲି ଅନୁମାନ କରାଯାଉଛି । ତେବେ ଫିଲ୍ମର ପୋଷ୍ଟର୍ ସାମ୍ନାକୁ ଆସିବା ପରେ ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି । ଟି-ସିରିଜ୍ ଦ୍ୱାରା ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଉମେଶ ଶୁକ୍ଳା ରହିଛନ୍ତି । ଏହା ୧୨ ସେପ୍ଟେମ୍ବରରେ ପରଦାକୁ ଆସିବ ।

## ଅଭିବାଦନ ପାଇଁ ଚର୍ଚ୍ଚାରେ ପ୍ରଧାନଶିକ୍ଷକ



ପେନସିଲଭାନିଆର ଜଣେ ପ୍ରଧାନଶିକ୍ଷକ ତାଙ୍କର ନିଆରା ଅଭିବାଦନ ଶୈଳୀ ପାଇଁ ଚର୍ଚ୍ଚା ସାଉଁଟୁଛନ୍ତି । ଛାତ୍ରଛାତ୍ରୀଙ୍କ ସହିତ ତାଙ୍କର ସକାଳ ଅଭିବାଦନ ହିଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଲାନକାଷ୍ଟର ସ୍ଥିତ ପ୍ରୋଭିଡେନ୍ସ ଏଲିମେଣ୍ଟାରି ସ୍କୁଲର ପ୍ରଧାନ ଶିକ୍ଷକ ହେଉଛନ୍ତି ଜାକ ବାଉରମାଷ୍ଟର । ସେ ପିଲାମାନେ କ୍ଲାସ୍‌କୁ ପ୍ରବେଶ କରିବା ପୂର୍ବରୁ କାହା ସହିତ ହାତ ମିଳାଇ ତ ପୁଣି କାହାକୁ ହାଇ ଫାଇଭ୍ କରି ସ୍ୱାଗତ କରିଥାନ୍ତି । ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଜଣ ଜଣ କରି ସେ ପ୍ରତ୍ୟେକ ଛାତ୍ରଙ୍କ ସହ ଯେଉଁଭଳି ଭାବେ ଅଭିବାଦନ କରୁଛନ୍ତି, ଲାଗୁଛି ସତେ ଯେପରି ସେ ସେମାନଙ୍କର ଶିକ୍ଷକ ନୁହଁନ୍ତି, ବରଂ ସାଙ୍ଗ । ପ୍ରିନ୍ସିପାଲଙ୍କ ପିଲାଙ୍କ ପ୍ରତି ଏଭଳି ବ୍ୟବହାର ସ୍କୁଲ ପରିବେଶକୁ ଆନନ୍ଦମୟ କରି ଦେଇଛି । ତେବେ ଭିଡିଓର ଶୀର୍ଷକରେ ଲେଖା ଯାଇଛି, "ସ୍କୁଲ ଏପରି ଏକ ସ୍ଥାନ ଯେଉଁଠି ସମ୍ପର୍କ ତିଆରି ହୁଏ, ତେଣୁ ପିଲାଙ୍କ ହୃଦୟ ଜିତିବାକୁ ସେମାନଙ୍କ ଭଳି ହେବାକୁ ପଡ଼ିବ ।" ଅବଶ୍ୟ ପ୍ରଧାନଶିକ୍ଷକଙ୍କ ଏଭଳି କାର୍ଯ୍ୟ ପିଲାଙ୍କୁ ସ୍କୁଲ ଯିବା ଲାଗି ଏକପ୍ରକାର ଉତ୍ସାହିତ କରିପାରିଛି । ଅନ୍ୟପଟେ ପ୍ରଧାନଶିକ୍ଷକଙ୍କ ଏହି ସ୍ୱଭାବକୁ ଲୋକମାନେ ଖୁବ୍ ପସନ୍ଦ କରିବା ସହ ପ୍ରଶଂସା କରୁଛନ୍ତି ।

## ଦରମା ମିଳିବାର ପାଞ୍ଚ ମିନିଟ୍‌ରେ ଦେଲେ ଇସ୍ତଫା




ପ୍ରଥମ ଦରମା ମିଳିବାର ପାଞ୍ଚ ମିନିଟ୍ ମଧ୍ୟରେ କେହି କେବେ ଚାକିରିରୁ ଇସ୍ତଫା ଦେବା କଥା ଚିନ୍ତା କରି ନ ଥିବେ । ତେବେ ଏମିତି ଏକ ଘଟଣା ଘଟିଛି । ଯାହାକି ସମସ୍ତଙ୍କର ଦୃଷ୍ଟିଆକର୍ଷଣ କରିଛି । ଜଣେ ଭାରତୀୟ ଏଚ୍‌ଆର୍ ପ୍ରଫେସନାଲ ଲିଙ୍କଡ୍‌ଇନ୍ ପୋଷ୍ଟରେ ଏହି ଘଟଣା ବାବଦରେ ସେୟାର୍ କରିଛନ୍ତି । ଏଥିରେ ଜଣେ ଯୁବକଙ୍କୁ ପ୍ରଥମ ଦରମା ମିଳିବାର ପାଞ୍ଚ ମିନିଟ୍ ପରେ ସେ ଇସ୍ତଫା ଦେଇଥିବା କଥା କୁହାଯାଇଛି । ସମ୍ପୃକ୍ତ ଏଚ୍‌ଆର୍ କହିଛନ୍ତି, ସକାଳ ୧୦ଟାରେ ଉକ୍ତ କର୍ମଚାରୀଙ୍କ ସାଲାରି କ୍ରେଡିଟ୍ ହୋଇଥିଲା ଏବଂ ୧୦ଟା ୫ରେ ସେ ତାଙ୍କର ଇସ୍ତଫାପତ୍ର ମେଲ୍‌କୁ ପଠାଇ ଦେଇଥିଲେ । ଏହା କେତେ ଦୂର ଠିକ୍ ବୋଲି ଏଚ୍‌ଆର୍ ପ୍ରଶ୍ନ କରିଛନ୍ତି । ସମ୍ପୃକ୍ତ ଏଚ୍‌ଆର୍ କହିଛନ୍ତି, 'କମ୍ପାନି ଏହି କର୍ମଚାରୀଙ୍କୁ ନିଯୁକ୍ତି ସୁଯୋଗ ଦେଲା, ତାଙ୍କ ଉପରେ ଭରସା କଲା ଏବଂ ତାଙ୍କୁ ତାଙ୍କ କ୍ୟାରିୟର୍‌ରେ ଆଗକୁ ବଢ଼ିବାର ସୁଯୋଗ ଦେଲା । କେବଳ ସେତିକି ନୁହେଁ, ତାଙ୍କୁ ଟିମ୍‌ରେ ସାମିଲ କରାଯାଇ ସପ୍ତାହେ ପର୍ଯ୍ୟନ୍ତ ଟ୍ରେନିଂ ମଧ୍ୟ ଦିଆଗଲା । ଏତେ ସବୁ କରାଯିବା ପରେ ପାଞ୍ଚ ମିନିଟ୍‌ରେ ଚାକିରି ଛାଡ଼ିବା କ'ଣ ନୈତିକତା ଦୃଷ୍ଟିକୋଣରୁ ଠିକ୍!' ସେହିପରି ଏଚ୍‌ଆର୍ ଜଣକ ଆହୁରି କହିଛନ୍ତି, 'ଯଦି କାମ କି ପରିବେଶ ଠିକ୍ ନ ଲାଗେ, କର୍ମଚାରୀ ଖୋଲାଖୋଲି ଭାବେ ଆଲୋଚନା କରିବା ଦରକାର । ଭାବିଚିନ୍ତି କମ୍ପାନିରୁ ବାହାରିବା ଉଚିତ । କୌଣସି ଚାକିରି ସହଜ ହୋଇ ନ ଥାଏ । ପ୍ରତ୍ୟେକ ଚାକିରିରେ ଧୈର୍ଯ୍ୟ ଓ ପରିଶ୍ରମର ଆବଶ୍ୟକତା ଥାଏ ।' ପ୍ରକୃତ ଉନ୍ନତି ପ୍ରଥମ ଦରମାରେ ନୁହେଁ, ଲଗାତାର ପ୍ରଚେଷ୍ଟା ଓ ଧୈର୍ଯ୍ୟରୁ ଆସିଥାଏ ବୋଲି ଏଚ୍‌ଆର୍ ଜଣକ କହିଛନ୍ତି । ଅନ୍ୟପଟେ ଏହି ଘଟଣାକୁ ନେଇ କିଛି ଲୋକ ଏଚ୍‌ଆର୍‌ର ପକ୍ଷରେ ଥିବାବେଳେ ଆଉ କେତେ ଜଣ ସମ୍ପୃକ୍ତ ଯୁବକଙ୍କୁ ସମର୍ଥନ କରିଛନ୍ତି ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ସାମାଜିକ ପ୍ରତିଷ୍ଠା ବଢ଼ିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ । ଆର୍ଥିକ ମାମଲାରେ ସୁଧାର ଆସିବ । ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ପାରିବାରିକ ଜୀବନ ସୁଖମୟ ହେବ । ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ମନ ପ୍ରସନ୍ନ ରହିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ରାଜନୀତିରେ ସାମିଲ ହେବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ବୈବାହିକ ଜୀବନରେ ସମସ୍ୟା ଆସିବ । ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି । ଧାରକରଜକୁ ଦୂରେଇ ରହିବେ । ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ବିଛା:** କର୍ମଚଞ୍ଚଳ ରହିବେ । ମନ ପ୍ରଫୁଲ୍ଲିତ ରହିବ । ଆୟଠୁ ବ୍ୟୟ ଅଧିକ ହେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଘର ପାଇଁ ନୂଆ ଜିନିଷ କିଣିବେ । କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାର୍ମିକ କାର୍ଯ୍ୟ କରିବେ । ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ । ଖେଳାଳିଙ୍କୁ ସଫଳତା ମିଳିବ । ବ୍ୟବସାୟରେ କ୍ଷତି ଘଟିବ ।

**କୁମ୍ଭ:** ନିବେଶରୁ ଲାଭ ମିଳିବ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

**ଫକୀରମୋହନ କଲେଜ ଛାତ୍ରୀ ଆତ୍ମଦାହ ଘଟଣା**

## ସମୀର ସାହୁଙ୍କୁ ୩ ଦିନିଆ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ



ଭୁବନେଶ୍ୱର/ବାଲେଶ୍ୱର,୧୮ ।୮ (ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଘଟଣାରେ କ୍ରାଇମବ୍ରାଞ୍ଚ ଆଜି ମୁଖ୍ୟ ଅଭିଯୁକ୍ତ ପ୍ରଫେସର୍ ସମୀର ସାହୁଙ୍କୁ ତିନିଦିନିଆ ରିମାଣ୍ଡରେ ନେଇଛି। ସମୀରଙ୍କଠାରୁ ଘଟଣା ବାବଦରେ ଅଧିକ ତଥ୍ୟ ହାସଲ ପାଇଁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୋର୍ଟରେ ତିନିଦିନିଆ ରିମାଣ୍ଡ ଆବେଦନ କରାଯାଇଥିଲା। କୋର୍ଟ ଏହାକୁ ମଞ୍ଜୁର କରିଛନ୍ତି। ତଦନୁଯାୟୀ, ଆଜିଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ତାଙ୍କୁ ରିମାଣ୍ଡରେ ନେଇ ପଚରାଉଚରା ଆରମ୍ଭ କରିଛି। ଆଜି ପ୍ରଥମ ଦିନରେ କ୍ରାଇମବ୍ରାଞ୍ଚ ସମୀରଙ୍କୁ ଗୁଡ଼େଇ ତୁଡ଼େଇ ବିଭିନ୍ନ ପ୍ରଶ୍ନ କରିଛି। ସୂଚନାନୁଯାୟୀ, ସମୀର ଗିରଫ ହେବା ପରେ ତାଙ୍କୁ ୧୪ଦିନିଆ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ତାଙ୍କ ପକ୍ଷରୁ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ଗତ ୧ତାରିଖରେ ଜାମିନ ଆବେଦନ କରାଯାଇଥିଲା। ହେଲେ କ୍ରାଇମବ୍ରାଞ୍ଚ ପକ୍ଷରୁ ଆବଶ୍ୟକ ସିଡି ଦାଖଲ କରାଯାଇନଥିବା କାରଣରୁ ଜାମିନ ଆଦେବନ ଉପରେ ଶୁଣାଣି ହୋଇପାରିନଥିଲା। ସୋମବାର ସମୀରଙ୍କ ଜାମିନ ଆବେଦନ ଉପରେ ଶୁଣାଣି ହୋଇଛି। ଏହି ସମୟରେ କ୍ରାଇମବ୍ରାଞ୍ଚ ତାଙ୍କୁ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିଲା।

# ଅବପାତରେ ପରିଣତ ହେଲା ଲଘୁଚାପ

ଭୁବନେଶ୍ୱର,୧୮।୮(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପ ଓ ପରେ ଅବପାତରେ ପରିଣତ ହୋଇଛି। ବର୍ତ୍ତମାନ ଏହା ପଶ୍ଚିମ କେନ୍ଦ୍ରୀୟ ଓ ତତ୍‌ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ

**■ ୭ ଜିଲ୍ଲାକୁ ପ୍ରବଳ ବର୍ଷା ସତର୍କତା**
**■ ୨୪ ବେଳକୁ ପୁଣି ଏକ ଲଘୁଚାପ**



ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡିଶା ଉପକୂଳରେ ସକ୍ରିୟ ରହିଥିବା ବେଳେ ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ମଙ୍ଗଳବାର ସକାଳେ ଅବପାତଟି ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡିଶା ଦେଇ ଗତି କରିବ। ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଆକଳନ କରାଯାଇଛି। ଏଥିପାଇଁ ମଙ୍ଗଳବାର ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବଲାଙ୍ଗିର ଓ ରାୟଗଡ଼ା ପାଇଁ ପ୍ରବଳରୁ ଅତି ପ୍ରବଳ ଜନିତ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପଟେ ରାଜ୍ୟର ଅନ୍ୟସ୍ଥାନରେ ଧୀରେ ଧୀରେ ବର୍ଷାର ପ୍ରଭାବ ହ୍ରାସ ପାଇବାର ସମ୍ଭାବନା ରହିଛି। ମାତ୍ର ପୁଣି ୨୩-୨୪ ବେଳକୁ ଆଉ ଏକ ଲଘୁଚାପ ସମ୍ଭାବନା ଥିବାରୁ ରାଜ୍ୟରେ କ୍ରମାଗତ ଭାବେ ବର୍ଷା ଜାରି ରହିବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳ ସାଗର ପ୍ରବଳ ଅଶାନ୍ତ ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

ଲଗାଣ ବର୍ଷା ଯୋଗୁଁ ଦକ୍ଷିଣ ଓଡ଼ିଶା ବ୍ୟାପକ ପ୍ରଭାବ ପଡ଼ିଛି। ବିଶେଷକରି ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅତ୍ୟଧିକ ବର୍ଷା ଯୋଗୁଁ ମାଲାକାନଗିରିରୁ ମୋଟୁକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ପୋଲ ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହ ୯ଟି ସ୍ଥାନରେ ପ୍ରବଳ ଓ ଗୋଟିଏ ସ୍ଥାନରେ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଥିବା ବେଳେ କୋରାପୁଟ କୋଟପାଡ଼ର ସର୍ବାଧିକ ୧୩୩ ମିମି ବର୍ଷା ରେକର୍ଡ କରାଯାଇଛ। କୋରାପୁଟରେ ମଧ ଆଜି ସାଢ଼େ ୫ଟା ସୁଦ୍ଧା ୬୪ ମିମି ବର୍ଷା ରେକର୍ଡ ହୋଇଛି। ପାରଳାଖେମୁଣ୍ଡିରେ ୪୯ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ନବରଙ୍ଗପୁରରେ ୩୩ ମିମି ବର୍ଷା ରେକର୍ଡ ହୋଇଛି।

ଲଘୁଚାପ ବର୍ଷା ଭିତରେ ମୌସୁମୀ ଋତୁ ଅର୍ଥାତ୍ ଜୁନ୍ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୭୨୬ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ସୁଦ୍ଧା ସ୍ୱାଭାବିକ ବର୍ଷା ୭୭୨.୮ ମିମି ତୁଳନାରେ ରାଜ୍ୟରେ ୬ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି। ୨୦ ଜିଲ୍ଲାରେ ସ୍ୱାଭାବିକ ବର୍ଷା, ୨ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ଏବଂ ୮ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି।

## ଆଇଇଡି ବିସ୍ଫୋରଣରେ ଯବାନ ସହିଦ ,୩ ଆହତ



ମାଲକାନଗିରି,୧୮ ।୮ (ସମିସ): ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବିସ୍ଫୋରଣରେ ଜଣେ ଯବାନ ସହିତ ହୋଇଥିବା ବେଳେ ୩ଜଣ ଯବାନ ଗୁରୁତର ଆହତ ହୋଇଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ଜାତୀୟ ଉଦ୍ୟାନ ଅଞ୍ଚଳରେ ମାଓବିରୋଧୀ ଅଭିଯାନ ବେଳେ ଆଜି ଏହି ଅଘଟଣ ଘଟିଛି। ସହିଦ ଯବାନଜଣଙ୍କ ହେଲେ, ଦିନେଶ ନାଗ। ସେହିପରି ଅନ୍ୟ ୩ ଆହତ ଯବାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ରାୟପୁର ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିପଦମୁକ୍ତ ଥିବା ଜଣାଯାଇଛି।

ସୂଚନାନୁଯାୟୀ, ବିଜାପୁର ଜିଲ୍ଲାର ଜାତୀୟ ଉଦ୍ୟାନ ଅଞ୍ଚଳରେ ମାଓ ଗତିବିଧି ସଂପର୍କରେ ଖବର ପାଇ ଗତକାଲି ଡିଆରଜି ଯବାନଙ୍କ ଏକ ଦଳ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲା। ଆଜି ସକାଳେ ମଧ ସନ୍ଧାନ ଚାଲିଥିବା ବେଳେ ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଆଇଇଡି ବିସ୍ଫୋରଣ ହୋଇଥିଲା। ଏଥିରେ ଯବାନ ଦିନେଶ ସହିଦ ହୋଇଥିବା ବେଳେ ଅନ୍ୟ ୩ ଯବାନ ଆହତ ହୋଇଥିଲେ। ଏହି ଘଟଣା ପରେ, ସୁରକ୍ଷା ବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ୍‌କୁ ଜୋରଦାର୍ କରାଯାଇଛି।

## ଗଣେଶ ଚତୁର୍ଥୀ ପୂର୍ବରୁ 'ନିଗମ' ଲଡ୍ଡୁ!

ଭୁବନେଶ୍ୱର,୧୮।୮(ସମିସ): ଗଣେଶ ଚତୁର୍ଥୀ ଓ ନୂଆଖାଇ ପୂର୍ବରୁ ଦଳୀୟ ଆଶାୟୀଙ୍କୁ ବିଜେପି ଦେବ ଉପହାର । ନିଗମ, ବୋଡର୍‌ରେ କିଛି ନେତାଙ୍କୁ ଥଇଥାନ କରାଯିବ। ଏଥିନିମନ୍ତେ ଆପାତତଃ ଚୂଡ଼ାନ୍ତ କୁହାଯାଉଥିବା ନାମ ସୂଚୀ ଧରି ସୋମବାର ପୁଣି ଦିଲ୍ଲୀ ଗସ୍ତରେ ଯାଇଛନ୍ତି ରାଜ୍ୟ ବିଜେପି

**■ ତାଲିକା ଧରି ଦିଲ୍ଲୀ ଗଲେ ମନମୋହନ**
**■ ଦିଲ୍ଲୀ ବୈଠକରେ ଚୂଡ଼ାନ୍ତ ହେବ ନାମ**

ସଭାପତି ମନମୋହନ ସାମଲ। ସଭାପତି ଭାବେ ଦାୟିତ୍ୱ ନେବା ପରେ ମନମୋହନ ବାରମ୍ବାର ଦିଲ୍ଲୀ ଗସ୍ତ କରୁଥିବା ବେଳେ ଆଜିର ଗସ୍ତକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ବିଶେଷକରି ମନମୋହନଙ୍କ ଏହି ଗସ୍ତ ରାଜ୍ୟ ବିଜେପି ପଦାଧିକାରୀ କମିଟି ଏବଂ ବୋର୍ଡ, ନିଗମ ନିଯୁକ୍ତି ନେଇ ଉଦ୍ଦିଷ୍ଟ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଦିଲ୍ଲୀରେ ଦଳର ଶୀର୍ଷ ନେତୃତ୍ୱ, ରାଜ୍ୟର ସାଂସଦମାନଙ୍କ ସହ ଆଲୋଚନା ପରେ ଏ ନାମଗୁଡ଼ିକ ଚୂଡ଼ାନ୍ତ ହେବ ବୋଲି କୁହାଯାଉଛି।

ସୋମବାର ମନମୋହନ ଦିଲ୍ଲୀରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ଅବସରରେ ଓଡ଼ିଶା ସମ୍ପର୍କରେ ଏକାଧିକ ପ୍ରସଙ୍ଗରେ ଶ୍ରୀ ଶାହାଙ୍କ ସହ ମନମୋହନ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ଉପରାଷ୍ଟ୍ରପତି ନିର୍ବାଚନ ସହ ରାଜ୍ୟରେ ବିଜେପି ସାଂଗଠନିକ ସମ୍ପ୍ରସାରଣ ଏବଂ ନିଗମ, ବୋର୍ଡ ନିଯୁକ୍ତି ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି। ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାରଙ୍କ ସୂଚନା ଅନୁଯାୟୀ ଓଡ଼ିଶାରେ ନିଗମ ଓ ବୋର୍ଡରେ ନିଯୁକ୍ତି ଲାଗି ଇତିମଧ୍ୟରେ ୨-୩ଟି ବୈଠକ ମଧ ବସିସାରିଲାଣି। ଆଗକୁ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଓ ସେ ନିଜେ ଏନେଇ ରାଜ୍ୟ ବିଜେପି କୋର କମିଟି ସହ ଆଲୋଚନା କରିବେ। ଅତଏବ କୋର କମିଟି ସଦସ୍ୟଙ୍କ ସହ ବ÷÷ଠକ ପୂର୍ବରୁ ମନମୋହନଙ୍କ ଆଜିର ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ମନମୋହନଙ୍କ ଏହି ଗସ୍ତ ଅବସରରେ ନିଗମ, ବୋର୍ଡ ନିଷ୍ପତ୍ତି ଚୂଡ଼ାନ୍ତ ହେବା ଏକରକମ ଧାର୍ଯ୍ୟ ବୋଲି ବିଜେପିର ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଅପରପକ୍ଷେ ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନ ସଂକ୍ରାନ୍ତରେ ମନମୋହନ ରାଜ୍ୟ ବିଜେପି ସାଂସଦମାନଙ୍କ ସହ ଆଲୋଚନା କରିବେ ବୋଲି ମଧ ସୂଚନା ମିଳିଛି ।

**■ ମହଙ୍ଗା ପଡ଼ିଲା ଦେବୋତ୍ତର ସମ୍ପତ୍ତି ପଞ୍ଜୀକରଣ**

## ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାରଙ୍କୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର, ୧୮ ।୮(ସମିସ): ବୈଧ ଅନୁମତି ବିନା ଦେବୋତ୍ତର ସମ୍ପତ୍ତି ପଞ୍ଜୀକରଣ କରିବା ମହଙ୍ଗା ପଡ଼ିଛି। ଏଥିପାଇଁ ଖଣ୍ଡଗିରି ସବ୍-ରେଜିଷ୍ଟ୍ରାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ଇନ୍ସପେକ୍ଟର୍ ଜେନେରାଲ ଅଫ୍ ରେଜିଷ୍ଟ୍ରେସନ୍(ଆଇଜିଆର୍) । ୭ ଦିନ ମଧ୍ୟରେ ଜବାବ ରଖିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**୭ ଦିନରେ ଜବାବ ଦେବାକୁ ନିର୍ଦ୍ଦେଶ**

ସୂଚନାନୁସାରେ, ଉତ୍ତର ମୁଣ୍ଡମୁହାଁଣର ଶିବାନୀ ଶଙ୍କର ରଥ କାଶୀପୁର ମୌଜାରେ ଥିବା ଠାକୁରଙ୍କ ସମ୍ପତ୍ତିର ସ୍ୱତ୍ୱ ପରିବର୍ତ୍ତନ କରି ଦେଇଥିଲେ। ଜାଲିଆତି କରି ଉକ୍ତ ଜମିର ଆରଓଆର୍ ପ୍ରସ୍ତୁତ କରି ତାହା ସ୍ଥିତିବାନ ଜମି ବୋଲି ଦର୍ଶାଇଥିଲେ। ପରେ ନିଜ ପତ୍ନୀ ଜୟନ୍ତୀ ପୁଷ୍ପାଳକ ସମେତ ୮ ଜଣଙ୍କୁ ଉକ୍ତ ଜମିକୁ ବିକ୍ରି କରିଦେଇଥିଲେ। ଦେବୋତ୍ତର କମିସନରଙ୍କ ଅନୁମତି ଆଣିବା ପରିବର୍ତ୍ତେ ଜାଲିଆତି କରି ବିକ୍ରି କରିଦେଇଥିଲେ। ଖଣ୍ଡଗିରି ସବ୍-ରେଜିଷ୍ଟ୍ରାର ଅର୍ଚ୍ଚନା ଗୌଡ଼ଙ୍କ ଅଭିଯୋଗ ଆଧାରରେ ବଡ଼ଗଡ଼ ପୁଲିସ ଶିବାନୀ ଓ ପତ୍ନୀ ଜୟନ୍ତୀଙ୍କୁ ଗିରଫ କରିଥିଲା। ତେବେ ଖଣ୍ଡଗିରି ସବ୍ ରେଜିଷ୍ଟ୍ରାର କାହିଁକି ଆରଓଆର୍ (ରେକର୍ଡ ଅଫ୍ ରାଇଟ୍ସ) ଯାଞ୍ଚ ନକରି ଜମି ପଞ୍ଜୀକରଣ କରିଥିଲେ, ସେନେଇ ଆଇଜିଆର୍ ପ୍ରଶ୍ନ କରିଛନ୍ତି। ପଞ୍ଜୀକରଣ ଆକ୍ଟ ୧୯୦୮ ର ଧାରା ୨୨(ଏ) ଉଲଙ୍ଘନ କରିଥିବାରୁ କାହିଁକି ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ଲିଖିତ ଉତ୍ତର ଦେବାକୁ କହିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଜବାବ ରଖିବାକୁ ଆଇଜିଆର୍ ନିର୍ଦ୍ଦେଶ ଦେଇଛନ୍ତି।

**ନବୀନଙ୍କ ସହ ସାକ୍ଷାତ ନ କରାଇଦେବା ଗୁଜବ**

## ଭିତରକୁ ନ ଯିବାକୁ ଡାକ୍ତର ଅନୁରୋଧ କରିଥିଲେ: ଭକ୍ତ

ଭୁବନେଶ୍ୱର,୧୮।୮(ସମିସ): ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିବାରେ ବାରଣ କରାଯିବା ସଂକ୍ରାନ୍ତ ଗୁଜବରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। ବିଭିନ୍ନ ଗଣମାଧ୍ୟମରେ ନବୀନଙ୍କ ସହ ତାଙ୍କୁ ଭେଟାଇ ନ ଦେବା ନେଇ ଯାହା ପ୍ରଚାର ହେଉଛି ତାହା ସମ୍ପୂର୍ଣ୍ଣ ନିରାଧାର ବୋଲି ଭକ୍ତ କହିଛନ୍ତି । ସୋମବାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ଭକ୍ତ କହିଛନ୍ତି ଯେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଅସୁସ୍ଥତା ଖବର ଶୁଣି ସେ ହସ୍ପିଟାଲକୁ ଯାଇଥିଲେ। ଆଇସିୟୁ ନିକଟରେ ଗୋଟିଏ କୋଠରୀରେ ବିଜେଡି ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁଙ୍କ ସମେତ ଅନ୍ୟାନ୍ୟ ନେତାମାନେ ଉପସ୍ଥିତ ଥିଲେ। ସେ ଯାଇ ସେଠାରେ ବସିଥିଲେ। ହସ୍‌ପିଟାଲର କିଛି ଡାକ୍ତର ଓ ଅଧୀକ୍ଷକ ସେଠାକୁ ଆସି ସେମାନଙ୍କୁ ନବୀନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେ ଆଇସିୟୁକୁ ଯିବାକୁ ଚାହିଁବାରୁ ଡାକ୍ତରମାନେ ତାଙ୍କୁ ଆଇସିୟୁ କୋଠରୀ ପର୍ଯ୍ୟନ୍ତ ତାଙ୍କୁ ନେଇ ଯାଇଥିଲେ। ମାତ୍ର ଭିତରକୁ କାହାରିକୁ ଛଡ଼ାଯାଉ ନାହିଁ ଓ ଜଣେ ବ୍ୟକ୍ତି ଗଲେ ଅନ୍ୟମାନେ ମଧ ଯିବା ପାଇଁ ଜିଦି କରିବେ ବୋଲି ଡାକ୍ତରମାନେ ଅତ୍ୟନ୍ତ ନମ୍ରତାର ସହ କହିବାରୁ ସେ ଆଇସିୟୁକୁ ଯାଇ ନ ଥିଲେ। ତେବେ ନବୀନ ବାବୁ ଭଲ ଅଛନ୍ତି। ବିରୋଧୀ ରାଜନୈତିକ କାର୍ଯ୍ୟ ଅଲଗା କଥା। ତାଙ୍କର ମହତ୍ୱ ବହୁତ ଅଛି। ଓଡ଼ିଶାରେ ସେ ଜଣେ ମହାନ ବ୍ୟକ୍ତିତ୍ୱ। ତାଙ୍କୁ ସମ୍ମାନ ଦେବା ଓ ଭଲମନ୍ଦ ଜଣିବା ପ୍ରଦେଶ କଂଗ୍ରେସ କମିଟିର କର୍ତ୍ତବ୍ୟ। ସେ ଦୃଷ୍ଟିକୋଣରୁ ଜଣେ ସାଂଗଠନିକ ମୁଖ୍ୟ ଭାବେ ସେ ହସ୍ପିଟାଲକୁ ଯାଇଥିଲେ ବୋଲି ଭକ୍ତ କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ସେ ସେଠାରେ ବସିଥିବା ସମୟରେ ସୁଜାତା କାର୍ତ୍ତିକେୟନ ଆସିଥିଲେ ଓ ମୋତେ ଅତ୍ୟନ୍ତ ସମ୍ଭ୍ରମତାର ସହ ନବୀନଙ୍କ ସ୍ୱାସ୍ଥ୍ୟ, ଚିକିତ୍ସା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସମୟରେ ଭି.କେ.ପାଣ୍ଡିଆନ ଆସିଥିଲେ ଓ ମୋ ସହ ମଧ ଅତ୍ୟନ୍ତ ସମ୍ମାନର ସହ କଥା ହୋଇଥିଲେ।

## ଭିଜିଲାନ୍ସ ଜାଲରେ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ

ଭୁବନେଶ୍ୱର/ଅନୁଗୁଳ/ରାଉରକେଲା,୧୮ ।୮ (ସମିସ): ଭିଜିଲାନ୍ସ ଜାଲରେ ଫସିଛନ୍ତି ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା। ଆୟ ବହିର୍ଭୂତ ସମ୍ପତ୍ତି ଅଭିଯୋଗରେ ଭିଜିଲାନ୍ସ ଯନ୍ତ୍ରୀ ସୁରେନ୍ଦ୍ରଙ୍କ ଅଫିସ ସମେତ ଏକକାଳୀନ ୮ଟି ସ୍ଥାନରେ ଚଢ଼ଉ କରାଯାଇଛି। ସୁନ୍ଦରଗଡ଼ ଟାଉନ୍‌ରେ ଥିବା ୩ ତାଲା ଘର, ରାଉରକେଲା ଗୋପବନ୍ଧୁ ନଗରରେ ଥିବା ଦୁଇ ତାଲା ଘର, ଭୁବନେଶ୍ୱର

**■ ଏକକାଳୀନ ୮ଟି ସ୍ଥାନରେ ଚଢ଼ଉ, କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ**
**■ ଘରୁ ୧.୨୫ ଲକ୍ଷ ନଗଦ ଟଙ୍କା ଜବତ, ଆକାଉଣ୍ଟରେ ରହିଛି ୫୨ଲକ୍ଷ**

ଘାଟିକିଆ ଫେ-୩ରେ ଥିବା ୨ଟି ଫ୍ଲାଟ, ଗଞ୍ଜାମ ପୁରୁଷୋତ୍ତମପୁରରେ ଥିବା ପୈତୃକ ବାସଭବନ, ଗଞ୍ଜାମ, ପୁରୁଷୋତ୍ତମପୁର ବେହେରା ସାହିରେ ଥିବା ଶଶୁର ଘର, ଅନୁଗୁଳରେ ଥିବା ସରକାରୀ କ୍ୱାର୍ଟର୍ସ ଏବଂ ଅଫିସ ରୁମ୍‌ରେ ଚଢ଼ଉ କରିଥିଲା ଭିଜିଲାନ୍ସ। ଚଢ଼ଉ ବେଳେ ତାଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରିଛନ୍ତି ଭିଜିଲାନ୍ସ ଟିମ୍। ତାଙ୍କ ଘରୁ ନଗଦ ୧.୨୫ଲକ୍ଷ ଟଙ୍କା ଜବତ ହୋଇଥିବାବେଳେ ବ୍ୟାଙ୍କ୍ ଏବଂ ଇନ୍ସୁରାନ୍ସରେ ସେ ୫୧ଲକ୍ଷ ୯୭ ହଜାର ୩୪୦ ଟଙ୍କା ରଖିଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି। ତାଙ୍କ ଘରେ ୧୭.୪୩ଲକ୍ଷ ଟଙ୍କାର ଆସବାବପତ୍ର ରହିଥିବା ଭିଜିଲାନ୍ସ ପ୍ରକାଶ କରିଛି। ଏଥିସହ ଭୁବନେଶ୍ୱର ଘାଟିକିଆ ଆକ୍ସିସ୍ ବ୍ୟାଙ୍କ୍ ଶାଖାରେ ଗୋଟିଏ ଲକର୍ ରହିଛି। ଏହି ଲକ୍‌ର ତାଙ୍କ ଜଣେ ଘନିଷ୍ଠ ସମ୍ପର୍କୀୟ ନାମରେ ରହିଛି। ଏଥିରେ ସୁନାଗହଣା ରହିଥିବା ସନ୍ଦେହ କରାଯାଉଥିବାରୁ ଏହାକୁ ଖୋଜିବା ପ୍ରକ୍ରିୟା ଆରମ୍ଭ କରିଛି ଭିଜିଲାନ୍ସ।

ଏହି ଚଢ଼ଉରେ ୩ ଜଣ ଡିଏସପି, ୧୦ ଜଣ ଇନ୍ସପେକ୍ଟର, ୪ ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ। ତାଙ୍କ ନାମରେ ସୁନ୍ଦରଗଡ଼ ଟାଉନରେ ୧.୧୧କୋଟିର ଗୋଟିଏ ୩ ତାଲା କୋଠା ରହିଛି। ଗୋପବନ୍ଧୁନଗର ଏମ୍/୨୦ରେ ଗୋଟିଏ ଦୁଇ ତାଲା କୋଠା ରହିଥିବା ବେଳେ ଘାଟିକିଆ ଫେଜ୍-୩ ଅରୋଭିଲାରେ ଦୁଇଟି ଫ୍ଲାଟ୍ ରହିଛି। ତାଙ୍କ ନାମରେ ସୁନ୍ଦରଗଡ଼ରେ ଗୋଟିଏ, ରାଉରକେଲାରେ ଗୋଟିଏ ଏବଂ ଗଞ୍ଜାମ ପୁରୁଷୋତ୍ତମପୁରରେ ୨ଟି ପ୍ଲଟ୍ ରହିଛି। ଏହି ସବୁ ପ୍ଲଟ୍‌ର ମୂଲ୍ୟ ଆକଳନ କରୁଛି ଭିଜିଲାନ୍ସର ଟେକ୍ନିକାଲ ଟିମ୍।



ସୁନ୍ଦରଗଡ଼ ଆଇଟିଡିଏରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବରେ ୨୦୧୬ ରୁ ୨୦୨୨ ପର୍ଯ୍ୟନ୍ତ ଅବସ୍ଥାପିତ ଥିଲେ ସୁରେନ୍ଦ୍ର ବେହେରା। ସେହି ସମୟରେ ବି ତାଙ୍କ ବିରୁଦ୍ଧରେ ଅନେକ ଦୁର୍ନୀତିର ଅଭିଯୋଗ ହୋଇଥିଲା। ସମସ୍ତ ବିଭାଗୀୟ କାର୍ଯ୍ୟ ନିଜେ ଠିକା କରିବା ସହ ଅନେକ ପୁରୁଣା କାମରେ ଚୂନ ମାରି ନୂଆ କାମ ଦେଖାଇ କୋଟି କୋଟି ଟଙ୍କା ବିଲ କରି ଉଠାଇ ନେବା ଭଳି ଅଭିଯୋଗ ରହିଥିଲା। ଏହାପରେ ତତ୍କାଳୀନ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣଙ୍କ ନିର୍ଦ୍ଦେଶରେ ତଦନ୍ତ ଚାଲିଥିବାବେଳେ ତାଙ୍କ ବଦଳି ହୋଇଥିଲା। ଏହାପରେ ସେ ଭିଜିଲାନ୍ସ ସ୍କାନରକୁ ଆସିଥିଲେ। ସେପଟେ ତାଙ୍କ ଉପରେ ଲାଗିଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ତାଙ୍କୁ ଫଶାଇ ଦିଆଯାଇଥିବା ଅଧୀକ୍ଷଣ ଯନ୍ତ୍ରୀ କହିଛନ୍ତି।

## ପତ୍ନୀହନ୍ତାକୁ ଆଜୀବନ ଜେଲ୍

ଭଦ୍ରକ, ୧୮ ।୮ (ସମିସ): ଭଦ୍ରକ ଅତିରିକ୍ତ ଜିଲ୍ଲା ତଥା ଦୌରା ଜଜ ପ୍ରଭାତ ରଞ୍ଜନ ରାୟଗୁରୁ ଆଜି ଜଣେ ପତ୍ନୀହନ୍ତାକୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ଅଭିଯୁକ୍ତଜଣଙ୍କ ହେଲା, ଧାମନଗର ଥାନା କଲ୍ୟାଣୀ ଗାଁର ଅଜିତ ଜେନା। ସୂଚନାନୁଯାୟୀ, ଧାମନଗର ଥାନା ବନ୍ଧଟିଆ ଗାଁର ଯୋଗେନ୍ଦ୍ର ଜେନାଙ୍କ ଝିଅ ଆରତି ଯାଜପୁର ଜିଲ୍ଲା ମଙ୍ଗଳପୁର ଅଞ୍ଚଳର ଅଜିତକୁ ବିବାହ କରିଥିଲେ। ବିବାହ ବେଳେ ବରଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। କିନ୍ତୁ ଅଜିତ ପରେ ଯୌତୁକ ବାବଦକୁ ଏକ ବାଇକ୍ ଦାବି କରିଥିଲେ। ଏହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଗତ ୨୦୧୭ ଅଗଷ୍ଟ ୧୬ରେ ଏହି କଥାକୁ କେନ୍ଦ୍ର କରି ଅଜିତ ଏକ ଶାବଳରେ ଆରତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂପର୍କରେ ଯୋଗେନ୍ଦ୍ରଙ୍କ ଅଭିଯୋଗକ୍ରମେ ଧାମନଗର ପୁଲିସ୍ ଏକ ମାମଲା ରୁଜୁ କରି ଅଜିତଙ୍କୁ ଗିରଫ କରିଥିଲା। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅରୁଣ ମିଶ୍ର ଓ ସୂର୍ଯ୍ୟକାନ୍ତ କୁଆଁର ମାମଲା ପରିଚାଳନା କରୁଥିଲେ।

## ମୋବାଇଲ୍ ନ ଦେବାରୁ ବ୍ରାହ୍ମଣୀକୁ ଡେଇଁଲେ ଯୁବତୀ

କବାଟବନ୍ଧ/ଯଖପୁରା,୧୮।୮ (ସମିସ): ଚଣ୍ଡିଖୋଲ-ଡୁବୁରୀ ୫୩ନମ୍ବର ଜାତୀୟ ରାଜପଥ ବ୍ରାହ୍ମଣୀ ବ୍ରିଜ ଉପରୁ ଜଣେ ଯୁବତୀ ନଦୀକୁ ଡେଇଁଥିବା ଜଣାପଡ଼ିଛି। ଯୁବତୀଜଣଙ୍କ ଦାନଗଦି ବ୍ଲକ ଅନ୍ତର୍ଗତ ଜଖପୁରା ଥାନା ଅଧିନ ପଙ୍କପାଳ ପଞ୍ଚାୟତର ବୋଲି ଜଣାପଡ଼ିଛି। ଖବର ଅନୁସାରେ, ଯୁବତୀଜଣଙ୍କ ଏକ ମୋବାଇଲ ଫୋନ ପାଇଁ ଜିଦ କରିଥିଲେ। ଘରଲୋକେ ଫୋନ ନ ଦେବାରୁ ସେ ଘରୁ ରାଗି ଆସିଥିଲେ। ଏହା ପରେ ତାଙ୍କ ଜେଜେ ବାପା ମଧ ତାଙ୍କ ପଛେପଛେ ଆସିଥିଲେ। ବ୍ରାହ୍ମଣୀ ବ୍ରିଜ ଉପରୁ ହଠାତ ନଦୀକୁ ଡେଇଁ ପଡ଼ିଥିଲେ। ଏହା ପରେ ତାଙ୍କ ଜେଜେ ମଧ ଉଦ୍ଧାର କରିବା ପାଇଁ ଡେଇଁଥିଲେ। ତେବେ ଯୁବତୀଜଣଙ୍କୁ ତାଙ୍କ ଜେଜେ ଉଦ୍ଧାର କରି ନଦୀ ମଝିରେ ଥିବା ଶୁଖିଲା ସ୍ଥାନରେ ରହିଥିଲେ।

**ନଦୀକୁ ଡେଇଁ ଉଦ୍ଧାର କଲେ ଜେଜେ**

ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ। ଫାୟାର ଅଫିସର ଉଦ୍ଧବ ଚରଣ ସାହୁଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଆଗ୍ନିକ କରୁଣାକର ମଲ୍ଲିକ, ଫାୟାର ଯୋଦ୍ଧା କୃପାସିନ୍ଧୁ ସ୍ୱାଇଁ, ଜିତୁ ରଞ୍ଜନ ପରିଡ଼ା, ତାପସ ମୁଳିଆ, ବସନ୍ତ ମହାନ୍ତି, ବିନୋଦ ପାତ୍ର, ସୁମନ୍ତ ଦାସ ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ। ଉଦ୍ଧାର ପରେ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲକୁ ନିଆଯାଇଛି।

# ବର୍ଷାରେ ବେହାଲ ମାଲକାନଗିରି

ମାଲକାନଗିରି,୧୮ ।୮ (ସମିସ): ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଗତକାଲି ସକାଳ ୮ଟାରୁ ଆଜି ସକାଳ ୮ଟା ମଧ୍ୟରେ ଜିଲ୍ଲାରେ ହାରାହାରି ୭୦.୩୭ ମିମି ବର୍ଷା ହୋଇଛି। ମାଲକାନଗିରି ବ୍ଲକରେ

**■ ଭୁଶୁଡ଼ିଲା ବିମାନବନ୍ଦର ପାଚେରି**
**■ ମାଲକାନଗିରି ବ୍ଲକ୍‌ରେ ସର୍ବାଧିକ ୧୦୮.୬ ମିମି ବର୍ଷା**
**■ ବୁଡ଼ିଲା ପୋଲ, ଯାତାୟତ ବାଧାପ୍ରାପ୍ତ**




ସର୍ବାଧିକ ୧୦୮.୬ମିମି ବର୍ଷା ହୋଇଥିବା ବେଳେ ମାଥିଲିରେ ୫୭ ମିମି, କାଲିମେଲାରେ ୬୩ମିମି, ଖଇରପୁଟରେ ୪୮ମିମି, ଚିତ୍ରକୋଣ୍ଡାରେ ୬୬ ମିମି, କୋରୁକୋଣ୍ଡାରେ ୯୪ମିମି ଓ ପଡ଼ିଆ ବ୍ଲକ୍‌ରେ ୫୬ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଲଗାଣ ବର୍ଷା ଯୋଗୁଁ ଆଜି ସକାଳୁ ସକାଳୁ କିଛି ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଦେଖାଯାଇଥିଲା। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ଏବଂ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସଂଧ୍ୟା ସୁଦ୍ଧା ମିଳିଥିବା ସୂଚନାନୁଯାୟୀ, ଜିଲ୍ଲାର ପୋଟେରୁ ଓ ଏମ.ଭି-୯୬ ପୋଲ ଦେଇ ପ୍ରବାହିତ ହେଉଥିବା ବନ୍ୟାଜଳ ହ୍ରାସ ପାଇଥିବା ବେଳେ କାଙ୍ଗୁରୁକୋଣ୍ଡା ଓ କନ୍ୟାଶ୍ରମ ନିକଟସ୍ଥ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଜଣାଯାଇଛି। ଫଳରେ ମାଲକାନଗିରି ଜିଲ୍ଲା ସଦର ମହକୁମାରୁ କାଲିମେଲା, ଏମ.ଭି-୭୯ ଓ ମୋଟୁ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏଥିସହ କାଲିମେଲା ବ୍ଲକଠାରୁ ପଡ଼ିଆ ବ୍ଲକ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପୋଲଗୁଡ଼ିକର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଛି। ସେହିପରି, ବର୍ଷା ଯୋଗୁଁ ମାଲକାନଗିରି ବିମାନବନ୍ଦରର ପାଚେରିର ପ୍ରାୟ ୨୦ ଫୁଟ୍ କାନ୍ଥ ଭୁଶୁଡ଼ିପଡ଼ିଛି। ପ୍ରବଳ ବର୍ଷା ଯୋଗୁଁ ଆଜି ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଛୁଟି ରହିଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ କ୍ଷେତ୍ର କର୍ମଚାରୀଙ୍କୁ ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ପରିସ୍ଥିତି ଉପୁଜିଲେ, ଓଡ୍ରାଫ୍ ଟିମ୍‌କୁ ପ୍ରସ୍ତୁତ ହୋଇ ରହିବାକୁ ମଧ ନିର୍ଦ୍ଦେଶ ଦିଆଯାଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଇଗ୍ନୋ ଡିଇସିଇ ପାଠ୍ୟକ୍ରମର ଓଡ଼ିଆ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧୮ ।୮ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ପକ୍ଷରୁ 'ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା (ଡିଇସିଇ)' ପାଠ୍ୟକ୍ରମର ଓଡ଼ିଆ ଭାଷାରେ ଅନୁବାଦ ପୁସ୍ତକ ଉନ୍ମୋଚିତ ହୋଇଛି। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାକୁ ଉନ୍ମୋଚନ କରିଛନ୍ତି। ଏହା ପୂର୍ବରୁ ଇଂରାଜୀ, ହିନ୍ଦୀ ଓ ତାମିଲ ଭାଷାରେ ଏହି ପାଠ୍ୟକ୍ରମ ଶିକ୍ଷାଦାନ କରାଯାଉଥିଲା। ସମ୍ପ୍ରତି ଓଡ଼ିଆରେ ମଧ ଶିକ୍ଷାଦାନ ପାଇପାରିବେ ଛାତ୍ରଛାତ୍ରୀ। ଏହା ଏକ ବର୍ଷକିଆ ପାଠ୍ୟକ୍ରମ ଏବଂ +୨ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ। ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ ଉପରେ ଶିକ୍ଷାଦାନ କରାଯିବ। ପାଠ୍ୟପୁସ୍ତକ ସହ ଅଡିଓ କ୍ୟାସେଟ୍ ଏବଂ ଭିଡିଓ ମାଧ୍ୟମରେ ମଧ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରିପାରିବେ।

ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ଓଡ଼ିଆ ଭାଷାରେ ଶିକ୍ଷାଦାନ ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଶେଷକରି ଶିଶୁବାଟିକା ଏବଂ ଅଙ୍ଗନବାଡିରେ କାର୍ଯ୍ୟରତ କର୍ମଚାରୀମାନେ ଏହି ପାଠ୍ୟକ୍ରମରେ ଉପକୃତ ହୋଇପାରିବେ। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ପ୍ରାରମ୍ଭିକ ଶିକ୍ଷାକୁ ସୁଦୃଢ଼ କଲେ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ଇଗ୍ନୋର ଏହି ପାଠ୍ୟକ୍ରମ ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ କର୍ମଚାରୀଙ୍କ ଦକ୍ଷତା ବିକାଶ କରିପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ମାତୃଭାଷାରେ ଶିକ୍ଷା ଲାଭ ଫଳରେ ଛାତ୍ରଛାତ୍ରୀଙ୍କର ସୃଜନଶୀଳତାର ବିକାଶ ହେବା ସହ ତୃଣମୂଳସ୍ତରରୁ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। କାର୍ଯ୍ୟକ୍ରମରେ ଇଗ୍ନୋ କୁଳପତି ପ୍ରଫେସର ଉମା କାଞ୍ଜିଲାଲଙ୍କ ସମେତ ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ମନୀଷା



ବାନାର୍ଜୀ ଓ ବହୁ ବରିଷ୍ଠ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଇଗ୍ନୋର ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆରେ ପ୍ରଚଳନ କରିବା ପାଇଁ ଜୁନ୍ ୯ତାରିଖରେ ଉଚ୍ଚଶିକ୍ଷା ବିଭାଗ ଓ ଇଗ୍ନୋ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

## ମଧ୍ୟାହ୍ନଭୋଜନ ଚାଉଳ ବଣ୍ଟନରେ ହେରଫେର୍

# ୫୦ କେଜି ବସ୍ତାରେ ୬ରୁ ୭ କେଜି କମ୍



ରାଉରକେଲା, ୧୮।୮ (ସମିସ)

ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକରେ ସ୍କୁଲ ପାଇଁ ଆସୁଥିବା ମଧ୍ୟାହ୍ନଭୋଜନ ଚାଉଳ ବଣ୍ଟନରେ ବ୍ୟାପକ ହେରଫେର ହେବା ସହ ଚାଉଳ ହରିଲୁଟ ହେଉଥିବା ଅଭିଯୋଗ ହୋଇଛି। ବ୍ଲକ ଅଧୀନ ସ୍କୁଲଗୁଡିକୁ ବଣ୍ଟନ କରାଯାଉଥିବା ମଧ୍ୟାହ୍ନ ଭୋଜନ ଚାଉଳ ବସ୍ତାରେ କମ୍ ଚାଉଳ ଦିଆଯାଉଥିବା ଅଭିଯୋଗ ହୋଇଛି। କିଲେ କି ଦୁଇ କିଲୋ ନୁହେଁ ପ୍ରତି ୫୦ କିଲୋଗ୍ରାମ ବସ୍ତାରେ ୬ରୁ ୭ କିଲୋଗ୍ରାମ ଚାଉଳ ଓଜନରେ କମ୍ ରହିଥିବା ଗୁରୁତର ଅଭିଯୋଗ ହୋଇଛି। ସେପଟେ ପ୍ରତି ଚାଉଳ ବ୍ୟାଗରେ କମ୍ ଚାଉଳ ରହିବା ନେଇ ଏମ୍‌ଡିଏମ୍ ଦାୟିତ୍ୱରେ ଥିବା ଡାଟାଏଣ୍ଟ୍ରି ଅପରେଟରଙ୍କ ଭୂମିକା ସନ୍ଦେହ ଘେରରେ ରହିଛି।




**ସନ୍ଦେହ ଘେରରେ ଡାଟାଏଣ୍ଟ୍ରି ଅପରେଟରଙ୍କ ଭୂମିକା**

ସୂଚନାଯୋଗ୍ୟ ଯେ ଜିଲ୍ଲାର ନୂଆଗାଁ ବ୍ଲକରେ ଥିବା ମୋଟ୍ ୧୧୩ଟି ସ୍କୁଲରେ ୧୨ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ସ୍କୁଲଗୁଡିକୁ ମଧ୍ୟାହ୍ନଭୋଜନ ପାଇଁ ପ୍ରାୟ ୨୫୦ କ୍ୱିଣ୍ଟାଲ ବଣ୍ଟନ କରାଯାଉଛି। ତେବେ ପ୍ରତି ମାସରେ ପ୍ରତି ୫୦ କେଜି ଚାଉଳ ବସ୍ତାରେ ୫ରୁ ୭ କେଜି ଲେଖାଏଁ ଚାଉଳ ଓଜନରେ କମ୍ ରହୁଛି। ଅର୍ଥାତ୍ କ୍ୱିଣ୍ଟାଲରେ ୧୦ରୁ ୧୨ କେଜି ପର୍ଯ୍ୟନ୍ତ ଚାଉଳ କମ୍ ରହୁଛି। ଯାହା କି ଗତ ୧୪ ତାରିଖ ଦିନ ବଣ୍ଟନ କରାଯାଇଥିବା ଏମଡିଏମ ଚାଉଳ ଓଜନରୁ ସ୍ପଷ୍ଟ ହୋଇଛି। ଆଜି ଚାଉଳ ବଣ୍ଟନ ପରେ କିଛି ସ୍କୁଲର ପ୍ରଧାନଶିକ୍ଷକ ଚାଉଳକୁ ଓଜନ କରିଥିଲେ। ଫଳରେ ପ୍ରତି ୫୦ କେଜି ବସ୍ତାରେ ୫ରୁ ୭ କେଜି ଲେଖାଏଁ ଚାଉଳ କମ୍ ରହୁଛି। ଅର୍ଥାତ୍ କ୍ୱିଣ୍ଟାଲରେ ୧୦ରୁ ୧୪ କେଜି ପର୍ଯ୍ୟନ୍ତ ଚାଉଳ କମ୍ ରହୁଥିବା ଜଣାପଡ଼ିଥିଲା। ଏ ନେଇ ସେମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ସେପଟେ କିନ୍ତୁ ସମ୍ପୃକ୍ତ ସଂସ୍ଥା ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ପରିମାଣରେ ଚାଉଳ ଦିଆଯାଉଥିବା କାଗଜପତ୍ରରେ ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଅନ୍ୟ ପକ୍ଷରେ ସ୍କୁଲଗୁଡ଼ିକରେ ଚାଉଳ ନିଅଣ୍ଟ ପଡୁଥିବାରୁ ପିଲାମାନେ ଠିକ୍ ଭାବେ ଖାଇବାକୁ ପାଉ ନ ଥିବା ଅଭିଭାବକ ଅଭିଯୋଗ କରୁଛନ୍ତି। ଚାଉଳ କମ୍ ନେଇ ସ୍କୁଲର ଶିକ୍ଷକମାନେ ଠିକା ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ଅଭିଯୋଗ କଲେ, ସେ ସନ୍ତୋଷଜନକଉତ୍ତର ନ ଦେଇ ଓଲଟା ଶିକ୍ଷକମାନଙ୍କୁ ନାଲି ଆଖି ଦେଖାଉଛନ୍ତି। ତେବେ ବ୍ଲକର ଏମଡିଏମ ଦାୟିତ୍ୱରେ ଥିବା ଡାଟାଏଣ୍ଟ୍ରି ଅପରେଟର ଏ ନେଇ ତାଙ୍କର ଦାୟିତ୍ୱ ନିର୍ବାହ କରିବା ନେଇ ସନ୍ଦେହ ଉପୁଜିଛି। ଏନେଇ ଅନେକ ସ୍କୁଲର ପ୍ରଧାନ ଶିକ୍ଷକମାନେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କୁ ଚାଉଳ ଯୋଗାଣ ଠିକା ସଂସ୍ଥା ଓ ସମ୍ପୃକ୍ତ ଡାଟା ଏଣ୍ଟ୍ରି ଅପରେଟରଙ୍କ ନାଲି ଆଖିର ଶିକାର ହେବାକୁ ପଡ଼ିଥାଏ ବୋଲି କିଛି ପ୍ରଧାନ ଶିକ୍ଷକ ନାମଗୋପନ ରଖି ସୂଚନା ଦେଇଛନ୍ତି। ପ୍ରତିମାସ ୨୫ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଚାଉଳ କିଏ ଖାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ବ୍ଲକର ଅଧିକାଂଶ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲେ ମଧ୍ୟ କେହି ମୁହଁ ଖୋଲି ଅଭିଯୋଗ କରିବାକୁ ସାହସ କରୁନାହାଁନ୍ତି। ସେପଟେ ଏମଡିଏମ୍ ଦାୟିତ୍ୱରେ ଥିବା ସମ୍ପୃକ୍ତ ଡାଟାଏଣ୍ଟ୍ରି ଅପରେଟର ଆଜକୁ ଦୀର୍ଘ ୧୬ ବର୍ଷ ଧରି ଗୋଟିଏ ଦାୟିତ୍ୱରେ ରହି ମନୋମୁଖୀ କାର୍ଯ୍ୟ ଚଳାଇଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ ଶିକ୍ଷକମାନଙ୍କୁ ବ୍ଲକ ଅଫିସକୁ ଡାକି ଏମ୍‌ଡିଏମ ରିପୋର୍ଟ ଦେବା, ପାସବୁକ ଅପଡେଟ କରିବା, କ୍ୟାସ ବୁକ, ୟୁସି ଆଦି ଉପରେ ବିଭିନ୍ନ ତ୍ରୁଟି ଦର୍ଶାଇ ଶିକ୍ଷକମାନଙ୍କ ଠାରୁ ଅର୍ଥ ଦାବି କରୁଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ବ୍ଲକରେ ଅଭିଭାବକ ଓ ନୂଆଗାଁ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପୂର୍ବରୁ ଏମଡିଏମ ଚାଉଳ ବଣ୍ଟନରେ ବାଟମାରଣା ନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚାଉଳ ବାଟମାରଣକୁ ବନ୍ଦ କରା ନ ଗଲେ କୌଣସି ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ଚାଉଳ ଗ୍ରହଣ କରିବେ ନାହିଁ ବୋଲି ଶିକ୍ଷକମାନେ ରୋକଠୋକ ଚେତାବନୀ ଦେଇଥିଲେ। ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ସାରଙ୍ଗଧର ବରିହାଙ୍କୁ ପଚାରିବାରୁ ସେ କହିଛନ୍ତି, ଏପରି ନିର୍ଦ୍ଦିଷ୍ଟ ଅଭିଯୋଗ ମୋ ପାଖକୁ ଆସି ନାହିଁ। ତେବେ ସ୍କୁଲର ଶିକ୍ଷକମାନେ ଚାଉଳ ନେବାବେଳେ ଠିକ୍ ଭାବେ ଓଜନ କରି ନେବା ଦରକାର। ଯଦି ସେମିତି କିଛି ହେଉଥାଏ, ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ଗୋଗୁଆ ଉଚ୍ଚ ବିଦ୍ୟାଳୟରେ 'ଆସ ସ୍କୁଲ ଯିବା' ଅଭିଯାନ



**ବଣାଇଁ, ୧୮।୮ (ସମିସ):** ଗୋଗୁଆ ଉଚ୍ଚ ବିଦ୍ୟାଳୟରେ 'ଆସ ସ୍କୁଲ ଯିବା' ଅଭିଯାନର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଷ୍ଟମ ନବମ ଓ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପିତାମାତା, ଅଭିଭାବକ, ପରିଚାଳନା କମିଟି ଓ ଉନ୍ନୟନ କମିଟିର ସମସ୍ତ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଏଥିରେ ପ୍ରଧାନଶିକ୍ଷକ ଝସକେତନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବୈଠକର ଉଦ୍ଦେଶ୍ୟ ସମ୍ବନ୍ଧରେ ସମସ୍ତଙ୍କୁ ବୁଝାଇଥିଲେ। ଅଭିଭାବକ, ଶିକ୍ଷକଙ୍କ ମଧ୍ୟରେ ଆଲୋଚନା କରାଯାଇ ବିଦ୍ୟାଳୟ ବାହାରେ ଥିବା ୧୮ ବର୍ଷରୁ କମ ପିଲାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଦୃଢ଼ ମତ ପ୍ରକାଶ ପାଇବା ସଙ୍ଗେସଙ୍ଗେ ଦୃଢ଼ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ନବଘନ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ରେବତୀ ମୋହନ ସାହୁ, ଦୁର୍ଯ୍ୟୋଧନ କିସାନ ତଥା ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ଦୁଲୀପ ଟ୍ରଫି ପାଇଁ ଆର୍‌ଏସ୍‌ପି ପରିବାରର କ୍ରୀଡ଼ା ପ୍ରତିଭା ମନୋନୀତ



**ରାଉରକେଲା, ୧୮।୮ (ସମିସ):** ଆର୍‌ଏସ୍‌ପି ଫାବ୍ରିକେସନ୍ ସପ୍ ବିଭାଗର ଜୁନିଅର ଇଞ୍ଜିନିୟର ବିକ୍ରମ କୁମାର ସ୍ୱାଇଁ ଏବଂ ଲିଲି ସ୍ୱାଇଁଙ୍କ ପୁଅ ଆଶୀର୍ବାଦ ସ୍ୱାଇଁ ଦୁଲୀପ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ପୂର୍ବ ଜୋନ୍ ଦଳରେ ମନୋନୀତ ହୋଇଛନ୍ତି। ଏହି ପ୍ରତିଭାବାନ ୱିକେଟକିପର ଓ ବ୍ୟାଟର ଆଶୀର୍ବାଦ ଆଘାତ ଯୋଗୁଁ ବାଦ ପଡ଼ିଥିବା ଷ୍ଟାର ଭାରତୀୟ କ୍ରିକେଟର ଇଶାନ କିଶାନଙ୍କ ସ୍ଥାନ ନେଇଛନ୍ତି। ଉଲ୍ଲେଖନୀୟ ଯେ, ଅଗଷ୍ଟ ୨୮ ତାରିଖରେ ପୂର୍ବ ଜୋନ୍ ଉତ୍ତର ଜୋନ୍ ସହିତ ତାଙ୍କର ଅଭିଯାନ ଆରମ୍ଭ କରିବ। ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମରୁ ନିଜର କ୍ରିକେଟ୍ ଯାତ୍ରା ଆରମ୍ଭ କରିଥିବା ଏହି କ୍ରିକେଟ୍ ଏପର୍ଯ୍ୟନ୍ତ ୧୧ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି। ସେ ୧୯ ବର୍ଷରୁ କମ୍ 'କୁଚ୍ ବିହାର ଟ୍ରଫି' ଏବଂ 'ଭିନୁ ମଙ୍କଡ଼ ଟ୍ରଫି'ରେ ଓଡ଼ିଶା କ୍ରିକେଟ୍ ଦଳର ଅଧିନାୟକତ୍ୱ କରିଛନ୍ତି। ସେଲ୍‌ଫ ପରିବାରର ଏହି ଉଦୀୟମାନ ଯୁବ ପ୍ରତିଭା ୨୦୧୯ ମସିହାରେ ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଜାତୀୟସ୍ତରରେ ପଦାର୍ପଣ କରିଥିଲେ।

## ଆର୍‌ଏସ୍‌ପି ଓ ରବିଶଙ୍କର ବିଦ୍ୟାମନ୍ଦିର ଟ୍ରଷ୍ଟ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର



**ରାଉରକେଲାଁ, ୧୮।୮ (ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ୩ ଟି ଶିକ୍ଷାନୁଷ୍ଠାନର ପ୍ରବନ୍ଧନ ଓ ପରିଚାଳନା ନିମନ୍ତେ ରବିଶଙ୍କର ବିଦ୍ୟାମନ୍ଦିର ଟ୍ରଷ୍ଟ ସହିତ ଚୁକ୍ତିନାମା ସ୍ୱାକ୍ଷର କରିଛି। ୩ଟି ଶିକ୍ଷାନୁଷ୍ଠାନ ଯଥାକ୍ରମେ, ସେକ୍ଟର-୨୦ ସ୍ଥିତ ଇସ୍ପାତ ଇଂଲିଶ ମିଡିୟମ ସ୍କୁଲ, ସେକ୍ଟର-୨୨ ସ୍ଥିତ ଇସ୍ପାତ ଇଂଲିଶ ମିଡିୟମ ସ୍କୁଲ ଏବଂ ସେକ୍ଟର-୧୯ ସ୍ଥିତ ଇସ୍ପାତ ବିଦ୍ୟାମନ୍ଦିରକୁ ପରିଚାଳନା ପାଇଁ ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର ଟ୍ରଷ୍ଟ ସହିତ ରାଉରକେଲା ଇସ୍ପାତ କାରଖାନା ଅଗଷ୍ଟ ୧୨ ତାରିଖରେ ଏହି ଚୁକ୍ତିନାମା ସ୍ୱାକ୍ଷର କରିଛି। ଆର୍‌ଏସ୍‌ପି ପକ୍ଷରୁ ଟାଉନ୍ ସର୍ଭିସେସ୍ ଏବଂ ସିଏସଆର ବିଭାଗର ସିଜିଏମ ଟି.ଜି କାନେକର ଏବଂ ଏସଏସ୍‌ଆରଭିଏମ ଟ୍ରଷ୍ଟର ଅଧ୍ୟକ୍ଷ କମୋଡୋର ଏଚ୍‌ଜି ହର୍ଷ ଏହି ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଆରଏସପି ପକ୍ଷରୁ ଇଣ୍ଟର୍ନାଲ ଅଡିଟ୍ ବିଭାଗର ସିଜିଏମ ଜିଏସ୍ ଦାଶ, ମାନବ ସମ୍ବଳ ବିଭାଗର ଜିଏମ ସଞ୍ଜୟ ମେହରୋତ୍ରା, ଆଇନ ବିଭାଗର ଡିଜିଏମ୍ ରାଜେଶ କୁମାର ସାହୁ ଉପସ୍ଥିତ ଥିଲେ। ଆନନ୍ଦ ଜିଏନ ଏବଂ ମଞ୍ଜୁଳା ରବୀନ୍ଦ୍ରନାଥ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, କ୍ୟାପଟେନ ଆଲୋକେଶ ସେନ୍ ଏହି ବିଦ୍ୟାଳୟଗୁଡ଼ିକର ନିର୍ଦ୍ଦେଶକ ହେବେ।

## ବିବାହର ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ଗର୍ଭବତୀ

**ବଣାଇଁ, ୧୮।୮ (ସମିସ):** ବିବାହର ପ୍ରତିଶ୍ରୁତି ଦେଇ ନାବାଳିକାକୁ ଗର୍ଭବତୀ କରିବା ଘଟଣାରେ ବଣାଇଁ ଥାନା ଅଧୀନ କନ୍ତଯୋଡି ସାହିର ମନୋଜ କିସାନଙ୍କୁ ବଣାଇଁ ପୁଲିସ ଆଜି ଉଠାଇ ଆଣି ଅଟକ ରଖିଥିବା ଜଣାଯାଇଛି।

**ଅଭିଯୁକ୍ତକୁ ଅଟକ**

ପୀଡ଼ିତା ଛାତ୍ରୀଙ୍କୁ ପୁଲିସ ପଚରାଉଚରା କରି ଡାକ୍ତରୀମାଇନା ପରେ ଛାଡିଥିବା ବେଳେ ଅଭିଯୁକ୍ତ ମନୋଜ ଅନ୍ୟତ୍ର ବିବାହ କରିବା କାରଣରୁ ଏଭଳି ସ୍ଥିତି ଉପୁଜିଥିବା ଜଣାପଡ଼ିଛି। ଯୁବକକୁ ଅଟକ ରଖି ତଦନ୍ତ କରୁଥିବା ପୁଲିସ ଏବେ ପର୍ଯ୍ୟନ୍ତ କୌଣସି ତଥ୍ୟ ପ୍ରଦାନ ନକରିବା କାରଣରୁ ପଞ୍ଜୀକୃତ କେଶ ନଂ ଜଣାପଡ଼ିନାହିଁ। ମଙ୍ଗଳବାର ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

## ଗୁରୁଣ୍ଡିଆରେ ଉପଖଣ୍ଡସ୍ତରୀୟ ଶିକ୍ଷକ ସମ୍ମିଳନୀ



**ବଣାଇଁ, ୧୮।୮ (ସମିସ):** ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ଶିଶୁ ବିକାଶ ଅଧିକାରୀଙ୍କ ସଭାଗୃହଠାରେ ଗୁରୁଣ୍ଡିଆ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଉପଖଣ୍ଡସ୍ତରୀୟ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଓଡ଼ିଶାର ସଭାପତି ବ୍ରହ୍ମାନନ୍ଦ ମହାରଣା, ସମ୍ମାନିତ ଅତିଥି ଭାବେ କୋଷାଧ୍ୟକ୍ଷ ଗୋପାଳ ସେନ୍, ଗୁରୁଣ୍ଡିଆ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ନରେନ୍ଦ୍ର ସୁନ୍ୟାନି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିଲୋଚନ ସାହୁ, ଶିକ୍ଷକ ନେତା ଧରଣୀଧର ମଲ୍ଲିକ, ମନୋଜ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷକ ଜୟପ୍ରକାଶ ଚୌଧୁରୀ ଅତିଥି ପରିଚୟ ଓ ସ୍ୱାଗତ୍ ଭାଷଣ ପ୍ରଦାନ କରିଥିଲେ। ମନୋଜ ପାତ୍ର ବିବରଣୀ ପାଠ କରିଥିଲେ। ଅତିଥିମାନେ 'ଜାତୀୟ ଶିକ୍ଷାନୀତି ପ୍ରେକ୍ଷାପଟରେ ପ୍ରାଥମିକ ଶିକ୍ଷା ଓ ଶିକ୍ଷକ ଙ୍କ ସ୍ଥିତି' ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକ ଗୁରୁଣ୍ଡିଆରେ ଏକ ଶିକ୍ଷକ ଭବନ ନିର୍ମାଣ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୬ ଲକ୍ଷ ଅନୁଦାନ ମଞ୍ଜୁର ହୋଇଛି ବୋଲି କହିଥିଲେ। ଶିକ୍ଷକ ସଂଘ ତରଫରୁ ବିଭିନ୍ନ ସମସ୍ୟା ଏବଂ ଦାବିପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟକଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସନ୍ତୋଷ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସଭ୍ୟାରାଣୀ ପଟେଲ, କଲ୍ୟାଣୀ ପଟେଲ, ବନ୍ଦନା ଦାସଙ୍କୁ ସମ୍ମାନିତ କରାଯାଇଥିଲା।

## କେନ୍ଦ୍ରମନ୍ତ୍ରୀଙ୍କ ପତ୍ନୀଙ୍କ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର



**କୁତ୍ରା, ୧୮।୮ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଲାଞ୍ଜିବେର୍ଣ୍ଣା ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସାଂସଦ ଜୁଏଲ ଓରାମଙ୍କ ପତ୍ନୀ ଝିଙ୍ଗିଆ ଓରାମଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ସୁନ୍ଦରଗଡ଼ ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମହେସ ନାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଭାବେ ରୁପେଶ ପଟେଲ, ରାଉରକେଲା ସାଂସଦ ପ୍ରତିନିଧି ପ୍ରକାଶ ପାସୱାନ, ରିତା ସିଂ ଯୋଗଦେଇ ଥିଲେ। ଏହି ଶିବିରରେ ସମୁଦାୟ ୧୦୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶଙ୍କର ନାଗ, ରୋହିତ ତିର୍କି, ନିରଜ କୁଜୁର, ଆକାଶ ମହାନନ୍ଦିଆ ଓ ଅମ୍ଳ ସିଂ ସହଯୋଗ କରିଥିଲେ।

## ବିଭାଜନ ବିଭୀଷିକାର ସ୍ମୃତି ଦିବସ

**ରାଉରକେଲା, ୧୮।୮ (ସମିସ):** ବିଜେପି ପକ୍ଷରୁ ସାରା ଦେଶରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରାଯାଇଛି।। ଏହି ପରିପ୍ରେକ୍ଷୀରେ ରାଉରକେଲା ସାଂଗଠାନିକ ଜିଲ୍ଲା ତରଫରୁ ସେକ୍ଟର -୩, ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କ ଅଧ୍ୟକ୍ଷତାରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଯୋଗ ଦେଇଥିଲେ। ବିଶ୍ୱହିନ୍ଦୁ ପରିଷଦର ଅଧ୍ୟକ୍ଷ ସର୍ବେଶ୍ୱର ଦାସ ନିଜର ମତ ରଖିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜକ ବରିଷ୍ଠ ନେତା ସରୋଜ ଦାସ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଜିଲ୍ଲା, ମଣ୍ଡଳ, ଶକ୍ତିକେନ୍ଦ୍ର ଓ ବୁଥ୍‌ର କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।




## 'ମୁଁ ବି ନେତା ହେବି' ବିତର୍କ ପ୍ରତିଯୋଗିତାର ଗ୍ରାଣ୍ଡଫିନାଲେ

**ରାଉରକେଲା, ୧୮।୮ (ସମିସ):** ରାଉରକେଲାର ସ୍ୱାଭିମାନୀ ଓଡ଼ିଆ ଆନୁକୂଲ୍ୟରେ 'ମୁଁ ବି ନେତା ହେବି' ନାମକ ଆନ୍ତଃ ହାବିଦ୍ୟାଳୟ ବିତର୍କର ଗ୍ରାଣ୍ଡ ଫିନାଲେ ପ୍ରତିଯୋଗିତା ଉଦିତନଗର ଫିଟନେସ ପାର୍କଠାରେ ଆୟୋଜିତ ହୋଇଛି। ଏହି ପ୍ରତିଯୋଗିତାର ବିଷୟବସ୍ତୁ ଥିଲା 'ଓଡ଼ିଶାର ଅଭିବୃଦ୍ଧିରେ ସୁନ୍ଦରଗଡ଼ ଜିଲ୍ଲାର ଅବଦାନ'। ପ୍ରଥମ ରାଉଣ୍ଡରେ ଶ୍ରେଷ୍ଠ ବିବେଚିତ ହୋଇଥିବା ୧୪ ଜଣ ଛାତ୍ରଛାତ୍ରୀ ଏହି ଗ୍ରାଣ୍ଡ ଫିନାଲେରେ ଭାଗ ନେଇ ନିଜ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥି ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ ଓ ରଘୁନାଥପାଲିର ବିଧାୟକ ଦୁର୍ଗାଚରଣ ତନ୍ତୀ ଯୋଗଦେଇ ଥିଲେ। ବିଚାରକ ଭାବେ ବରିଷ୍ଠ



ସାମ୍ବାଦିକ ଅରବିନ୍ଦ ଦାସ, ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାସ, ଅଧ୍ୟାପକ ଉମାକାନ୍ତ ପଣ୍ଡା ଯୋଗଦେଇ ଥିଲେ। ସ୍ମୃତି ସାଗର ବଳ ୭୭ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପ୍ରୟାସ ପ୍ରୀତି ରଞ୍ଜନ ବାରିକ ୭୨.୫ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ସୁଜିତ ଗଡ଼ନାୟକ ୭୦ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ପୁରସ୍କାର ଭାବେ ୧୦, ୦୦୦ ଟଙ୍କା ସହ ଟ୍ରଫି, ଦ୍ୱିତୀୟ ପୁରସ୍କାର ଭାବେ ୫୦୦୦ ଟଙ୍କା ସହ ଟ୍ରଫି ଓ ତୃତୀୟ ପୁରସ୍କାର ଭାବେ ୩୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ନିହାର ରାୟ, ଜ୍ଞାନେନ୍ଦ୍ର ଦାସ, ଖଦାଳ ସେଠୀ, ପ୍ରଶାନ୍ତ ସେଠୀ, ବୀରେନ ସେନାପତି, ଦିଲୀପ ମହାପାତ୍ର, ଭଗବାନ ରାଉତ, ଗଗନ ପଣ୍ଡା, ଜୟନ୍ତ ମିଶ୍ର, ରଶ୍ମୀବାଳା ମିଶ୍ର, ସୁଦାମ ଦାଶ, ଭବାନୀ କବି, ବ୍ରିଜମୋହନ ଅଗ୍ରୱାଲ, ପ୍ରବୀଣ ଗର୍ଗ, ସନ୍ତୋଷ ନାୟକ, ଛବିରାଣୀ ମହାନ୍ତି, ଜ୍ୟୋତ୍ସ୍ନା ନାୟକ, ସୁନନ୍ଦା ସେନାପତି ପ୍ରମୁଖ ଯୋଗଦେଇଥିଲେ।

## ଆର୍ଟଅଫ୍ ଲିଭିଂ ଫାଉଣ୍ଡେସନ ପକ୍ଷରୁ 'ଆନନ୍ଦ ଉତ୍ସବ'

ରାଉରକେଲା, ୧୮।୮ (ସମିସ)

ଆର୍ଟ ଅଫ୍ ଲିଭିଂ ଫାଉଣ୍ଡେସନ ଆନୁକୂଲ୍ୟରେ ଦେଶ ବ୍ୟାପୀ 'ଆନନ୍ଦ ଉତ୍ସବ' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦେଶବ୍ୟାପୀ ଏହି ପ୍ରଶିକ୍ଷଣ ଶିବିରରେ ୩୩ ହଜାର ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିବା ବେଳେ ରାଉରକେଲା ଶାଖା ଆନୁକୂଲ୍ୟରେ ସ୍ଥାନୀୟ ଭଞ୍ଜ ଭବନ ତଥା ଉଦିତନଗର ସ୍ଥିତ ସ୍ପେସରେ ଆୟୋଜିତ ଏହି ବିଶାଳ ପ୍ରଶିକ୍ଷଣ ଶିବିରରେ ୧୫୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଗତ ୧୨ରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିର ସୋମବାର ସମାପ୍ତ ହୋଇଛି। ସ୍ଥାନୀୟ ଭଞ୍ଜଭବନ ପରିସରରେ ଏହି ଉପଲକ୍ଷେ ଆୟୋଜିତ ଏକ




ଗଣମାଧ୍ୟମ ସମ୍ମିଳନୀକୁ ସମ୍ବୋଧିତ କରି ଆର୍ଟ ଅଫ୍ ଲିଭିଂ ଜାତୀୟସ୍ତରର ପ୍ରଶିକ୍ଷକ ଦେବଜ୍ୟୋତି ମହାନ୍ତି 'ଆନନ୍ଦ ଉତ୍ସବ' ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ବ୍ୟକ୍ତି ବିଶେଷଙ୍କ ବ୍ୟକ୍ତି ଗତ ଜୀବନରେ ଘଟିଥିବା ବିଭିନ୍ନ ସୁଫଳ ଉପରେ ଆଲୋକପାତ କରିଥିଲେ। ବିଶ୍ରା ବ୍ଲକରେ ଇସ୍ପାତ କାରଖାନା ପାର୍ଶ୍ୱାଞ୍ଚଳରେ ଦଶମ ପାସ କରି ନଥିବା ପିଲାମାନଙ୍କ ପାଇଁ ଜାରି ରହିଥିବା ନିଶୁଳ୍କ ଏୟାର କଣ୍ଡିସନ ମରାମତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ରାଉରକେଲା ଠାରୁ ପ୍ରାୟ ୪୦ କିଲୋମିଟର ଦୂର ଅରଣ୍ୟ ମଧ୍ୟରେ ଥେଟେଇପୋଷ ପଞ୍ଚାୟତର ସାନବମ୍ବୁଆଠାରେ ଆଦିବାସୀ ଓ ବଞ୍ଚିତ ବର୍ଗର ପିଲାମାନଙ୍କ ପାଇଁ ସ୍ଥାପିତ ଜ୍ଞାନମନ୍ଦିର ବିଦ୍ୟାଳୟରେ ପ୍ରାୟ ୨୫୦ ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ସହିତ ନିଶୁଳ୍କ ଶିକ୍ଷା ଦାନ ଦିଆଯାଉଛି ବୋଲି ସେ ପ୍ରକାଶ କରିଥିଲେ।

ଏହି କାର୍ଯ୍ୟକ୍ରମରେ ରଶ୍ମୀ ରଞ୍ଜନ ଦାସ, ଲଳିତ ସୁନ୍ଦର ଜେନା, ଚନ୍ଦ୍ରଚୁଡ଼ ପାଣିଗ୍ରାହୀ, ତୁଷାରବାଳା ତ୍ରିପାଠୀ, ବଲ ବିନ୍ଦର କୌର, ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି 'ଆନନ୍ଦ ଉତ୍ସବ' କର୍ମଶାଳାରେ କାଜଲ ଦାସ, ଭଗବାନ ଦାସ ଶିବ ହରେ, ରାମକୃଷ୍ଣ ପ୍ରଧାନ, ଗୋପାଳ ସାହୁ, ରୀନା ଶର୍ମା, ତପସ୍ୱିନୀ ପ୍ରଧାନ, ପ୍ରକାଶ ନାୟକ, ରମେଶ ସେନାପତି, ସରୋଜ ଦାସ, ତପସ୍ୱିନୀ ମିଶ୍ର, ହେମନ୍ତ ପତି, ସସ୍ମିତା ସୁବୁଦ୍ଧି, ପୁଷ୍ପଶ୍ରୀ ସାହୁ, ଅଜିତା ବେହେରା ପ୍ରମୁଖ ଙ୍କହଯୋଗ କରିଥିଲେ।

# ଦଶନ୍ଧି ଧରି ନଳକୂଅରୁ ବାହାରୁଛି ଗୋଳିଆ ପାଣି

- ଅଭିଯୋଗ ପରେ ବି ହୋଇନି ପ୍ରତିକାର
- ଜଳ ଯୋଗାଣର ବ୍ୟବସ୍ଥା କରାଇବାକୁ ଦାବି



ଦେବଗଡ଼,୧୮।୮(ସମିସ):

ବାରକୋଟ ବ୍ଲକ୍ ଗୁରୁସଙ୍ଗ ପଞ୍ଚାୟତ ଅଧୀନ ବାଇଧରନଗର ଗ୍ରାମରେ ସୁଧୁରୁନି ପାନୀୟଜଳ ସମସ୍ୟା। ଆଦିବାସୀ ଅଧ୍ୟୁଷିତ ଉକ୍ତ ଗ୍ରାମରେ ୪୦ ପରିବାରର ୨୦୦ରୁ ଅଧିକ ସଦସ୍ୟ ଦୀର୍ଘ ବର୍ଷ ଧରି ପାନୀୟ ଜଳ ପାଇଁ ସଂଘର୍ଷ କରୁଥିବା ବେଳେ ଗ୍ରାମବାସୀଙ୍କ ପାଇଁ ଘରକୁ ଘର ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିନାହିଁ ବୋଲି ଅଭିଯୋଗ ହେଉଛି। ଗ୍ରାମରେ ୩ଟି ନଳକୂପ ସ୍ଥାପନ କରାଯାଇଥିଲେ ମଧ୍ୟ ଗୋଟିଏକୁ ବିପଦପୂର୍ଣ୍ଣ ଘୋଷଣା କରାଯାଇଛି। ସେହିପରି ରହିଥିବା ଅନ୍ୟ ଦୁଇଟି ନଳକୂଅରୁ ଦୀର୍ଘ ବର୍ଷ ଧରି ଗୋଳିଆ ପାଣି ବାହାରୁଥିବାରୁ ତାହା ବ୍ୟବହାର ଉପଯୋଗୀ ନ ଥିଲେ ମଧ୍ୟ ବାଧ୍ୟ ହୋଇ ଉକ୍ତ ଗୋଳିଆ ପାଣିକୁ ଲୋକେ ବ୍ୟବହାର କରୁଛନ୍ତି। ଗୋଳିଆ ପାଣି ବ୍ୟବହାର କରି ଗ୍ରାମର ବହୁ ଶିଶୁ ଓ ବୟସ୍କ ବିଭିନ୍ନ ସମୟରେ ରୋଗାଗ୍ରସ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏନେଇ ଗ୍ରାମବାସୀ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ୍ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କୁ କୌଣସି ସୁଫଳ ମିଳିପାରିନି। ଶେଷରେ ଗ୍ରାମବାସୀ 'ମୁଣ୍ଡା ସମାଜ' ଉପସଭାପତି ଦୟାନିଧି ମୁଣ୍ଡା ଓ ସମ୍ପାଦକ ଗୌତମ ମୁଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରି ଗ୍ରାମରେ ଥିବା ଆଦିବାସୀ ପରିବାରଙ୍କ ପାଇଁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଇବାକୁ ଅନୁରୋଧ କରିଥିବା ଜଣାପଡ଼ିଛି।

# ଲଇକେରା ଅଞ୍ଚଳରେ ବାଘ ଆତଙ୍କ



ଝାରସୁଗୁଡ଼ା,୧୮।୮(ସମିସ): ଝାରସୁଗୁଡା ଜିଲ୍ଲା ଲଇକେରା ବ୍ଲକ୍‌ରେ ବାଘର ପାଦଚିହ୍ନ ଦେଖିବାକୁ ମିଳିଛି। ଲଇକେରା ବାମରା ସୀମାବର୍ତ୍ତି ଭୁକୁଲାପଡ଼ା, ଗଞ୍ଜୁଡ଼ିହି, କର୍ଲାଖମନ୍ ଓ ଜାମ୍ବାଲ ଆଦି ସ୍ଥାନରେ ବାଘର ପାଦଚିହ୍ନ ଦେଖି ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଥିବା ବେଳେ ବାଘକୁ ଖୋଜା ଖୋଜି ଆରମ୍ଭ କରିଛି। ଏହାସହ ବାଘର ଗତିବିଧି ଜାଣିବା ପାଇଁ ବନ ବିଭାଗ ପକ୍ଷରୁ ୨୦ଟି ଟ୍ରାପ୍ କ୍ୟାମେରା ଲଗାଯାଇଛି। ବନ ବିଭାଗର ଟିମ ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କୁ ସଚେତନ କରୁଛନ୍ତି। ଛୋଟ ଛୁଆଙ୍କୁ ଏକୁଟିଆ ନଛାଡିବା, ଜଙ୍ଗଲ ଭିତରକୁ ଗାଈ, ଗୋରୁ ଓ ଛେଳି ଆଦି ଚାରାଇବାକୁ ନଯିବା, ଅନ୍ଧାର ହେବା ପୂର୍ବରୁ ଘରକୁ ଫେରିବା ଆଦି ବିଷୟରେ ଲୋକଙ୍କୁ ପରାମର୍ଶ ଦେଉଛି ବନ ବିଭାଗ। ଅନ୍ୟପଟେ ଏନେଇ ଝାରସୁଗୁଡା ଡିଏଫ୍‌ଓ ମନୁ ଅଶୋକ ଭଟ ପ୍ରତିକ୍ରିୟା ଦେଇ କହିଛନ୍ତି, ସୁନ୍ଦରଗଡ଼ ଡିଭିଜନ ବର୍ଡରରେ ଏକ ବାଘ ଦେଖିବାକୁ ମିଳିଥିଲା। ଲଇକେରା ଅଞ୍ଚଳରେ ମିଳିଥିବା ବାଘର ପାଦ ଚିହ୍ନକୁ ଯାଞ୍ଚ କରାଯାଉଛି। ପାଦ ଚିହ୍ନର ପ୍ରାଥମିକ ତଦନ୍ତରୁ ଏହା ସୁନ୍ଦରଗଡ଼ ଅଞ୍ଚଳରେ ଦେଖା ଦେଇଥିବା ବାଘ ବୋଲି ବନ ବିଭାଗ ଅନୁମାନ କରୁଛି ଝାରସୁଗୁଡା ଡିଏଫ୍‌ଓ ସୂଚନା ଦେଇଛନ୍ତି।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଦେବଗଡ଼,୧୮।୮(ସମିସ): ରିଆମାଳ ବ୍ଲକ୍ ଲୁଲଙ୍ଗ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଯୋଗଦେଇ ୪୫ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୨୮ଟି ବ୍ୟକ୍ତିଗତ ଏବଂ ୧୭ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ଶିକ୍ଷକ ନିଯୁକ୍ତି, ନଳକୂପ, ଜମିବାଡ଼ି ବିବାଦ, ଚାଷୀ ନାମ ପଞ୍ଜୀକରଣ, ଜମିର ପଟ୍ଟା, ଭାଗବତ ଟୁଙ୍ଗି, ହାତୀ ଉପଦ୍ରବ କ୍ଷତିପୂରଣ, ରାଜସ୍ୱ ଗ୍ରାମ, ସୁଭଦ୍ରା ଯୋଜନା ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗଗୁଡ଼ିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧିକ୍ଷକ ଅନୀଲ କୁମାର ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଡେପୁଟି କଲେକ୍ଟର ଏଜଲୀନ ବାରା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୮।୮(ସମିସ): ଝାରସୁଗୁଡ଼ା ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ ପକ୍ଷରୁ କୃତ୍ରିମ ବୁଦ୍ଧିମତାରୁ ସୁପ୍ରିମକୋର୍ଟ ବିଧିକ ଅନୁବାଦ୍ ସଫ୍ଟୱେର୍‌କୁ ବ୍ୟବହାର କରି ସର୍ବୋଚ୍ଚ ନ୍ୟାୟାଳୟର ଇଂରାଜୀରୁ ଆଞ୍ଚଳିକ ଭାଷାକୁ ଅନୁବାଦ, ଓଡ଼ିଶା ହାଇକୋର୍ଟ ଭିଡିଓ କନଫରେନ୍ସିଂ ରୁଲର ଉପକାରିତା, ନାଗରିକଙ୍କ ପାଇଁ ଉପଲବ୍ଧ ସୂଚନା ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟାର ସୁବିଧା, ସିଭିଲ ପ୍ରକ୍ରିୟା ବିକଳ୍ପ ବିବାଦ ସମାଧାନ ମଧ୍ୟସ୍ଥତା ନିୟମ ୨୦୦୭ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସଦାଶିବ ଜେନା, ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ବରିଷ୍ଠ ଦେୱାନି ବିଚାରପତି(ଏଲ୍‌ଆର୍) ଦେବଶ୍ରୀ ସାହୁ, ସିଭିଲ କୋର୍ଟ ରେଜିଷ୍ଟ୍ରାର ରାଜେନ୍ଦ୍ର କୁମାର ଦାସ, ବରିଷ୍ଠ ଦେୱାନି ବିଚାରପତି ଡ. ସନ୍ଧ୍ୟା ରଥ, ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ପ୍ରତ୍ୟୁଷା କିରଣ, ଏସ୍‌ଡିଜେଏମ୍ ସୁଶ୍ରୀ ଗାୟତ୍ରୀ ମିଶ୍ର, କନିଷ୍ଠ ଦେୱାନି ବିଚାରପତି ସୁଶ୍ରୀ ମୋନାଲିସା ପ୍ରଧାନ, ଜେଏମ୍‌ଏଫ୍‌ସି(କଗ୍ନିଜେନ୍ସ) ସୁପ୍ରାସି ସୋନାଲି ମହାପାତ୍ର ଓ ଜେଏମ୍‌ଏଫ୍‌ସି ସୁଶ୍ରୀ ନର୍ମଦା ପ୍ରଧାନ ପ୍ରମୁଖ ବିଚାର ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଜିଲ୍ଲା ଓକିଲ ସଂଘର ସଭାପତି ତ୍ରିନାଥ ଗୁଆଲ ଓ ସଂଘର ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଓକିଲ ସଂଘର ଆଇନଜୀବୀ, ପ୍ରାଧିକରଣର ପ୍ୟାନେଲ୍ ଓକିଲ ଓ ଜିଲ୍ଲା କୋର୍ଟର କର୍ମଚାରୀମାନେ ଯୋଗଦେଇଥିଲେ।

## ■ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

# ପାଠ ସହ ଛାତ୍ରଛାତ୍ରୀ ସମାଜ ପ୍ରତି ସମର୍ପିତ ହେବା ଉଚିତ

ଝାରସୁଗୁଡ଼ା,୧୮।୮(ସମିସ): ଝାରସୁଗୁଡ଼ା ଜିଲ୍ଲାର ସର୍ବ ପୁରାତନ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ



ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଝାରସୁଗୁଡ଼ା ଦ୍ୱିତୀୟ ବାଟାଲିଅନ ମୁଖ୍ୟ ପ୍ରସାଦ ତମାଙ୍ଗ ଯୋଗଦେଇ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ହିସାବରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ଯୋଗଦେଇ ମଣିଷ ଜୀବନ ସାର୍ଥକ ହେବ ଯେତେବେଳେ ନିଜ ମାତୃଭୂମିର ସେବା, ଦାୟିତ୍ୱ ଓ କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନା କରିପାରିବ। ତେଣୁ ପାଠ ସହିତ ସମାଜ ପ୍ରତି ସମର୍ପଣ ଭାବ ପାଇଁ ଛାତ୍ରଛାତ୍ରୀ ବ୍ରତି ହେବା ଉଚିତ। ପୂର୍ବତନ ଛାତ୍ର ସଂସଦର ସଭାପତି ପ୍ରଫେସର ନରେନ୍ଦ୍ର କୁମାର ପଣ୍ଡା ଛାତ୍ରଛାତ୍ରୀଙ୍କୁ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ରଜରାଜନଗର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିଶ୍ୱଜିତ ଖମାରୀ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବର୍ତ୍ତମାନ ଓ ଭବିଷ୍ୟତରେ ଆସୁଥିବା ଆହ୍ୱାନ ଉପରେ ଆଲୋଚନା କରିବା ସହିତ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ବିଗତ ବର୍ଷ ଯୁକ୍ତଦୁଇ ଓ ଯୁକ୍ତତିନିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ପ୍ରାଧ୍ୟାପିକା ପୂର୍ଣ୍ଣମୀମୟୀ ଦାଶ ଓ ଅଧ୍ୟାପକ ରକି ବିଶ୍ୱାଳ ସଂଯୋଜନା କରିଥିବା ବେଳେ ପ୍ରାଧ୍ୟାପକ ବ୍ରଜେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରରେ ଅନୁଷ୍ଠାନର ଅନେକ ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପକ, ପୂର୍ବତନ ଛାତ୍ର ଓ ଅଭିଭାବକ ଯୋଗଦେଇଥିଲେ।

## ● ମହାଲକ୍ଷ୍ମୀ ପୂଜା କମିଟିର କର୍ମକର୍ତ୍ତା ଚୟନ

# ବିରେନ ସଭାପତି, ତ୍ରିନାଥ ସମ୍ପାଦକ



ରିଆମାଳ,୧୮।୮(ସମିସ): ରିଆମାଳ ମା' ମହାଲକ୍ଷ୍ମୀ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ନିର୍ବାଚନ ଅଧିକାରୀ ତ୍ରିଲୋଚନ ବେହେରାଙ୍କ ପରିଚାଳନାରେ ଚୟନ କରାଯାଇଥିବା ବେଳେ ମୁଖ୍ୟ ଉପଦେଷ୍ଟା ପଦବୀରେ କମିଟିର ପୂର୍ବ ସଭାପତି ତଥା ଅଧ୍ୟାପକ ଗୋଲବଦନ ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି। ସଭାପତି ବିରେନ କୁମାର ପ୍ରଧାନ, ସମ୍ପାଦକ ତ୍ରିନାଥ ବିଶ୍ୱାଳ, ମୁଖ୍ୟ କୋଷାଧ୍ୟକ୍ଷ ଶମ୍ଭୁଲାଲ ଅଗ୍ରୱାଲ, ଉପସଭାପତି ଝସକେତନ ବିଶ୍ୱାଳ, ଭୁବନେଶ୍ୱର ସାହୁ, ସହ ସମ୍ପାଦକ ଆଲୋକ ନାୟକ, କୁଞ୍ଜବିହାରୀ ଦାଶ, ସହ କୋଷାଧ୍ୟକ୍ଷ ବେଦଭୂଷଣ ପ୍ରଧାନ ଓ ଆଶିଷ ପ୍ରଧାନ, ସ୍ପନସର ସେକ୍ରେଟାରୀ ମନୋଜ ଅଗ୍ରୱାଲ, ସହ ସ୍ପନସର ସେକ୍ରେଟାରୀ ରାଜେଶ କୁମାର ଅଗ୍ରୱାଲ, ମିଡିଆ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରାଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ତ୍ରିଲୋଚନ ବେହେରା, ପ୍ରଣବ କିଶୋର ଘଡେଇ, ଗୋପାଳ ସାହୁ, ରଜତ କୁମାର ବିଶ୍ୱାଳ, ହେମନ୍ତ କୁମାର ପ୍ରଧାନ, ଦର୍ଶନିଆ ପ୍ରଧାନ, ଗୋକୁଳାନନ୍ଦ ସାହୁ, ଧିରେନ୍ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଛି। ଚଳିତ ବର୍ଷ ସାଜସଜ୍ଜାକୁ ଅଧିକ ଆକର୍ଷଣ କରାଯିବା ସହ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକଙ୍କ ପାଇଁ ବିଭିନ୍ନ କୌତୁହଳପୂର୍ଣ୍ଣ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଲୋକଙ୍କ ମନୋରଞ୍ଜନ ପାଇଁ ରାତିରେ ମେଲୋଡି, ରେକର୍ଡ ଡ୍ୟାନ୍ସ ପରି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଷ୍ଟାର କଳାକାରଙ୍କୁ ଡକାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ବେଲପାହାଡ଼ ପୌରପରିଷଦରେ ସ୍ୱତନ୍ତ୍ର ଅଡିଟ୍

ଝାରସୁଗୁଡ଼ା,୧୮।୮(ସମିସ): ଝାରସୁଗୁଡା ଜିଲ୍ଲା ବେଲପାହାଡ ପୌରପରିଷଦକୁ ଦୁଇ ଜଣିଆ ସ୍ୱତନ୍ତ୍ର ଅଡିଟ ଟିମ ପହଞ୍ଚିଛନ୍ତି। ସୋମବାର ଅପରାହ୍ଣରେ ଟିମ ପୌରପରିଷଦକୁ ପହଞ୍ଚି ୨୦୨୪-୨୫ ଆର୍ଥିକ ବର୍ଷର ଆୟ ବ୍ୟୟର ଅଡିଟ ଆରମ୍ଭ କରିଛି। ବିଭିନ୍ନ କର୍ମଚାରୀଙ୍କୁ ପଚରାଉଚୁରା, କାଗଜପତ୍ର ତଦାରଖ ସହ ବନ୍ଦ ଥିବା ବିଭିନ୍ନ କୋଠରୀ ଖୋଲି ତଦନ୍ତ ଆରମ୍ଭ କରିଛି ଏହି ସ୍ୱତନ୍ତ୍ର ଅଡିଟ ଟିମ। ୨୦୨୪-୨୫ ଆର୍ଥିକ ବର୍ଷରେ ହୋଇଥିବା ସମସ୍ତ ଆୟବ୍ୟୟର ଟିକିନିଖି ହିସାବ ବାହାର କରିବ ଏହି ଅଡିଟ ଟିମ। ଟିମରେ ଅଡିଟ ଅଫିସର ମନୋରଞ୍ଜନ ବେହେରା ଏବଂ ଅଡିଟର ଅରବିନ୍ଦ ସାମନ୍ତ ରହିଥିବା ଜଣାପଡିଛି। ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ ଶିଖା ବିଶ୍ୱାଳଙ୍କ ବେଲପାହାଡ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପତ୍ର ସଂଖ୍ୟା ଅନୁଯାୟୀ ଏହି ଦୁଇ ଜଣିଆ ଅଡିଟ ଟିମ ପୌରପରିଷଦର ୨୦୨୨-୨୫ ବର୍ଷର ଆୟବ୍ୟୟ ଓ ବିଭିନ୍ନ କାର୍ଯ୍ୟରେ ଖର୍ଚ୍ଚ ହୋଇଥିବା ଟଙ୍କା ବିଷୟରେ ୧୫ଟି କାର୍ଯ୍ୟ ଦିବସ ଯାଏଁ ଅଡିଟ କରିବ। ସମସ୍ତ କର୍ମଚାରୀଙ୍କୁ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହିବା ପାଇଁ ଅତିରିକ୍ତ ସଚିବଙ୍କ ପକ୍ଷରୁ ବେଲପାହାଡ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି କରାଯାଇଛି। ସ୍ୱତନ୍ତ୍ର ଅଡିଟ ଟିମ ବେଲପାହାଡ ପୌର ପରିଷଦ ପହଞ୍ଚିବା ପରେ ଲୋକଙ୍କ ମଧ୍ୟରେ ବିଭିନ୍ନ ଚର୍ଚ୍ଚା ଜୋର୍‌ଧରିଛି। ୨୦୨୪-୨୫ ବର୍ଷରେ ବେଲପାହାଡ ପୌରପରିଷଦରେ କୋଟି କୋଟି ଟଙ୍କାର କାର୍ଯ୍ୟ ହୋଇଥିବା ବେଳେ ଏଥିରେ ହେରଫେର ହୋଇଥିବା ସନ୍ଦେହ କରି ଏହି ସ୍ୱତନ୍ତ୍ର ଅଡିଟ କରାଯାଉଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଥିବା ବେଳେ ଅଡିଟ ଶେଷ ହେଲା ପରେ ଏବାବଦରେ ପ୍ରତିକ୍ରିୟା ଦେଇପାରିବେ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।

# ବ୍ରଜରାଜନଗରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ଝାରସୁଗୁଡା,୧୮।୮(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌରପରିଷଦ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୨୯ ଅଭିଯୋଗ ଆଗତ ହୋଇଥିବା ବେଳେ ୧୯ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୂହିକ ରହିଥିଲା। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହ୍ୱାଣଙ୍କ ସହ ବ୍ରଜରାଜନଗର ପୌରପରିଷଦ ଅଧ୍ୟକ୍ଷ ଗୋପାଳ ସୀତାନି, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଅତିରିକ୍ତ ଏସପି ଜେମେସ ସାମଦ, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ପ୍ରଧାନଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଲୋକଙ୍କ ଅଭିଯୋଗ ଶୁଣିବା ସହ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ୩ଟି ବ୍ଲକ୍‌ରେ ଆଞ୍ଚଳିକ ବିକାଶ ପରିଷଦର କୋର୍ କମିଟି ବୈଠକ

ଝାରସୁଗୁଡା,୧୮।୮(ସମିସ): ଲଇକେରା, କୋଲାବିରା ଓ କିର୍ମିରା ଆଞ୍ଚଳିକ ବିକାଶ ପରିଷଦର କୋର କମିଟି ବୈଠକ କୋଲାବିରା ବ୍ଲକ ପତ୍ରାପାଲି ବଜାର ପ୍ରାଙ୍ଗଣରେ ଆଞ୍ଚଳିକ ବିକାଶ ପରିଷଦର ସଭାପତି ଜିତେନ୍ଦ୍ରିୟ ଧୁରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। କୋଲାବିରା, ଲଇକେରା, କିର୍ମିରା ବ୍ଲକରେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଓ ଖାଲି ଥିବା ବିଭିନ୍ନ ପଦବୀ, ଡିଗ୍ରୀ ବିଜ୍ଞାନ ଶ୍ରେଣୀ ଖୋଲିବା, ତିନି ବ୍ଲକର ଶିକ୍ଷିତ ଯୁବକଯୁବତୀଙ୍କୁ ଜିଲ୍ଲାର ବିଭିନ୍ନ କଳକାରଖାନାରେ ସ୍ଥାୟୀ ନିଯୁକ୍ତି ଦେବା, ତିନି ବ୍ଲକରେ ଥିବା ଡାକ୍ତରଖାନାରେ ଖାଲିଥିବା ଡା. ପଦବି ପୂରଣ ଓ ସ୍ୱାସ୍ଥ୍ୟ ସେବା, ଭିର୍ତିଭୂମିରେ ଉନ୍ନତି, ପଥଭ୍ରଷ୍ଟ ଯୁବ ସମାଜକୁ ମୁଖ୍ୟସୋତ୍ରରେ ସାମିଲ କରିବା ପାଇଁ ଏହି ସଂଗଠନ ବିଷୟରେ ଆଲୋଚନା ହୋଇଥିଲା। ତିନି ବ୍ଲକରେ ଥିବା ଡାକ୍ତରଖାନାରେ ୪୫ରୁ ଅଧିକ ବିଭିନ୍ନ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ପଦବୀ ଖାଲିପଡିଛି, ଦୀର୍ଘ ବର୍ଷ ହେବ ପୂରଣ ହୋଇପାରୁନାହିଁ। ତିନି ବ୍ଲକରେ ବିଜ୍ଞାନ ଶ୍ରେଣୀ ନାହିଁ। ଡିଗ୍ରୀ ବିଜ୍ଞାନ ଶିକ୍ଷା ପାଇଁ ଛାତ୍ରଛାତ୍ରୀ ଝାରସୁଗୁଡ଼ା ସହର, କୁଚିଣ୍ଡା, ସମ୍ବଲପୁର, ରାଉରକେଲା ଓ ସୁନ୍ଦରଗଡ ଆଦି ସ୍ଥାନକୁ ଯିବାକୁ ବାଧ୍ୟ ହେଉଛନ୍ତି। ୩ ବ୍ଲକ୍ ଅଞ୍ଚଳରେ କୌଣସି ବୈଷୟିକ ଶିକ୍ଷାନୁଷ୍ଠାନ ନାହିଁ, ଆସନ୍ତା ସେପ୍ଟେମ୍ବର ମାସରେ କିର୍ମିରାରେ ହେବାକୁ ଥିବା ଉପଦେଷ୍ଟା ମଣ୍ଡଳୀ ଓ କୋର କମିଟି ବୈଠକ ପରେ ବିଭିନ୍ନ ଦାବିଗୁଡିକ ସରକାର ଓ



ପ୍ରଶାସନ ପାଖରେ ଉପସ୍ଥାପନା କରାଯିବ। ବୈଠକରେ ଆଞ୍ଚଳିକ ବିକାଶ ପରିଷଦର ଉପସଭାପତି ସ୍ୱରୂପ କିସାନ, ସାଧାରଣ ସମ୍ପାଦକ ସମ୍ବିତ ନାଏକ, ସମ୍ପାଦକ ଅଜୟ ବିଶ୍ୱାଳ, କୋଷାଧ୍ୟକ୍ଷ ସୁଖ କିସାନ, ସଦସ୍ୟ ବାପି ନାଏକ, ଦୀପକ ସାହୁ, ମଦନ ସୁନ୍ଦର ନାଏକ, ପ୍ରେମସାଗର ଧୁରୁଆ, ସୌଦାଗର ନାଏକ ଅସୀମ ପଟେଲ, ତ୍ରିଲୋଚନ ଡ଼ନସେନା ପ୍ରମୁଖ ଉପସ୍ଥିତ ଥିଲେ।

# କୁଲତା ସମାଜର ବୈଠକ

ଝାରସୁଗୁଡା,୧୮।୮(ସମିସ): ଝାରସୁଗୁଡା ଜିଲ୍ଲା କଦେଲପିଟା ସ୍ଥିତ ମା' ରାମଚଣ୍ଡୀ ମନ୍ଦିର ପରିସରରେ କୁଲତା ସମାଜର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କୁଲତା ସମାଜର ଉନ୍ନତି ଏବଂ ପ୍ରଗତୀ ପାଇଁ ଆଗକୁ କଣ ସବୁ କାର୍ଯ୍ୟ କରାଯିବ ସେନେଇ ଆଲୋଚନା କରାଯାଇଛି। ସେହିପରି କଦେଲପିଟା ପୀଠର ନୂତନ କମିଟି ଗଠନ ହେବା ପର୍ଯ୍ୟନ୍ତ ସଭାପତି ଭାବରେ କ୍ଷୀରୋଦ ପ୍ରଧାନ, ସମ୍ପାଦକ ଭାବରେ ରମେଶ ଚନ୍ଦ୍ର ସା, ସହ ସମ୍ପାଦକ ଭାବରେ ଜଗଦୀଶ ପ୍ରଧାନ, କୋଷାଧ୍ୟକ୍ଷ ଭାବରେ ନିରାକାର ବଢ଼େଇଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ପୂର୍ବରୁ ସମ୍ପାଦକ ଦାୟିତ୍ୱରେ ଥିବା ଦିଲେଶ୍ୱର ପ୍ରଧାନ ସ୍ୱଇଚ୍ଛାରେ ନିଜ ପଦରୁ ଅବ୍ୟାହତି ନେଇଛନ୍ତି।

# ରାହାସ ଯାତ୍ରା ପାଇଁ କର୍ମକର୍ତ୍ତା ମନୋନୟନ



ଦେବଗଡ଼,୧୮।୮(ସମିସ): ଦେବଗଡ଼ ପୌରାଞ୍ଚଳ ଭିତିରିଆସାହି ଗୋପୀକିଶୋର ଆସୋସିଏସନ୍‌ର ଚଳିତ ବର୍ଷ "ରାହାସ ଯାତ୍ରା' ଆୟୋଜନ ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ସୁଜିତ କୁମାର ପାତ୍ର, ଉପ ସଭାପତି ଭାବେ ବାଦଲ ଦାସ ଏବଂ ସୁଶାନ୍ତ କୁମାର ନାୟକ, ସମ୍ପାଦକ ଭାବେ ବିକାଶ କୁମାର ନାୟକ, ସହ ସମ୍ପାଦକ ବବଲୁ ନାୟକ, କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ବେହେରା ଏବଂ ପ୍ରତିକ କୁମାର ନାୟକ, ସାଂସ୍କୃତିକ ସମ୍ପାଦକ ରୂପେ ଅହିଂସା ନାୟକ ଓ ପୂଜା ମଣ୍ଡପ ସମ୍ପାଦକ ଭାବେ ଦୁଃଖବନ୍ଧୁ ସାହୁଙ୍କୁ ମନୋନୀତ କରାଯାଇଛି। ସେହିପରି ଉପଦେଷ୍ଟା ଭାବେ ବୀରେନ କୁମାର ନାୟକ, ଗୋକୁଳ ଚନ୍ଦ୍ର ଦାସ, ଗଜେନ୍ଦ୍ର କୁମାର ନାୟକ, ବିବେକା ନନ୍ଦ ଦାସ, ଶଶିଭୂଷଣ ଭୋଇ, ବ୍ରହ୍ମାନନ୍ଦ ଅଗ୍ରୱାଲ, ନୃସିଂହ ଚରଣ ସାହୁ, କିଶୋର ଚନ୍ଦ୍ର ଦାସ, ପ୍ରଦୀପ୍ତ କୁମାର ମହାପାତ୍ର, ସାଧିଆ ନାୟକ, ପ୍ରଫୁଲ୍ଲ କୁମାର ନାୟକ, ପ୍ରଫୁଲ୍ଲ କୁମାର, ମୋହିନୀ ଦାସ, ଚକ୍ରଧର ମହାନ୍ତି, ଦିଲ୍ଲୀପ କୁମାର ପ୍ରଧାନ, ପ୍ରଦୀପ ଅମାତ, ସୁବାସ ଚନ୍ଦ୍ର ଭୋଇ, ପ୍ରଦୀପ ଛତ୍ରିଆ, ପୂର୍ଣ୍ଣଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ଦାସ, ଚିତ୍ତରଞ୍ଜନ ନାୟକ, ଦିପନ କୁମାର ନାୟକ, ବିକାଶ କୁମାର ନାୟକ, ଭୋଳାନାଥ ଦାସ, ଦିଲ୍ଲୀପ କୁମାର ଅଗ୍ରୱାଲ ଏବଂ ଶୁଶୁ ଗୋଏଲଙ୍କୁ ମନୋନୀତ କରାଯାଇଛି। ଚଳିତ ବର୍ଷ ଯାତ୍ରା କିପରି ଉଚ୍ଚ କୋଟିର ହେବା ସହିତ ଶାନ୍ତି ଶୃଙ୍ଖଳାରେ ପାଳିତ ହେବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ନବ ନିଯୁକ୍ତ ସଭାପତି ପ୍ରକାଶ କରିଛନ୍ତି।

## ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟସେବା ସମସ୍ୟାର ସମାଧାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ପଦଯାତ୍ରା

# ପାଞ୍ଚଦିନ ଅପେକ୍ଷା ପରେ ବି ମିଳିଲାନି ସାକ୍ଷାତ

## ■ ଆଜିଠାରୁ ଲୋୟର ପିଏମ୍‌ଜିରେ ଅନଶନ

ଦେବଗଡ଼,୧୮।୮(ସମିସ):

ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ ରାତିରେ ମଧ୍ୟ ରାଜ୍ୟବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାର ଖୋଲା ରହିଥିବା ଏବଂ ସାଧାରଣ ଲୋକଙ୍କ ସରକାର ବୋଲି ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାରଙ୍କ ପ୍ରଚାର ବାସ୍ତବରେ ମିଛ ବୋଲି ପୁଣି ଥରେ ପ୍ରମାଣିତ ହୋଇଛି।ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ପରିବର୍ତ୍ତନ ପରଠାରୁ ଜିଲ୍ଲାବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ସହର ମଧ୍ୟରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦାବିରେ ଦିନକୁ ଦିନ ଜନ ଆନ୍ଦୋଳନ ପାଇଁ ପାଗ ଭିଡୁଥିବା ବେଳେ ଜିଲ୍ଲାବାସୀଙ୍କ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ଯୁବ ଏକତା ମଞ୍ଚ ନାମରେ ଏକ ଅଣରାଜନୈତିକ ସଂଗଠନ ପ୍ରଶାସନ ଜରିଆରେ ରାଜ୍ୟ ସରକାରଙ୍କ ଠାରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ମିଳିପାରିନାହିଁ।

ଯୁବ ଏକତା ମଞ୍ଚକୁ ସମର୍ଥନ କରି ଜିଲ୍ଲାର ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ମଞ୍ଚର କାର୍ଯ୍ୟକ୍ରମକୁ ସମର୍ଥନ କରିବାସହ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାର ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିବା ବେଳେ ତାଙ୍କ ପଛକୁ ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ ଓ ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଜିଲ୍ଲାବାସୀଙ୍କ ସମସ୍ୟାର ସମାଧାନ ପାଇଁ ଜିଲ୍ଲାର ଯୁବ ସ୍ୱେଚ୍ଛାସେବୀ ଅର୍ଣ୍ଣବ କୁମାର ପଣ୍ଡା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ ପାଇଁ ଗତ ୭ତାରିଖରୁ ଦେବଗଡ଼ରୁ ଭୁବନେଶ୍ୱର ଅଭିମୁଖେ ପଦଯାତ୍ରାରେ ବାହାରିଥିଲେ। ୧୩ ତାରିଖ ରାତି ସାଢେ ୮ଟାରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ପହଞ୍ଚି ଦାବିପତ୍ର ଦେବା ପାଇଁ ଅପେକ୍ଷା କରିଥିଲେ। ହେଲେ ଆଜକୁ ପାଞ୍ଚ ଦିନ ଧରି ଅହୋରାତ୍ର ଅପେକ୍ଷା କରିବା ପରେ ମଧ୍ୟ ଶ୍ରୀ ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ ପାଇଁ ସୁଯୋଗ ମିଳିପାରିନାହିଁ।

ଫଳରେ ଜିଲ୍ଲାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେବାସହ କୁଆଡେ ଗଲେ ଲୋକଙ୍କ ସରକାର ବୋଲି ଜନସାଧାରଣଙ୍କ ମଧ୍ୟରେ ଆଲୋଚନା ହେଉଥିବା ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷରେ ଆସନ୍ତାକାଲି ଠାରୁ ଶ୍ରୀ ପଣ୍ଡା ଭୁବନେଶ୍ୱର



ଲୋୟର ପିଏମ୍‌ଜିରେ ଧାରଣା ଦେବେ ବୋଲି ସାମାଜିକ ଗଣମାଧ୍ୟମରେ ଘୋଷଣା କରିଛନ୍ତି। ଜିଲ୍ଲାର ସାମୂହିକ ସମସ୍ୟାର ସମାଧାନ ପାଇଁ ଦେବଗଡ଼ ଜିଲ୍ଲାର ଜଣେ ଯୁବକ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି ପାଇଁ ୩୦୦ କିମି ପଦଯାତ୍ରା କରିଯାଇଥିଲେ। ଗତ ୫ଦିନ ଧରି ଦାବି ଜଣାଇବା ପାଇଁ ଅପେକ୍ଷା କରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୁଯୋଗ ନଦେବା ଜିଲ୍ଲାବାସୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ପଦାରେ ପକାଇଛି ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଜିଲ୍ଲାବାସୀଙ୍କ ପ୍ରତି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଅଣଦେଖା ପ୍ରତିବାଦରେ ମଞ୍ଚ ପକ୍ଷରୁ ଆସନ୍ତା ଗୁରୁବାର ୧୨ ଘଣ୍ଟିଆ ଦେବଗଡ଼ ବନ୍ଦ ଡାକରା ଦିଆଯାଇଛି। ସୂଚନା ଯୋଗ୍ୟ ଦେବଗଡ଼ ପୌରାଞ୍ଚଳର ପ୍ରାୟ ୪୦ ହଜାର ଜନସାଧାରଣଙ୍କ ସମେତ ଜିଲ୍ଲାର ତିନୋଟି ବ୍ଲକ୍‌ର ଜନ ସାଧାରଣ ରାଜା ରାଜୁଡା ଅମଳରୁ ସହର ମଧ୍ୟସ୍ଥଳିରେ ଥିବା ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସୁବିଧାରେ ଆସି ସ୍ୱାସ୍ଥ୍ୟ ସେବା ପାଇପାରୁଥିଲେ। ମାତ୍ର ଗତ ଜୁନ ୩ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବାଲିରୋଇ ମୌଜାରେ ନିର୍ମିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂତନ କୋଠାକୁ ତରବରିଆ ଭାବେ ଲୋକାର୍ପଣ କରିଥିଲେ।

ମାସକ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରୁ ନୂତନ କୋଠାକୁ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହର ଠାରୁ ପ୍ରାୟ ୬ କିଲୋମିଟର ଦୂରତାରେ ଥିବାବେଳେ ଯାତାୟାତ ପାଇଁ ଗାଡି ସୁବିଧା ନଥିବାରୁ ଲୋକେ ଚିକିତ୍ସା ସେବା ପାଇଁ ନାହିଁ ନଥିବା ଅସୁବିଧା ଭୋଗ କରିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷରେ ଜଙ୍ଗଲିଆ ରାସ୍ତା ସାଙ୍ଗକୁ ରାସ୍ତାକଡ଼ରେ ପର୍ଯ୍ୟାପ୍ତ ଆଲୋକୀକରଣ ବ୍ୟବସ୍ଥା କରାଯାଇ ନ ଥିବାରୁ ରାତ୍ରି ସମୟରେ ଉକ୍ତ ଚିକିତ୍ସାଳୟକୁ ଯିବା ପାଇଁ ମହିଳାମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ସେହିପରି ୭ ମହଲା ବିଶିଷ୍ଟ କୋଠାରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନ ଥିବାରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସମ୍ପର୍କୀୟ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାବାହାରେ ମଧ୍ୟ ଅନୁସଙ୍ଗିକ ସୁବିଧା ନଥିବାରୁ ଜିଲ୍ଲାବାସୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାକୁ ଉପଖଣ୍ଡୀୟ ଚିକିତ୍ସାଳୟର ମାନ୍ୟତା ଦାବିକରି ସେଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଜିଲ୍ଲାବାସୀ ଦାବି କରିଛନ୍ତି।

# ସମ୍ପାଦକୀୟ



ପିଲାମାନଙ୍କୁ ଅର୍ଥ ନୁହେଁ, ବରଂ ଖୁସି ସାଉଁଟିବାର ଶିକ୍ଷା ଦିଅନ୍ତୁ। ତା' ହେଲେ ସେମାନେ ଯେକୌଣସି ବିଷୟକୁ ଅର୍ଥ ସହିତ ତୁଳନା ନ କରି ତା'ର ମୂଲ୍ୟ ବୁଝିପାରିବେ।
-ଷ୍ଟିଭ୍ ଜବ୍ସ

ସକାଳ
THE SAKALA

## ଆଶାର ଆଲୋକ ଆଲାସ୍କା

ସବୁ ଆଶା ଓ ନିରାଶା ମଧ୍ୟରେ ଅନୁଷ୍ଠିତ ଆଲାସ୍କା ଶିଖର ବୈଠକ ଶୁକ୍ରବାର ଶେଷ ହୋଇଛି। ଆମେରିକା ଓ ରୁଷିଆର ଦୁଇ ଶୀର୍ଷ ନେତୃତ୍ୱ ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ତିନିଘଣ୍ଟାର ଆଲୋଚନାରୁ ଠୋସ୍ କିଛି ନିର୍ଯାସ କି ବାର୍ତ୍ତା ବିଶ୍ୱବାସୀଙ୍କୁ ମିଳିନଥିଲେ ମଧ୍ୟ ଏହା ଯେ ସକାରାତ୍ମକ, ତାହା ଦୁଇ ନେତାଙ୍କ ପ୍ରତିକ୍ରିୟାରୁ ସ୍ପଷ୍ଟ ହୋଇଛି। କୂଟନୈତିକ ଗୋଟିଚାଳନାରେ ସିଦ୍ଧହସ୍ତ ପୁଟିନ ରୁଷର ସ୍ୱାର୍ଥକୁ ସୁରକ୍ଷିତ ରଖି ଟ୍ରମ୍ପଙ୍କୁ ମନେଇବାକୁ ସମର୍ଥ ହୋଇଛନ୍ତି। 'ଟ୍ରମ୍ପ ଯଦି ୨୦୨୨ରେ ଆମେରିକାର ରାଷ୍ଟ୍ରପତି ପଦରେ ଅବସ୍ଥାନ କରୁଥା'ନ୍ତେ ହୁଏତ ରୁଷ –ୟୁକ୍ରେନ ଯୁଦ୍ଧ ସଂଘଟିତ ହୋଇ ନ ଥା'ନ୍ତା।' ଅନନମୀୟ ଟ୍ରମ୍ପଙ୍କୁ ମନେଇବାରେ ପୁଟିନଙ୍କ ଏହି ବକ୍ତବ୍ୟ ଯଥେଷ୍ଟ ଥିଲା। କାରଣ ଏହି ଶିଖର ବୈଠକ ପୂର୍ବରୁ ୟୁରୋପୀୟ ନେତା ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସ୍କିଙ୍କ ସହ ଆଲୋଚନା ବେଳେ ତୁରନ୍ତ ଯୁଦ୍ଧ ବିରାମ ପ୍ରସ୍ତାବରେ ପୁଟିନ ରାଜି ନହେଲେ ପରିସ୍ଥିତି ଭୟାନକ ହେବ ବୋଲି ଟ୍ରମ୍ପ ଧମକ ଦେଇଥିଲେ। କିନ୍ତୁ ଆଲାସ୍କାର ଶିଖର ବୈଠକରେ ଆଲୋଚନାର ଗତି ଏଭଳି ମୋଡ଼ ନେଇଥିଲା ଯେ ଟ୍ରମ୍ପ କହିଥିଲେ, ଯୁଦ୍ଧ ବିରତି କାହିଁକି ଆମେରିକା ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଚାହେଁ। ଯେଉଁ ପ୍ରସଙ୍ଗ ନେଇ ଏହି ଯୁଦ୍ଧର ସୂତ୍ରପାତ ଘଟିଥିଲା ତାହାକୁ ପରୋକ୍ଷରେ ଗ୍ରହଣ କରି ପୁଟିନଙ୍କୁ ମନେଇଛନ୍ତି ଟ୍ରମ୍ପ। ସେ ଇଙ୍ଗିତ. କରିଥିବା ମନ୍ତବ୍ୟଟି ହେଲା ୟୁକ୍ରେନ ନାଟୋର ସଦସ୍ୟ ନ ରହିଲେ ମଧ୍ୟ ତାହାର ସୁରକ୍ଷା ପ୍ରତି ଆମେରିକା ଅଙ୍ଗୀକାରବଦ୍ଧ। ପୁଟିନ ଶିଖର ବୈଠକର ଅଗ୍ରଗତିକୁ ସକାରାତ୍ମକ କହିଥିବା ବେଳେ ଟ୍ରମ୍ପ ୧୦ ରୁ ୧୦ ନମ୍ବର ଦେଇଛନ୍ତି। ସୋମବାର ହ୍ୱାଇଟ ହାଉସରେ ଟ୍ରମ୍ପ ଓ ଜେଲେନ୍ସ୍କିଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକରେ ସଫଳତା ଉପରେ ନିର୍ଭର କରେ ଶାନ୍ତି ପ୍ରତିଷ୍ଠାର ସମ୍ଭାବନା।

ଆଲାସ୍କା ଶିଖର ସମ୍ମିଳନୀକୁ ଭାରତ ସ୍ୱାଗତ କରି କହିଛି ଯେ କୂଟନୈତିକ ସ୍ତରରେ ଉଦ୍ୟମ ଓ ଆପୋସ ଆଲୋଚନା ହିଁ ସବୁ ସମସ୍ୟାର ସମାଧାନ କରିପାରିବ। ରୁଷ-ୟୁକ୍ରେନ ଯୁଦ୍ଧର ଶାନ୍ତିପୂର୍ଣ୍ଣ ଅବସାନକୁ ଭାରତ ସମେତ ସମଗ୍ର ବିଶ୍ୱ ଅପେକ୍ଷା କରିଛି। ଶିଖର ବୈଠକ ପରିବର୍ତ୍ତୀ ପ୍ରତିକ୍ରିୟା ମଧ୍ୟ ଭାରତ ସକାଶେ ଆଶା ସଂଚାର କରିଛି। ଚୀନ ପଛକୁ ଭାରତ ହିଁ ରୁଷରୁ ସର୍ବାଧିକ ତୈଳ ସଂଗ୍ରହ କରୁଛି। ଏଥିସକାଶେ ଭାରତ ବିରୋଧରେ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିଛନ୍ତି ଟ୍ରମ୍ପ, ଯାହାକି ଅଗଷ୍ଟ ୨୭ରୁ ଭାରତୀୟ ରପ୍ତାନି ସାମଗ୍ରୀ ଉପରେ ଲାଗୁ ହେବାର ଥିଲା। ତେବେ ଟ୍ରମ୍ପ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଦୁଇ ତିନି ସପ୍ତାହ ସମୟ ନେଇଛନ୍ତି। ତେଣୁ ଆଗାମୀ ଦିନରେ ଏହି ବିବାଦୀୟ ଅତିରିକ୍ତ ଶୁଳ୍କ ପ୍ରସଙ୍ଗ ସମାଧାନର ନିକଟବର୍ତ୍ତୀ ହେବ ବୋଲି ଭାରତ ଆଶା କରେ। ଟ୍ରମ୍ପଙ୍କ ସମୟ ନେବା ପଛରେ ଆଉ ଯେଉଁ ଦିଗଟି ଅସ୍ପଷ୍ଟ ଅଛି, ତାହା ହେଲା ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଯୋଗଦାନ। ତାହାର ନିଷ୍କର୍ଷ ଉପରେ ଟ୍ରମ୍ପଙ୍କ ଅତିରିକ୍ତ ଶୁଳ୍କ ନିଷ୍ପତ୍ତି ଅନେକଟା ନିର୍ଭର କରେ ବୋଲି ପର୍ଯ୍ୟବେକ୍ଷକ ମହଲ ମନେ କରନ୍ତି।

ଶିଖର ବୈଠକ ପାଇଁ ଆଲାସ୍କାକୁ ନିରୂପଣ କରିବାର ମଧ୍ୟ କିଛି ଐତିହାସିକ ପୃଷ୍ଠଭୂମି ଅଛି। ୧୭୨୫ରୁ ଆଲାସ୍କା ଥିଲା ସୋଭିଏତ ରୁଷ ଅଧୀନରେ। ଖଣିଜ ସମ୍ପଦ ଠାରୁ ଆରମ୍ଭ କରି ବିପୁଳ ତୈଳସମ୍ପଦ ସେଠାରେ ଗଚ୍ଛିତ ଥିବା ସଂପର୍କରେ ଅବଗତ ହେବା ପୂର୍ବରୁ ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ତାହାକୁ ବିକି ଦେବାକୁ ସ୍ଥିର କରିଥିବା ରୁଷ। କ୍ରିମିଆ ଯୁଦ୍ଧରେ ସମ୍ମୁଖୀନ ହୋଇଥିବା ବିପର୍ଯ୍ୟୟର ବାଧ୍ୟବାଧକତାରୁ ରୁଷ ଏହି ନିଷ୍ପତ୍ତି ନେଇଥିଲା। ଆମେରିକା ମଧ୍ୟ ଗୃହଯୁଦ୍ଧ ଅବସାନ ପରେ ଆଲାସ୍କା କ୍ରୟ ପାଇଁ ଯୋଗାଯୋଗ କରିଥିଲା। ୫ ଲକ୍ଷ ୮୦ ହଜାର ୪୧୨ ବର୍ଗ ମାଇଲ୍ ଅଞ୍ଚଳକୁ ୭.୨ ନିୟୁତ ଡଲାର ବିନିମୟରେ ୧୮୬୭ ମାର୍ଚ୍ଚ ୩୦ ତାରିଖରେ ଆମେରିକା କିଣିଥିଲା ସୋଭିଏତ୍ ରୁଷ୍‌ଠାରୁ। ଆଲାସ୍କା ସମ୍ପ୍ରତି ଆମେରିକାର ଉତ୍ତର ଭାଗରେ ଅନ୍ୟତମ ସମୃଦ୍ଧ ରାଜ୍ୟର ମାନ୍ୟତା ଲାଭ କରିଛି। ଏହି ଐତିହାସିକ ଶିଖର ବୈଠକ ପାଇଁ ନିର୍ଦ୍ଧାରିତ ସ୍ଥାନ ପଛରେ ଆମେରିକା ଅହଂକାର ଓ ରୁଷର ପାରମ୍ପରିକ ସଂପର୍କ ଯେ ନିହିତ ଅଛି ତାହାକୁ ଅସ୍ୱୀକାର କରି ହେବ ନାହିଁ।

ୟୁକ୍ରେନକୁ ନାଟୋ ସଦସ୍ୟତା. ପ୍ରଦାନକୁ ବିରୋଧ କରି ରୁଷ ପକ୍ଷରୁ ହୋଇଥିବା ଆକ୍ରମଣ ଏଥିମଧ୍ୟରେ ତିନିବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଟ୍ରମ୍ପଙ୍କ ପକ୍ଷରୁ ଆଗତ ଏକାଧିକବାର ଯୁଦ୍ଧ ବିରତି ପ୍ରସ୍ତାବ ଫଳପ୍ରଦ ହୋଇ ନ ଥିଲା। ପ୍ରଥମ ଥର ସକାଶେ ଆମେରିକା ଓ ରୁଷର ଶୀର୍ଷ ନେତୃତ୍ୱ ଆଲାସ୍କାରେ ଏକତ୍ରିତ ହେବା କୂଟନୈତିକ ଓ ଭୂରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ୟୁକ୍ରେନ ଓ ୟୁରୋପୀୟ ସହଯୋଗୀ ତୁରନ୍ତ ଯୁଦ୍ଧ ବିରାମ ଚାହୁଁଥିଲେ ମଧ୍ୟ ଟ୍ରମ୍ପ କିଭ୍ ଓ ମସ୍କୋ ମଧ୍ୟରେ ପ୍ରତ୍ୟକ୍ଷ ଶାନ୍ତି ରାଜିନାମାକୁ ଗୁରୁତ୍ୱ ଦେଇଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ୟୁକ୍ରେନ ତୁଳନାରେ ରୁଷର ଶକ୍ତି ଓ ସାମର୍ଥ୍ୟ ଯଥେଷ୍ଟ ଅଧିକ। କିଭ୍ ପକ୍ଷରୁ ପ୍ରତିରୋଧ ଜାରି ରଖିବା ଅର୍ଥହୀନ। ତେଣୁ ମସ୍କୋ ସହ ରାଜିନାମାରେ ଉପନୀତ ହେବା ଜରୁରୀ। ପୁଟିନ ଓ ଟ୍ରମ୍ପଙ୍କ ମଧ୍ୟରେ ଆଲୋଚନା ବେଳେ ଆଗତ ପ୍ରସ୍ତାବ ଓ ସର୍ତ୍ତ ସଂପର୍କରେ ସେ ଜେଲେନସ୍କିଙ୍କ ସହ ମତ ବିନିମୟ କରିଛନ୍ତି। ଏହାର ସଫଳତା ଉପରେ ପୁଟିନ ଓ ଜେଲେନସ୍କିଙ୍କ ଦ୍ୱିପାକ୍ଷିକ କଥାବାର୍ତ୍ତା ସକାଶେ ପଥ ପରିଷ୍କାର ହେବ। ଲକ୍ଷ ଲକ୍ଷ ନିରୀହ ଲୋକଙ୍କ ଜୀବନ ରକ୍ଷା ପ୍ରସଙ୍ଗରେ ଉଭୟ ପକ୍ଷ କୋହଳ ମନୋଭାବ ପୋଷଣ କରିବା ଉଚିତ। ଫକ୍ସ ନ୍ୟୁଜ୍‌କୁ ଏକ ସାକ୍ଷାତକାରରେ ଦଖଲ ଅଞ୍ଚଳ ବିନିମୟ ଓ ନିରାପତ୍ତା ପ୍ରସଙ୍ଗରେ ପ୍ରତିଶ୍ରୁତିବଦ୍ଧତା ନେଇ ଅଣାନୁଷ୍ଠାନିକ ଆଲୋଚନା ବେଳେ ଗୁରୁତ୍ୱ ଦିଆଯାଇଥିବାର ସୂଚନା ଦେଇଛନ୍ତି ଟ୍ରମ୍ପ। ଦୁଇପକ୍ଷ ସହମତିର ନିକଟବର୍ତ୍ତୀ ହୋଇଛନ୍ତି। ୟୁକ୍ରେନ ପାଇଁ ଏହା କେତେଦୂର ଗ୍ରହଣଯୋଗ୍ୟ ହେବ ତାହା ଜେଲେନସ୍କିଙ୍କ ଉପରେ ନିର୍ଭର କରେ। ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସକାଶେ ଆଲାସ୍କାରେ କଥାବାର୍ତ୍ତା ଚାଲିଥିବା ବେଳେ ୟୁକ୍ରେନ ବିରୋଧରେ ରୁଷ ଆକ୍ରମଣ ଜାରି ରଖିଥିଲା। ଦୁଇ ପରସ୍ପର ବିରୋଧୀ ମାନସିକତା ମଧ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସମ୍ଭାବନା କେତେଦୂର ଗ୍ରହଣୀୟ ତାହା ମଧ୍ୟ ବିଚାର୍ଯ୍ୟ। ୟୁକ୍ରେନକୁ ନାଟୋ ସଦସ୍ୟତାରୁ ଦୂରେଇ ରଖିବାର ବାଧ୍ୟବାଧକତା ନେଇ ଟ୍ରମ୍ପ ଯେଉଁ ପରୋକ୍ଷ ଇଙ୍ଗିତ ଦେଇଛନ୍ତି ତାହା ଶାନ୍ତି ପ୍ରତିଷ୍ଠାରେ ସହାୟକ ହେବ।

ଭାରତ ତାହାର ସାର୍ବଭୌମ ଅଧିକାରକୁ ତୈଳ ଆଦଦାନୀ ପ୍ରସଙ୍ଗରେ ସାଲିସ କରିନାହିଁ କି ଏ ସଂପର୍କରେ ଆମେରିକାର ଚାପ ସତ୍ତ୍ୱେ ନିଷ୍ପତ୍ତି ବଦଳାଇନାହିଁ। ଆଲାସ୍କା ଶିଖର ବୈଠକ ପରେ ଟ୍ରମ୍ପ ନିଜ ଆଡୁ କହିଥିଲେ ଯେ ରୁଷରୁ ତୈଳ ଆମଦାନୀ ବନ୍ଦ କରିଛି ଭାରତ, ଯାହାକି ଅସତ୍ୟ ଓ ନିରାଧାର। ଏହି ପ୍ରସଙ୍ଗରେ ସେ ଯେଉଁ ୨୫% ଅତିରିକ୍ତ ଶୁଳ୍କ ଆଦାୟ ନିର୍ଦ୍ଦେଶ ଦେଇଥିଲେ ତାହାର ପୁନଃବିଚାର କରୁଥିବା ସୂଚନା ଦେଇଛନ୍ତି। ଭାରତ ଭଳି ଚୀନ ମଧ୍ୟ ରୁଷରୁ ତୈଳ ଆମଦାନୀ କରୁଛି। ଉଭୟଙ୍କ କ୍ଷେତ୍ରରେ ସେ ସାନି ନିଷ୍ପତ୍ତି ନେବା ପାଇଁ ଦୁଇ ତିନି ସପ୍ତାହ ନେଇଛନ୍ତି। ତେଣୁ କିଛି ନୂଆ ସମ୍ଭାବନା ନେଇ ଆଶା କରିବାର ଯଥାର୍ଥତା ଅଛି। ●

## ଅସିମ ମୁନିର ଓ ଅବୋଲକରା ଜିଭ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ବିଶ୍ୱବିଖ୍ୟାତ ମନୋବୈଜ୍ଞାନିକ ତଥା ମନୋଚିକିତ୍ସକ 'ସିଗ୍‌ମଣ୍ଡ ଫ୍ରଏଡ୍' ଯଦି ଏବେ ଜୀବିତ ଥା'ନ୍ତେ, ସେ ପାକିସ୍ତାନର ସାମରିକ ବାହିନୀର ଫିଲ୍‌ଡ ମାର୍ଶାଲ୍ ପଦକୁ ସଦ୍ୟ ଉନ୍ନୀତ 'ଅସିମ ମୁନିର'ଙ୍କୁ କେତେ ଯେ ଧନ୍ୟବାଦ ଦେଇଥା'ନ୍ତେ କିଏ ଜାଣେ? କାରଣ ଅସୀମ ଅବିମୃଶ୍ୟକାରିତାର ଲଜ୍ଜାଜନକ ଉଦାହରଣମାନ ଆମକୁ ଭେଟି ଦେଇ ଚାଲିଥିବା ଏ ଅସିମ ମୁନିର ନିକଟରେ ଆମେରିକାର ଫ୍ଲୋରିଡ଼ା ସହରରେ ପାକିସ୍ତାନୀ-ଆମେରିକୀୟମାନଙ୍କୁ ଉଦ୍‌ବୋଧନ ଦେଉଥିବା ବେଳେ ତାଙ୍କ ଅମାନିଆ ତୁଣ୍ଡରୁ ଯେଉଁଟି ଉତୁରି ପଡ଼ିଥିଲା, ସେଇଟି ନିଶ୍ଚୟ 'ଫ୍ରଏଡିଆନ୍ ସ୍ଲିପ୍' ପରି ଅକସ୍ମାତ୍ ଜିହ୍ୱାଗ୍ର-ପତିତ ବାକ୍ୟଟିଏ। 'ଫ୍ରଏଡିଆନ୍ ସ୍ଲିପ୍' ହେଉଛି ଅବଚେତନ ମନର କୌଣସି ଏକ ଅବଦମିତ ଭାବନାର ଭାଷିକ ପରିପ୍ରକାଶ। ଘୋର ଭାରତ ବିଦ୍ୱେଷୀ ତଥା ହିନ୍ଦୁ-ବିଦ୍ୱେଷୀ ବିଷଜ୍ୱାଳାରେ ମୁନିରଙ୍କ ଅବଚେତନ ମନ ନୁହେଁ, ଚେତନ ମନଟି ବି ପୂରାପୂରି ନେଳି ପଡ଼ିଯାଇସାରିଛି 'ଅପରେସନ୍ ସିନ୍ଦୂର'ରେ ପାକିସ୍ତାନର ଦୟନୀୟ ପରାଭବ ପରେ। ତେଣୁ ସେ ବିଚରା କିପରି ବା ନିଜର ବିଷଭରା ଜିଭଟିକୁ ଆୟତ୍ତରେ ରଖିପାରିଥା'ନ୍ତେ?

ଆମେରିକାରେ ଆପଣାର ଶୂନ୍ୟଗର୍ଭ ଡମ୍ଫଣିଆର ଉଦାହରଣଟିଏ ଉପସ୍ଥାପନ କରିବାର ଦାୟରେ ଶତ୍ରୁଦେଶ ଭାରତକୁ କଡ଼ା ଧମକଟିଏ ଦେବା ପାଇଁ ଠିକଣା ବାକ୍ୟ-ବିନ୍ୟାସଟିଏ କରିବାକୁ ମୁନିର ତାଙ୍କ ମଗଜଟି ନିଶ୍ଚୟ ଖଟାଇଥିବେ। କିନ୍ତୁ କ'ଣ ବା କରିବେ ସେ? ତାଙ୍କର ସେ ମଗଜଟି ତ ଆଉ ଆମତୁମମାନଙ୍କ ପରି ନୁହେଁ। ସେଥିରେ ତ ଘୃଣା ଓ ଅସୂୟାର ଓ ତକ୍ଷକ-ଅହନ୍ତାର ପ୍ରାବଲ୍ୟ। ସେଥିରୁ ଯାହା ଉଦ୍‌ଗିରିତ ହେବ, ତାହା କିପରି ବା ଭଦ୍ର, ସଂଯତ ବା ପ୍ରୀତିପ୍ରଦ ହେବ? ମୁନିର-ଜାତୀୟ ମଣିଷମାନଙ୍କ ପ୍ରତିଟି ବକ୍ତବ୍ୟ, ପ୍ରତିଟି ଉଚ୍ଚାରଣରେ ବାରମ୍ବାର 'ଫ୍ରଏଡିଆନ୍ ସ୍ଲିପ୍'ମାନ ଘଟିବା ତେଣୁ ଖୁବ୍ ସ୍ୱାଭାବିକ ନିଶ୍ଚୟ। ତେବେ ସେଦିନ ଫ୍ଲୋରିଡ଼ାର ସେ ସଂଗତରେ ଅସିମ ମୁନିରଙ୍କ ତୁଣ୍ଡରୁ ବାହାରିଯାଇଥିବା ବାକ୍ୟଟି ତାଙ୍କର କଚ୍ଚର ଅନୁଗତ ମଣିଷମାନଙ୍କୁ ବି ସ୍ୱୀକାର କରିବାକୁ ବାଧ୍ୟ କରିଥିବ ଯେ ସେମାନଙ୍କ ଏ ଫିଲଡ୍ ମାର୍ଶାଲ୍ ଶୀର୍ଷସ୍ତରୀୟ ହୁଙ୍କାପିଟା ନିର୍ବୋଧ ଜଣେ। ନହେଲେ କ'ଣ କେବେ ସେ କହିଥା'ନ୍ତେ- 'ଭାରତ ଏକ 'ମର୍‌ସିଡିଜ୍' ହେଲେ ପାକିସ୍ତାନ ଏକ 'ଡଂପ୍ ଟ୍ରକ୍'। ଅର୍ଥାତ, ଶତ୍ରୁ ଦେଶ ଭାରତ ହେଉଛି ସମ୍ଭ୍ରାନ୍ତ-ଦର୍ଶନ 'ମର୍‌ସିଡିଜ୍'କାର୍‌ଟିଏ ପରି ଦ୍ରୁତ ବେଗଗାମୀ ଏବଂ ପାକିସ୍ତାନ ଏକ ଅଳିଆ ଆବର୍ଜନାଭରା, ଅସୁନ୍ଦର ଗଢ଼ଣର ମାନ୍ଦା, ଓଜନିଆ ଟ୍ରକ୍‌ଟିଏ।

ଅହଂସ୍ଫୀତ ମୁନିରଙ୍କ ଏ ରୂପକ ଦୁଇଟିର ବ୍ୟଞ୍ଜନାର୍ଥ ଖୋଦ୍ ପାକିସ୍ତାନୀମାନଙ୍କୁ ହତଭମ୍ବ କରିଦେଇଥିବ, ଲଜ୍ଜାବନତ କରି ଦେଇଥିବ। କାରଣ ବିଶ୍ୱସମ୍ମୁଖରେ ତାଙ୍କରି ଫିଲ୍‌ଡ ମାର୍ଶାଲ୍ ପୂରାପୂରି ଅନାବରଣ କରି ଥୋଇଦେଲେ ପାକିସ୍ତାନକୁ। କହିଦେଲେ ନିର୍ଘାତ ସତଟିଏ, ଯେଉଁଟିକୁ ଲୁଚାଇବାକୁ ଯାଇ କେତେକେତେ ଛଳବଳ କୌଶଳର ଆଶ୍ରୟ ନେଇ ଚାଲିଛି ପାକିସ୍ତାନ ତା'ର ଜନ୍ମ ଅବଧିରୁ ଏ ପର୍ଯ୍ୟନ୍ତ। କିନ୍ତୁ ଆମେ ଭାରତୀୟମାନେ ମୁନିରଙ୍କୁ ଅଶେଷ ଧନ୍ୟବାଦ ଦେବା। ତାଙ୍କର ସେ ଘୃଣାରଞ୍ଜିତ ଅବଚେତନ ମନର ପୃଷ୍ଠାରେ ଅଳିଭା କାଳିରେ ଲେଖି ହୋଇରହିଥିବା ଭାରତ ସଂପର୍କିତ ବ୍ୟାଖ୍ୟାନଗୁଡ଼ିକରୁ ଗୋଟିଏ ନିଛକ ସତ ଉତୁରି ଆସିଛି ସମ୍ଭବତଃ ତାଙ୍କ ଅଜାଣତରେ। ସେ ଯାହା ହେଉ, ମୁନିରଙ୍କ ଏ 'ଫ୍ରଏଡିଆନ୍ ସ୍ଲିପ୍'ଏଇ କେତୋଟି ଦିନ ଧରି ଭାରତୀୟଙ୍କୁ (ବିଶ୍ୱବାସୀଙ୍କୁ ବି) ଦେଇ ଚାଲିଛି ଅସରନ୍ତି ହାସ୍ୟବିନୋଦନର ମୁହୂର୍ତ୍ତ। ସେଥିପାଇଁ ଆମମାନଙ୍କ ଦୃଷ୍ଟିରେ ଏ ମଣିଷ ଜଣକର ଏ ନିରୋଳା ନିର୍ବୋଧତା ଅବଶ୍ୟ ପ୍ରଶଂସନୀୟ।

ମୁନିର ମହୋଦୟଙ୍କ ଏ 'ଫ୍ରଏଡିଆନ୍ ସ୍ଲିପ୍' (ଅବଲୋକରା ଜିହ୍ୱାସ୍ଖଳନ) ପାଇଁ ସେ ଇତିହାସ ପ୍ରସିଦ୍ଧ ଏମିତି କେତେଜଣ ଖାତ ବା ଅଜ୍ଞଖ୍ୟାତ ବ୍ୟକ୍ତିମାନଙ୍କ ଗହଣରେ ଏବେ। ଆକ୍ଷରିକ ଅର୍ଥରେ ଫ୍ରଏଡିଆନ୍ ସ୍ଲିପ୍ ନ ହେଲେ ମଧ୍ୟ ଅନେକଙ୍କ ତୁଣ୍ଡରୁ ଆମେ ଶୁଣିଛେ ଏମିତି କେତେ ଜିହ୍ୱାଗ୍ର-ପତିତ ଆମୋଦଦାୟକ, ହାସ୍ୟୋଦ୍ଦୀପକ ବାକ୍ୟ ବା ଖଣ୍ଡବାକ୍ୟମାନ। ଆମେରିକୀୟ ଅଭିନେତ୍ରୀ 'ମେରିଲ୍ ଷ୍ଟ୍ରିପ୍' ଥରେ ତାଙ୍କ ପ୍ରଶଂସକମାନଙ୍କୁ ଧନ୍ୟବାଦ ଦେବାକୁ ଯାଇ କହିଦେଲେ, 'ଆଇ ଉଡ୍ ଲାଇକ୍ ଟୁ ସ୍ୱାଙ୍କ୍ -ନୋ, ନୋ, ଟୁ ଥ୍ୟାଙ୍କ୍ ୟୁ ଅଲ୍'। ଇଂରାଜୀ 'ଥ୍ୟାଙ୍କ୍' ଶବ୍ଦଟି ସହିତ 'ସ୍ୱାଙ୍କ୍' ଶବ୍ଦଟିର ଉଚ୍ଚାରଣଗତ ସାମ୍ୟଟି ଯୋଗୁଁ ଏମିତି ଏକ ଅପ୍ରତିଭ ମୁହୂର୍ତ୍ତର ସାମ୍ନା କରିବାକୁ ହେଇଥିଲା ତାଙ୍କୁ। ଅପ୍ରତିଭ କେମିତି ବା ନ ହେବେ ସେ, କାରଣ 'ଥ୍ୟାଙ୍କ୍'ର ଅର୍ଥଟି ଧନ୍ୟବାଦ ହେଲେ, 'ସ୍ୱାଙ୍କ୍'ର ଅର୍ଥ ହେଉଛି ପିଟିବା ବା ମାଡ଼ଦେବା -ପୂରାପୂରି ଓଲଟା। ମେରିଲ୍ ଷ୍ଟ୍ରିପ୍‌ଙ୍କ ଏ ଉଚ୍ଚାରଣଗତ ତ୍ରୁଟି ଏକପ୍ରକାର 'ମାଲାପ୍ରପିଜିମ୍'। ଉଲ୍ଲେଖ୍ୟ ଯେ ଇଂରାଜୀ ନାଟ୍ୟକାର 'ସେରିଡାନ୍'ଙ୍କ ନାଟକ 'ଦି ରାଇଭାଲସ୍'ର ଚରିତ୍ର 'ଶ୍ରୀମତୀ ମାଲାପ୍ରପ୍'ଙ୍କ ସଂଳାପମାନଙ୍କରେ ମିଳିଥାଏ ଏମିତି ଅନେକ ଉଚ୍ଚାରଣଗତ ତ୍ରୁଟି। ଏଇ ଯେମିତି- 'ହି ଇଜ୍ ଦି ଭେରି ପାଇନ୍‌ଆପ୍‌ଲ ଅଫ୍ ପୋଲାଇଟ୍‌ନେସ୍'। ମାଲାପ୍ରପ୍ 'ପାଇନ୍‌ଆପ୍‌ଲ' (ସପୁରୀ) କହିଦେଲେ 'ପିନାକିଲ୍' (ଶୀର୍ଷ ବା ଶିଖର) କହିବା ପରିବର୍ତ୍ତେ। ତେବେ ସବୁଠୁ ପ୍ରସିଦ୍ଧ ମାଲ୍‌ପ୍ରପିଜିମ୍‌ଟି ହେଉଛି- 'ସି ଇଜ୍ ଆଜ୍ ହେଡ୍‌ଷ୍ଟ୍ରଂଗ ଆଜ୍ ଏନ୍ ଏଲିଗୋରୀ ଅନ୍ ଦି ବ୍ୟାଙ୍କସ୍ ଅଫ୍ ନାଇଲ୍'- ଏଲିଗୋରୀ (ରୂପକାତ୍ମକ କଥା) ସହିତ ଏଲିଗେଟ୍‌ର (କୁମ୍ଭୀର) ର ଉଚ୍ଚାରଣଗତ ସାମାନ୍ୟ ସମାନତା ଯୋଗୁଁ। ମହାନ୍ ନାଟ୍ୟକାର ସେକ୍‌ସପିୟର ବି ତାଙ୍କ ନାଟକ 'ମଚ୍ ଏଡୋ ଏବାଉଟ୍ ନଥିଙ୍ଗ'ରେ ଆମକୁ ଦେଇଥିଲେ ଶ୍ରୀମତୀ ମାଲାପ୍ରପ୍‌ଙ୍କ ପରି ଚରିତ୍ରଟିଏ। ନାମ ଥିଲା ତାଙ୍କର 'ଡଗ୍‌ବେରି'। ବେଳଅବେଳରେ କାହା କାହା ତୁଣ୍ଡରୁ ଅଜାଣତରେ ବାହାରିଯାଉଥିବା ଏମିତି ହାସ୍ୟୋଦ୍ଦୀପକ ବାକ୍ୟ ସବୁକୁ କେତେକ ବି କହିଥା'ନ୍ତି 'ଡଗ୍‌ବେରିଜିମ୍'।

ଆଉ କେତୋଟିର ଉଦାହରଣ ଦେବା। ଖାସ୍ ମୁନିରଙ୍କୁ କିଛିଟା ଅଧିକ ଆଶ୍ୱସ୍ତି ଦେବା ଉଦ୍ଦେଶ୍ୟରେ। ୧୯୮୮ ମସିହାରେ ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ଜର୍ଜ ବୁଶ୍ ତାଙ୍କର ପୂର୍ବସୂରୀ ରେଗାନଙ୍କୁ ପ୍ରଶଂସା କରିବାର ମହତ୍ ଉଦ୍ଦେଶ୍ୟ ରଖି କିଛି ପ୍ରଶସ୍ତିମୂଳକ ବାକ୍ୟ ଢାଳି ଦେଇ ଚାଲିଥିବା ବେଳେ ଶେଷଆଡ଼କୁ କହିଦେଲେ -'ଉଇ ହାର୍ଡ୍ ସମ୍ ସେଟ୍‌ବ୍ୟାକ୍‌ସ' (ପ୍ରତିବନ୍ଧକମାନ)। ତେବେ ଗୁରୁତର ତ୍ରୁଟିଟିଏ କରିଦେଲେ ସେ। କାରଣ 'ସେଟ୍' ନ କହି କହିଦେଲେ ତିନୋଟି ଇଂରାଜୀ ଅକ୍ଷରର ବିପଦଜ୍ଜନକ ଶବ୍ଦଟିଏ, ଯାହା ସେହି 'ସେ' ଉଚ୍ଚାରଣରୁ ଆରମ୍ଭ ହୋଇଥାଏ। ଜର୍ଜ ବୁଶ୍‌ଙ୍କ ପାଇଁ ଏଇଟି ଥିଲା ଅତି ଅପମାନଜନକ ମୁହୂର୍ତ୍ତ। ସେମିତି ଅପମାନଜନକ ମୁହୂର୍ତ୍ତଟିଏ ଭୋଗିଥିଲେ 'ଟେଡ୍ କେନେଡି' ୧୯୧୧ମସିହାରେ। ଆମେରିକାର ଦୂରଦର୍ଶନରେ 'ଦି ବେଷ୍ଟ ଏଣ୍ଡ ଦି ବ୍ରାଇଟେଷ୍ଟ'ମାନଙ୍କ ସଂପର୍କରେ ଛୋଟ ପରାମର୍ଶମୂଳକ ବାର୍ତ୍ତାଟିଏ ଦେଉଥିବା ବେଳେ 'ବେଷ୍ଟ' ଶବ୍ଦଟି ନ କହି କହିଦେଲେ ଅନ୍ୟ ଶବ୍ଦଟି - 'ବେ' ଅକ୍ଷରରେ 'ର' ଫଳାଟିଏ ଯୁକ୍ତ କରି। କିଏ ଜାଣେ ଚର୍ଚ୍ଚିତ ଏଇ କେତେଜଣ 'ଫ୍ରଏଡିଆନ୍ ସ୍ଲିପ୍' ଯେଉଁ ସନ୍ଦର୍ଭରେ ବ୍ୟବହାର କରାଯାଏ, ସେମିତି କରିଛନ୍ତି କି ନାହିଁ? ତେବେ ଗୋଟିଏ କଥା ଏଥିରୁ ନିଶ୍ଚୟ ସ୍ପଷ୍ଟ ଯେ ଯିଏ ଯେଉଁଠି ଯାହା କହୁଥିବେ, ସେତେବେଳେ ପୂରାପୂରି ସଜାଗ ରହିବା ସେମାନଙ୍କର ସବୁଠାରୁ ଗୁରୁଦାୟିତ୍ୱ। କାରଣ ଏ ଜିଭ ଖଣ୍ଡିକ ଅନେକ ଧାର ଥିବା ଛୁରୀକା କିମ୍ବା କରତଟିଏ। କିନ୍ତୁ କିଏ ବା ନ ଜାଣେ ଏ ଫିଲ୍‌ଡ ମାର୍ଶାଲ୍ ମୁନିର ଜଣକ ତାଳମେଳ କେବେ ହେଲେ ଠିକ୍ ରଖିପାରୁ ନ ଥିବା ଅସଂଯତ ମଣିଷ ଜଣେ ବୋଲି? ମସ୍ତବଡ଼ ଅହଂସ୍ଫୀତ ଅଥଚ ନିରୋଳ ନିର୍ବୋଧ ନ ହୋଇଥିଲେ ସେ କ'ଣ ଆମେରିକାର ମାଟିରେ ବାହୁସ୍ଫୋଟ ମାରି କହିଥା'ନ୍ତେ- 'ପାକିସ୍ତାନ ଉପରେ ବିପଦ ଘନେଇ ଆସିଲେ ସେ ଅଧା ପୃଥିବୀକୁ ଭସ୍ମୀଭୂତ କରିଦେବେ ପରମାଣୁ ବୋମାମାଡ଼ରେ'?

ଏ ଧରଣର ମାଲାପ୍ରପିଜିମ୍ ଓ ଡଗ୍‌ବେରିଜିମ୍ ପରି ଅନ୍ୟ ଏକ କୌତୁହଳପ୍ରଦ ଭାଷିକ ତ୍ରୁଟିଟି ହେଉଛି 'ସ୍ପୁନରିଜିମ୍'। ଉନବିଂଶ ଶତାବ୍ଦୀର ଅକ୍‌ସଫୋର୍ଡ ବିଶ୍ୱବିଦ୍ୟାଳୟ ପ୍ରଫେସର 'ଉଇଲିୟମ୍ ଆର୍ଚ୍ଚିବାଲ୍‌ଡ ସ୍ପୁନର' ଅଭ୍ୟାସଗତ ଭାବରେ ଗୋଟିଏ ବାକ୍ୟର ଶବ୍ଦସବୁର ଅକ୍ଷରଗୁଡ଼ିକୁ ଠିକଣା ଶବ୍ଦମାନଙ୍କରୁ କାଢ଼ିନେଇ ଅନ୍ୟ ଶବ୍ଦ ସହିତ ଯୋଡ଼ି ଦେଉଥିଲେ। ଏ ପ୍ରକାର ଉଚ୍ଚାରଣଗତ ତ୍ରୁଟିଟି ଅବଶ୍ୟ କୌଣସି ଦୃଷ୍ଟିରୁ ଫ୍ରଏଡିଆନ୍ ସ୍ଲିପ୍ ପରି ଅର୍ଥବହ ନୁହେଁ। ଏହା କେବଳ ନିର୍ମଳ ହାସ୍ୟକଲ୍ଲୋଳ ସୃଷ୍ଟି କରିଥାଏ। ସ୍ୱୟଂ ସ୍ପୁନର ଥରେ କୌଣସି କାରଣରୁ ଉତ୍ତ୍ୟକ୍ତ ହୋଇ ହାତମୁଠା କରି ଜଣେ ବ୍ୟକ୍ତି ଆଡ଼କୁ ଆଗେଇଯାଇ କହି ପକାଇଲେ, 'ବ୍ଲଡି ଫୁଲ୍ ! ଆଇ ଉଇଲ୍ ଗିଭ୍ ୟୁ ଏ ବ୍ଲସିଂ କ୍ରୋ'। ଅର୍ଥାତ୍ 'କ୍ରସିଂ ବ୍ଲୋ' (ଶକ୍ତ ମୁଥ) ନ କହି କହିଦେଲେ 'ବ୍ଲସିଂ କ୍ରୋ' (ଲାଜୁଆ କୁଆ)। ଆମେ ଓଡ଼ିଆମାନେ ବି ଏଇ ଧରଣର ସ୍ପୁନରିଜିମ୍ ଘଟାଇଥାଉ ଆମ ଉଚ୍ଚାରିତ ବାକ୍ୟମାନଙ୍କରେ। ଏଇ ଯେମିତି: 'ଶୀତ ବୋଲିଲେ ଗୀତ ଛାଡ଼ିଯିବ', 'ଖଜୁରୀ ଗୁଣର କି ଗଛ ଗାଇବି' କି 'ଗୁଣ ଧୋଉଥାଅ, ଅଖା ଗାଉଥାଅ'। ଆମ ପାଟିରେ 'କମଳ' ହୋଇଯାଏ 'କଳମ' କିମ୍ବା 'ତୁମେ ମୋ ପ୍ରିୟବନ୍ଧୁଙ୍କ ପତ୍ନୀ' ହେଇଯାଇଥାଏ 'ତୁମେ ମୋ ପତ୍ନୀଙ୍କ ପ୍ରିୟ ବନ୍ଧୁ'। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଟିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ସେମାନେ ମଧ୍ୟ ମଣିଷ

ଅକ୍ଷୟ କୁମାର ମିଶ୍ର

ସଭ୍ୟତା ଆଗକୁ ବଢ଼ୁଛି। ମଣିଷ ଶିକ୍ଷିତ ହେଉଛି। ମାତ୍ର ଏବେ ବି ଛୁଆଁଅଛୁଆଁର ଭେଦ ଭାବ ଭିତରେ କିଛି ଲୋକ ପେଶି ହୋଇଯାଉଛନ୍ତି। କିଛି ସୁବିଧାଜନକ ସ୍ଥିତିରେ ଥିବା ଲୋକମାନେ ସେମାନଙ୍କର କାମ ସହିତ ଭାଗ୍ୟକୁ ଯୋଡ଼ି ଦେଇ କୁହୁଛନ୍ତି, 'ତା'ର ଜାତି ଯାହା ତା'ର କାମ ସେଇଆ। ଏହା ସେମାନଙ୍କର କୌଳିକ ବୃତ୍ତି। ସେମାନେ ନକଲେ କରିବ କିଏ?' ସେମାନଙ୍କ ମଧ୍ୟରୁ କିଛି ପରମ୍ପରାକୁ ସମ୍ମାନ ଜଣାଇ ବାପା ଦାଦାଙ୍କୁ ଅନୁସରଣ କରି ସେହି କାମ କରନ୍ତି। କିଛି ଲୋକ ବାଧ୍ୟବାଧକତାରେ ସେହି କାମ କରନ୍ତି। ଅଳ୍ପ କିଛି ଲୋକ ଆଗ୍ରହର ସହିତ ସେହି କାମରେ ନିଜକୁ ସମର୍ପି ଦିଅନ୍ତି। ଅନ୍ୟର ଟାହି ଟାପରା ସହନ୍ତି। ଗାଳିଗୁଲଜକୁ ହଜମ କରନ୍ତି। ଆକ୍ଷେପ ପ୍ରତ୍ୟାକ୍ଷେପ ଶୁଣି ଚୁପ୍ ରୁହନ୍ତି।

ସେହିସବୁ ଲୋକମାନଙ୍କ ପାଇଁ ଆମ ରାସ୍ତା, ଘାଟ, ଘର, ଦପ୍ତର ପରିଷ୍କାର ପରିଚ୍ଛନ୍ନ ରହେ। ପରିବେଶକୁ ପ୍ରଦୂଷଣରୁ ମୁକ୍ତ ରଖିବାରେ ଏମାନେ ଯେଉଁ ଭୂମିକା ନିର୍ବାହ କରନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। କିନ୍ତୁ ସେମାନେ କେଉଁଠି କେମିତି ବାସ କରନ୍ତି, ସେମାନଙ୍କର ଜୀବନ ଶୈଳୀ କେମିତି, ସେମାନଙ୍କର ଶିକ୍ଷା ଦୀକ୍ଷା ସମ୍ପର୍କରେ ଆମ ସମାଜ କେବେ ଚିନ୍ତା କରେ ନାହିଁ। ନିଜ ଜୀବନକୁ ବାଜି ଲଗାଇ କୀଟ ଦୁର୍ଗନ୍ଧମୟ ପରିବେଶ ଭିତରେ ନିଜ କର୍ମକୁ କର୍ତ୍ତବ୍ୟ ଭାବି ସମ୍ପାଦନ କରିଚାଲନ୍ତି ଏବଂ ଆମ ପାଇଁ ଏକ ସୁସ୍ଥ ପରିବେଶ ଉପହାର ଦିଅନ୍ତି। ବାସୋପଯୋଗୀ ଘରଟିଏ ଏମାନଙ୍କର ପ୍ରାୟ ନଥାଏ। ସବୁଠାରୁ ତଳ ପାହାଚର ମଣିଷ ବୋଲି ଏମାନଙ୍କୁ ବିଚାର କରାଯାଏ।

ଆମେ ଯେଉଁ ଅଳିଆ, ଆବର୍ଜନା, ଅଇଁଠା ପତର, ପରିତ୍ୟକ୍ତ ଖାଦ୍ୟ ପଦାର୍ଥକୁ ରାସ୍ତା କଡ଼ରେ ଢାଳି ଦେଉ ଏମାନେ ତାକୁ ଗୋଟାଇ ବୋହି ନିଅନ୍ତି। ନାଳ ନର୍ଦ୍ଦମା ସଫା କରନ୍ତି। ରାସ୍ତା ଘାଟରେ ପଡୁଥିବା ମଳ, ବିଲେଇ କୁକୁରର ପଚା ଶବ ଉଠାଇବା ଦାୟିତ୍ୱ ଏମାନଙ୍କ ଉପରେ। ପାଇଖାନା ଟାଙ୍କି ସଫା କରିବାଠାରୁ ଆରମ୍ଭ କରି ସମସ୍ତ ମଇଳା ସଫା କରିବା ଦାୟିତ୍ୱ ଏମାନଙ୍କ ଉପରେ। କେହି କେବେ ଭାବିଛନ୍ତି ଏମାନେ ଯଦି ଏହି କାମ କରି ନ ଥା'ନ୍ତେ ତେବେ କୁଢ଼ କୁଢ଼ ମଇଳା ଆବର୍ଜନା ଭିତରେ ଆମେ କେତେ କାଳ ବଞ୍ଚିଥା'ନ୍ତେ? ଅଥଚ ଏମାନଙ୍କୁ ଛୁଇଁଦେଲେ ଆମ ପବିତ୍ର ଶରୀରଟା କୁଆଡ଼େ ଅପବିତ୍ର ହୋଇଯାଏ। ଏଇ କଥାକୁ ନେଇ ଆଜିବି ବହୁ ଅମାନବୀୟ ଘଟଣା ଘଟୁଛି।

କେତେବେଳେ ହାତରେ ଗ୍ଲୋବ୍‌ସ ଥାଏ, କେତେବେଳେ ଖାଲି ହାତରେ, କେତେବେଳେ ବିନା ମାସ୍କରେ ଏମାନେ ଏହି ସବୁ ସଫେଇ କାମ କରି ଚାଲନ୍ତି। ଶରୀର ଭିତରକୁ ନାନାଦି ଜୀବାଣୁ ଅବାଧରେ ପ୍ରବେଶ କରେ। ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ଜୀବନ ହାରନ୍ତି। ପାଇଖାନା ଟାଙ୍କି ସଫା କରିବାକୁ ଯାଇ ବେଳେ ବେଳେ ସେହି ଟାଙ୍କି ଭିତରେ ଏମାନଙ୍କର ଜୀବନ ମଧ୍ୟ ଚାଲିଯାଏ। ସମସ୍ତ ସମ୍ଭାବ୍ୟ ବିପଦକୁ ଖାତିରି ନକରି ଏମାନେ ସିନା ଏହିସବୁ କାର୍ଯ୍ୟରେ ନିଜକୁ ହଜେଇ ଦିଅନ୍ତି, କିନ୍ତୁ ଏମାନଙ୍କ ଦୁଃଖ, ଦୁର୍ଦ୍ଦଶା ପ୍ରତି ସମବେଦନା ଦେଖାଇବାକୁ ନା ଅଛି ସମାଜ ନା ସରକାର। ନା ପାଆନ୍ତି ସାମାଜିକ ମର୍ଯ୍ୟାଦା ନା ଅଛି ଯଥାଯଥ ଆର୍ଥିକ ପ୍ରୋତ୍ସାହନ। ଅଧିକାଂଶ ସଫେଇ କର୍ମଚାରୀ ଶୋଷଣର ଶିକାର ହୁଅନ୍ତି। ଖୁବ୍ କମ୍ ପାରିଶ୍ରମିକ ନେଇ କାମ କରିବାକୁ ବାଧ୍ୟ ହୁଅନ୍ତି। କାମର ସ୍ଥାୟିତ୍ୱ ନଥାଏ କି ଜୀବନର ନିରାପତ୍ତା ନଥାଏ। ନିର୍ଯାତନା ଓ ଶୋଷଣର ଅନ୍ତ ନ ଥାଏ।

ଏଭଳି ସ୍ଥିତିରେ ଏମାନଙ୍କର ଜୀବନ ଧାରଣର ମାନ କେତେ ଉନ୍ନତ ହୋଇଥିବ ତାହା ସହଜରେ ଅନୁମେୟ। ଏପରିକି ଅନ୍ୟର ପାଇଖାନା ସଫା କରୁଥିବା ଲୋକଟିର ନିଜର ଗୋଟିଏ ପାଇଖାନା ନଥାଏ। ରାସ୍ତା କଡ଼ରୁ କିମ୍ବା ଡଷ୍ଟବିନ୍‌ରୁ ଯେଉଁ ସବୁ ଖାଦ୍ୟ ପଦାର୍ଥ ଗୋଟାଇ ନେଇ ଏମାନେ ଫିଙ୍ଗନ୍ତି ସେସବୁ ଏମାନଙ୍କ ପାଇଁ ସପନ। ରୋଗ ଶଯ୍ୟାରେ ପଡ଼ିଲେ ଉଚିତ ଚିକିତ୍ସା ପାଇବା ଏମାନଙ୍କ ଭାଗରେ ଜୁଟେ ନାହିଁ। ମାତ୍ର ଡାକ୍ତରଖାନାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଏମାନେ ବିନା ଦ୍ୱିଧାରେ ରୋଗୀର ମଳ, ପରିସ୍ରା ସଫା କରନ୍ତି। ଅଭାବ ଅନଟନ ଭିତରେ ନିଜ ପିଲାଙ୍କୁ ମୁଠାଏ ଭଲ ଖାଦ୍ୟ, ଉତ୍ତମ ଶିକ୍ଷା ଦେବାକୁ ଏମାନେ ବ୍ୟର୍ଥ ହୁଅନ୍ତି। ଫଳରେ କୌଳିକ ବୃତ୍ତି ଭାବରେ ଏମାନଙ୍କର ପିଲାମାନେ ଆପଣେଇ ନେବାକୁ ବାଧ୍ୟ ହୁଅନ୍ତି ବାପା ଦାଦା କରୁଥିବା କାମଟି।

ଏହିସବୁ ପରିବାର ପାଇଁ ଆଉ ଏକ ସମସ୍ୟା ନିଶା। ନିଶାସକ୍ତ ହେବା ଏମାନଙ୍କ ପାଇଁ ସ୍ୱାଭାବିକ ଘଟଣା। ସେମାନେ କୁହନ୍ତି, 'ଏମିତି କିଛି କାମ ଅଛି ନିଶା ସେବନ ନକଲେ ତାହା କରିବା ଅସମ୍ଭବ।' ବିଶେଷ କରି ପାଇଖାନା ଟାଙ୍କି ଭିତରକୁ ଯେଉଁମାନେ ପ୍ରବେଶ କରନ୍ତି ଅସହ୍ୟ ଦୁର୍ଗନ୍ଧରୁ ମୁକ୍ତି ପାଇବା ପାଇଁ ସେମାନେ ମଦ୍ୟପାନ କରନ୍ତି। ଯେତିକି ମଜୁରୀ ପାଆନ୍ତି ତା'ର ଏକ ବଡ଼ ଅଂଶ ନିଶା ସେବନରେ ଖର୍ଚ୍ଚ ହୋଇଯାଏ। ଅଭାବ ସାଙ୍ଗକୁ ପାରିବାରିକ ଅଶାନ୍ତି ଓ ସାମାଜିକ ଉତ୍ପୀଡ଼ନର ପ୍ରଭାବ ପରିବାରର ପିଲାମାନଙ୍କ ଉପରେ ପଡ଼େ। ଫଳରେ ମାନସିକ ଭାରସାମ୍ୟ ହରାଇ ପିଲାଟି ଦିନରୁ ଅନେକେ ଅସାମାଜିକ କାର୍ଯ୍ୟରେ ଲିପ୍ତ ହୋଇଯା'ନ୍ତି।

ପ୍ରଥମେ ସମାଜ ସେମାନଙ୍କୁ ସମ୍ମାନ ଦେବା ଦରକାର। ଜାତି ଯାହା କାମ ତାହା - ଏହି ମାନସିକତା ବଦଳିବା ଦରକାର। ଅସ୍ପୃଶ୍ୟତାକୁ କଠୋର ହାତରେ ଦମନ କରିବା ଆବଶ୍ୟକ। ସେମାନଙ୍କ ଆର୍ଥିକ ମାନଦଣ୍ଡର ଅଭିବୃଦ୍ଧି ନିମନ୍ତେ ଉଚ୍ଚ ଦରମା ସହିତ ସ୍ଥାୟୀ ନିଯୁକ୍ତିର ବ୍ୟବସ୍ଥା ହେବା ଲୋଡ଼ା। ସେମାନଙ୍କର ସୁରକ୍ଷା ପ୍ରତି ଯତ୍ନବାନ ହେବା ଉଚିତ। ମାଗଣା ଚିକିତ୍ସାର ସୁବନ୍ଦୋବସ୍ତ ହେବା ଜରୁରୀ। ରୋଗରେ ପଡ଼ି ହେଉ କିମ୍ବା କାମ କରୁଥିବା ସମୟରେ ମୃତ୍ୟୁବରଣ କଲେ ଅନ୍ୟୂନ କୋଡ଼ିଏ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ମିଳିବାର ନିୟମ ହେବା ଆବଶ୍ୟକ। ମନେରଖିବା ଉଚିତ ସୁସ୍ଥ ସୁରକ୍ଷିତ ପରିମଳ ପରିବେଶ ପାଇଁ ଯେଉଁମାନେ କାମ କରୁଛନ୍ତି ସେମାନେ ମଧ୍ୟ ସୁସ୍ଥ ଓ ସମ୍ମାନର ସହିତ ବଞ୍ଚିବା ଆବଶ୍ୟକ। ଘୃଣା, ହତାଦାର, ଟାହିଟାପରା ବଦଳରେ ଟିକିଏ ସ୍ନେହ, ଆଦର, ଭଲପାଇବା ସେମାନଙ୍କର ଜୀବନଧାରାକୁ ବଦଳାଇ ଦେବ। ସେମାନେ ବି ମଣିଷ। ●

କଟକ, ମୋ: ୯୯୩୮୭୬୩୨୩୭

## ମଙ୍ଗଳ ଗ୍ରହରେ ବସତି ସ୍ଥାପନ

**ବିଜ୍ଞାନ ବାର୍ତ୍ତା**

ଶ୍ରୀନନ

ଆଗାମୀ ଦିନରେ ମଙ୍ଗଳ ଗ୍ରହରେ ବସତି ସ୍ଥାପନର ସ୍ୱପ୍ନ ଦେଖୁଛନ୍ତି ବୈଜ୍ଞାନିକମାନେ। ଅନେକଙ୍କ ମତରେ ଚନ୍ଦ୍ର ଅପେକ୍ଷା ଏ ଗ୍ରହ ମାନବ ବସତି ପାଇଁ ଅଧିକ ଉପଯୋଗୀ। କାରଣ ଏହାର ଗଠନ ଓ ପରିବେଶ କିଛିମାତ୍ରାରେ ପୃଥିବୀ ସଦୃଶ। ତେଣୁ ଏବେ ଏହାର ଅନ୍ୟାନ୍ୟ ଭୌତିକ ରୂପରେଖ ସହିତ ରାସାୟନିକ ସଂରଚନାର ଅଧ୍ୟୟନ ଚାଲିଛି। ତହିଁରୁ ଜଣାପଡ଼ିଛି ଯେ ମଙ୍ଗଳ ଗ୍ରହର ବାୟୁମଣ୍ଡଳରେ ଥିବା ମୁଖ୍ୟ ଉପାଦନଗୁଡ଼ିକ ହେଲା ଅଙ୍ଗାରକାମ୍ଳ (୯୫.୩%), ଯବକ୍ଷାରଜାନ (୨.୭%) ଆର୍ଗନ(୧.୬%), ଅମ୍ଳଜାନ (୦.୧୩%) ଏବଂ ସ୍ୱଳ୍ପ ପରିମାଣରେ ଅନ୍ୟାନ୍ୟ ବାଷ୍ପ। ପୃଥିବୀ ବାୟୁମଣ୍ଡଳରେ ଏଗୁଡ଼ିକର ମାତ୍ରା ଯଥାକ୍ରମେ ୦.୦୩%, ୭୮.୦୮%, ୦.୯୩%, ୨୦.୯%। ପୁନଶ୍ଚ ମଙ୍ଗଳର ବାୟୁମଣ୍ଡଳ ପୃଥିବୀଠାରୁ ୧୮୦ ଗୁଣ ପତଳା ଏବଂ ଏହାର ମାଧ୍ୟକର୍ଷଣ ଶକ୍ତି ମଧ୍ୟ ପୃଥିବୀର ୩୮%।

ଅନ୍ୟପକ୍ଷରେ, ମଙ୍ଗଳର ପୃଷ୍ଠଦେଶ ଗଠିତ ହୋଇଛି ସିଲିକନ୍(୨୧.୨%), ଅମ୍ଳଜାନ(୪୨.୪%), ଲୌହ (୧୫.୨%), ମାଗ୍ନେସିୟମ (୪.୧%), ଆଲୁମିନିୟମ୍ (୫.୨%), କାଲସିୟମ (୪.୭%) ଏବଂ ପୋଟାସିୟମ୍ (୦.୬୧%) ରେ। ପୃଥିବୀ ପୃଷ୍ଠର ମୁଖ୍ୟଉପାଦାନଗୁଡ଼ିକ ହେଲା ଅମ୍ଳଜାନ (୪୬.୬%), ସିଲିକନ୍(୨୭.୭୨%), ଆଲୁମିନିୟମ୍ (୮.୧୩%), ଲୌହ (୫.୦%), କାଲ୍‌ସିୟମ୍ (୩.୬୩%), ସୋଡିୟମ୍ (୨.୮୩%), ପୋଟାସିୟମ (୨.୫୯%) ଏବଂ ମାଗ୍ନେସିୟମ (୨.୦୯%)। ମଙ୍ଗଳରେ ଥିବା ଲୌହଗୁଣ୍ଡର ଜାରଣ ଫଳରେ ତହିଁରୁ ସୃଷ୍ଟି ଅକ୍ସାଇଡ୍‌ର ରଙ୍ଗ ଏହାକୁ ଲୋହିତ ଗ୍ରହର ପରିଚୟ ପ୍ରଦାନ କରିଛି।

ସାଧାରଣ ଭାବେ ଏ ଗ୍ରହର ପୃଷ୍ଠଭୂମିର ସଂରଚନା ମଧ୍ୟରେ ରହିଛି ଅନ୍ଧକାରମୟ ଗଡ଼ାଣିଆ ସ୍ଥାନ, କିଛି ଚଟକା ସ୍ଥାନ, ଧୂଳି କଣା ଭାରା ରାସ୍ତା, ବାଲୁକା ସ୍ତୂପ, ହିମବାହ, ସମ୍ଭବତଃ ପୁରାକାଳର ନଦନଦୀ, ବିଭିନ୍ନ ପ୍ରକାର ଗହ୍ୱର ଇତ୍ୟାଦି। ସିଲିକନ ଓ ଲୌହଗୁଣ୍ଡରେ ସମୃଦ୍ଧ ଏ ପ୍ରକାର ପୃଷ୍ଠଭୂମି ପୃଥିବୀର ଗଛଲତାଙ୍କ ପାଇଁ ଉପଯୋଗୀ ନୁହେଁ। ତେବେ ବୈଜ୍ଞାନିକମାନେ ଏହାର ମୃତ୍ତିକାରେ 'ପାଇଓନିୟର' ନାମକ ଏକ କଠୋର ପରିବେଶ ସହକାରୀ ଚାରା ବଢ଼ାଇବାକୁ ସମର୍ଥ ହୋଇଛନ୍ତି। ପୁନଶ୍ଚ ଏବେ ନାସା ସେଠାକାର ପରିବେଶରେ ବଢ଼ିପାରିଲା ଭଳି ଗଛଲତା ଜୈବ ପ୍ରଯୁକ୍ତ ବିଦ୍ୟା ମାଧ୍ୟମରେ ତିଆରି କରିବା ଲାଗି ପ୍ରକଳ୍ପମାନ ଆରମ୍ଭ କରିଛି। ସେଠାରେ ଅଧିକ ସମୟ ଧରି ରହିବାକୁ ହେଲେ ବ୍ୟୋମଚାରୀମାନଙ୍କୁ ଏହା ଅମ୍ଳଜାନ, ଖାଦ୍ୟ ଓ ଔଷଧ ଯୋଗାଇବାକୁ ସମର୍ଥ ହୋଇପାରିବ। ଅନ୍ୟପକ୍ଷରେ ମଙ୍ଗଳପୃଷ୍ଠରେ ବିଶାଳକାୟ 'ଗ୍ରୀନ୍‌ହାଉସ'ମାନ ସ୍ଥାପନ କରି ତନ୍ମଧ୍ୟରେ ଗଛଲତା ବଢ଼ିବା ପାଇଁ ଉପଯୋଗୀ କୃତ୍ରିମ ବାୟୁମଣ୍ଡଳ ସୃଷ୍ଟି କରିବା ଲାଗି ଉଦ୍ୟମ ଚାଲିଛି।

ସୁଦୂର ଅତୀତରେ ମଙ୍ଗଳ ଗ୍ରହରେ ଜଳଥିବାର ମନେକରାଯାଏ। ଏହା ସେଠାରେ ନଦନଦୀ ରୂପେ ପ୍ରବାହିତ ହେଉଥିଲା। ଏବେ ବି ସେଠାରେ କିଛି ତାହା ଥିବାର ଜଣାପଡୁଛି। ତେବେ ତାହା ମଣିଷର ବ୍ୟବହାର ପାଇଁ ଉପଯୋଗୀ ହେବ ବୋଲି ମନେ ହେଉନାହିଁ। କାରଣ ଏଥିରେ ଭରି ରହିଛି ପରକ୍ଲୋରେଟ୍ସ ଭଳି ନାନାଦି ଲବଣ, ଯାହା ବିଷାକ୍ତ। ଏଥିରେ ଗଛଲତା ବଢ଼ିବା ସମ୍ଭବ ହୋଇ ନପାରେ। ଏଣୁ ଏହାକୁ କିପରି ବିଶୋଧନ କରି ବ୍ୟବହାର ଉପଯୋଗୀ କରାଯାଇ ପାରିବ ସେ ବିଷୟରେ ଚିନ୍ତା କରାଯାଉଛି। ପୁନଶ୍ଚ ସେଠାରେ ବିଶୁଦ୍ଧ ମଧୁର ଜଳ ଉତ୍ପନ୍ନ ଲାଗି କାର୍ଯ୍ୟକ୍ରମ ଆରମ୍ଭ ହେଲାଣି। ମଙ୍ଗଳର ବାୟୁରେ ଥିବା ଅଙ୍ଗାରକାମ୍ଳକୁ ଭାଙ୍ଗି ତହିଁରୁ ଅମ୍ଳଜାନ ପ୍ରସ୍ତୁତ କରିବା ଏବଂ ରକେଟ୍ ଇନ୍ଧନରେ ଥିବା ହାଇଡ୍ରାଜିନ୍‌ରୁ ଉଦ୍‌ଜାନ ପ୍ରସ୍ତୁତ କରି ରାସାୟନିକ ପ୍ରତିକ୍ରିୟା ମାଧ୍ୟମରେ ସେ ଦୁଇଟିର ମିଳନ ଘଟାଇବା ଏହାର ଲକ୍ଷ୍ୟ।

ଶେଷରେ ମଙ୍ଗଳ ଗ୍ରହରେ ବସବାସ କିମ୍ବା ଦୀର୍ଘଦିନ ରହିବାକୁ ହେଲେ ସେଠାରେ ବଡ଼ ବଡ଼ କୃତ୍ରିମ ବାସସ୍ଥଳୀମାନ ନିର୍ମାଣ କରି ସେଥିମଧ୍ୟରେ ପୃଥିବୀ ଅନୁରୂପ ବାୟୁମଣ୍ଡଳ ଏବଂ ମାଧ୍ୟାକର୍ଷଣ ସୃଷ୍ଟି କରିବା ଦରକାର। ଏସବୁ କାର୍ଯ୍ୟ ପାଇଁ ଲାଗିଯିବ ଅନେକ ବର୍ଷ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସନୱର ଅଲ୍ଲୀ ହତ୍ୟା ମାମଲା

# ହତ୍ୟାକାରୀକୁ ଆଜୀବନ ଜେଲ୍

ଜଗତସିଂହପୁର,୧୮।୮ (ସମିସ):ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସିରିଆ ଛକରେ ୨୦୧୧ରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ଶେଖ୍ ଆଶିଷକୁ ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କାର ଜରିମାନାରେ ଦଣ୍ଡିତ କରିଛନ୍ତି ଜଗତସିଂହପୁର ଜିଲ୍ଲା ଦୌରାଜଜ୍ ଶ୍ରୀନିବାସ ପ୍ରତିହାରୀ। ଜରିମାନା ଅନାଦେୟ ହେଲେ, ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି।

ସୂଚନା ମୁତାବକ, ୨୦୧୧ ଅକ୍ଟୋବର ୩୦ରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ କ୍ରିଷ୍ଣାନନ୍ଦପୁର ଫାଣ୍ଡି ଅଞ୍ଚଳର ସିରିଆ ଛକରେ ଇଟାଟିକିରି ଗ୍ରାମର ସନୱର ଅଲ୍ଲୀ ଓରଫ୍ ମୁନା ଠିଆ ହୋଇଥିବା ବେଳେ ୩ଜଣ ଯୁବକ ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। ବାଇକ୍ ପଛରେ ବସିଥିବା ମୀରମହଲା ଗ୍ରାମର ସେଖ୍ ଆଶିସ ଗାଡ଼ିରୁ ଓହ୍ଲାଇ ସନୱରଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳିମାଡ଼ରେ ସନୱର ଗୁରୁତର ଅବସ୍ଥାରେ ତଳେ ପଡ଼ିଯାଇଥିଲେ। କ୍ରିଷ୍ଣାନନ୍ଦପୁର ଫାଣ୍ଡି ଏଏସ୍‌ଆଇ ସହିଦ ଖାଁ ଘଟଣାସ୍ଥଳରୁ ସନୱରଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ଏଏସ୍‌ଆଇ ସହିଦ ଖାଁ ତିର୍ତ୍ତୋଲ ଥାନାରେ ଏତଲା ଦେବା ପରେ ପୁଲିସ ଏକ ହତ୍ୟାକାଣ୍ଡ ମାମଲା ରୁଜୁ କରିଥିଲା। ପରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ତିର୍ତ୍ତୋଲ ପୁଲିସ। ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଶେଖ ଆଶିଷକୁ ଜିଲ୍ଲା ଦୌରାଜଜ୍ ଶ୍ରୀନିବାସ ପ୍ରତିହାରୀ ଆଜୀବନ କାରାଦଣ୍ଡ ଆଦେଶ ଦେଇଛନ୍ତି। ୧୨ଜଣଙ୍କ ସାକ୍ଷ୍ୟପ୍ରମାଣ ଗ୍ରହଣ କରିବା ପରେ ଏହି ଆଦେଶ ଦେଇଛନ୍ତି ଜିଲ୍ଲା ଦୌରାଜଜ୍। ସରକାରଙ୍କ ପକ୍ଷରୁ ଏହି ମାମଲାକୁ କ୍ୟାଡର ପିପି ତପନ ପାଲ ଓ ସରକାରୀ ଓକିଲ ଭଜହରି କର ପରିଚାଳନା କରୁଥିଲେ।

# ହୀରାକୁଦ ଜଳସ୍ତର ୬୧୩.୭୭ ଫୁଟ୍

ସମ୍ବଲପୁର, ୧୮।୮ (ସମିସ): ଆଜି ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୭୭ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫୯,୮୪୩ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୭୬୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚ୍ୟାନେଲ ଦେଇ ୩୧,୧୨୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୪୨୫ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୬.୬୪ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୦.୪୮ ମିମି ବର୍ଷା ହୋଇନଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୭.୦୪ ଫୁଟ୍ ରହିଥିଲା।

# ଏମ୍‌କେସିଜି ଆରଡିସିରେ ଅଗ୍ନିକାଣ୍ଡ



- ୧୩ ଘଣ୍ଟା ବିଦ୍ୟୁତ ସରବରାହ ବ୍ୟାହତ, ନିଦାନ ବାଧାପ୍ରାପ୍ତ
- ୧୫ଦିନ ମଧ୍ୟରେ 'ଷ୍ଟାଟସ୍ ରିପୋର୍ଟ' ଦେବାକୁ ନିର୍ଦ୍ଦେଶ

ବ୍ରହ୍ମପୁର,୧୮।୮ (ସମିସ): ଏମ୍‌କେସିଜି ମେଡିକାଲ ପରିସରସ୍ଥିତ ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ର(ଆରଡିସି)ରେ ରବିବାର ମଧ୍ୟରାତ୍ରିରେ ଅଗ୍ନିକାଣ୍ଡ ଘଟିଛି। କୋଠାର ତଳ ମହଲାରେ ଥିବା ବାୟୋକେମେଷ୍ଟ୍ରି ବିଭାଗରେ ଏସି ସର୍ଟସର୍କିଟ୍‌ରୁ ଏଭଳି ଅଗ୍ନିକାଣ୍ଡ ହୋଇଥିବା ଜଣାପଡ଼ିଛି। ଖବର ପାଇ ଏମ୍‌କେସିଜି ମେଡ଼ିକାଲ କ୍ୟାମ୍ପସରେ ଥିବା ଅଗ୍ନିଶମ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଯୋଗୁଁ ବିଭାଗରେ ଥିବା ବିଭିନ୍ନ ଇଲେକ୍ଟ୍ରିକାଲ ଉପକରଣ ସହ ରସାୟନ ପଦାର୍ଥ ଜଳି ନଷ୍ଟ ହୋଇଯାଇଛି।

ସୋମବାର ସକାଳୁ ଆରଡିସିରେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶ, ଅଧୀକ୍ଷକ ପ୍ରଫେସର୍ ଡା. ଦୁର୍ଗାମାଧବ ଶତପଥୀ ଓ ବାୟୋକେମେଷ୍ଟ୍ରି ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ନିରୁପମା ଦେବୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ରୋଗୀଙ୍କ ରକ୍ତ ନମୁନା ସଂଗ୍ରହରେ କିଭଳି ବାଧା ସୃଷ୍ଟି ନହେବ, ସେଥିପାଇଁ ବିକଳ୍ପ ବ୍ୟବସ୍ଥା କରିଥିଲେ। ପରେ ବିଭାଗ ପକ୍ଷରୁ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲେ ହେଁ ବିଦ୍ୟୁତ ସଂଯୋଗ ନଥିବାରୁ ଅନ୍ୟ କିଛି ପରୀକ୍ଷା ହୋଇପାରିନଥିଲା। ଆରଡିସିରେ ଅଗ୍ନିକାଣ୍ଡ ଘଟିବାରୁ ଦୀର୍ଘ ୧୩ ଘଣ୍ଟା ଧରି ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଥିଲା।

ମେଡ଼ିକାଲର ବିଭିନ୍ନ ବିଭାଗରେ ଲାଗିଥିବା ଏସିର ସଠିକ ସଦୁପଯୋଗ ଓ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ନିୟମିତ ବ୍ୟବଧାନରେ ଏଭଳି ଘଟଣା ନଜରକୁ ଆସୁଛି। ସେହିପରି ମେଡ଼ିକାଲ ବିଦ୍ୟୁତ ସମ୍ପର୍କିତ ବିଭିନ୍ନ ସମସ୍ୟାକୁ ସାଧାରଣ ବିଦ୍ୟୁତ(ଜିଇଡି) ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ଅଧିକାରୀମାନେ ଗୁରୁତ୍ୱ ଦେଉନଥିବା ସହ ମେଡ଼ିକାଲରେ ଲାଗିଥିବା ବିଭିନ୍ନ ଇଲେକ୍ଟ୍ରିକାଲ ଉପକରଣର ନିୟମିତ ସ୍ଥିତି ଯାଞ୍ଚ କରୁନଥିବା ଅଭିଯୋଗ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ ୧୫ଦିନ ମଧ୍ୟରେ ବିଭିନ୍ନ ବିଭାଗରେ ଲାଗିଥିବା ଇଲେକ୍ଟ୍ରିକାଲ ଉପକରଣ ସମେତ ଅନ୍ୟାନ୍ୟ ଯନ୍ତ୍ରାଂଶଗୁଡ଼ିକର ଷ୍ଟାଟସ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଇଡ଼ି, ପୂର୍ତ୍ତ ବିଭାଗ କର୍ମଚାରୀ ଏବଂ ଅଧିକାରୀଙ୍କ ସମେତ ହସ୍ପିଟାଲ ମ୍ୟାନେଜରଙ୍କୁ ନେଇ ଟିମ ଗଠନ କରିବା ସହ ଉକ୍ତ ଟିମ ମେଡ଼ିକାଲର ବିଭିନ୍ନ ବିଭାଗ ପରିଦର୍ଶନ କରି ସ୍ଥିତି ଯାଞ୍ଚ ରିପୋର୍ଟ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

# ଖଇନି ନ ଦେବାରୁ ବୃଦ୍ଧଙ୍କୁ ହାଣି ହତ୍ୟା

ରାଉରକେଲା,୧୮।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଧୀନ କଣ୍ଟିଆମୁରା ଗାଁର ଜଣେ ୫୮ବର୍ଷୀୟ ବୃଦ୍ଧଙ୍କୁ କଟୁରୀରେ ହାଣି ହତ୍ୟା କରାଯାଇଛି। ରାଜଗାଙ୍ଗପୁର ଥାନା ପୁଲିସ ହତ୍ୟାକାରୀକୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ କଟୁରୀକୁ ଜବତ କରିଛି। ଗିରଫ ଯୁବକ ହେଲେ, ଝାଡ଼ଖଣ୍ଡ ରାଜ୍ୟ ଲୋହରଡେଗା ଜିଲ୍ଲା ଚନ୍ଦ୍ରା ଥାନା ଅଧୀନ ତୋଟ ଗାଁର ଶୁଖରାମ ଓରାମ (୩୩)।

ସୂଚନାନୁସାରେ, ବଡ଼ଗାଁ ଥାନା ଅଧୀନ କଣ୍ଟିଆମୁରା ଗାଁର ମଙ୍ଗଲୁ କିଷାନ (୫୮) ରାଜଗାଙ୍ଗପୁର ପିଡବ୍ଲୁଡି ଡାକବଙ୍ଗଳାରେ ପିଅନ ଭାବେ କାମ କରୁଥିଲେ। ଆଜି ଶୁଖରାମ ଓରାମ (୩୩) ସେଠାକୁ ଯାଇ ମଙ୍ଗଲୁ କିଷାନଙ୍କୁ ଖଇନି ମାଗିଥିଲା। ମାତ୍ର ମଙ୍ଗଲୁ କିଷାନ ଖଇନି ଦେବାକୁ ମନା କରିଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। କ୍ରମେ ପରିସ୍ଥିତି ଉଗ୍ରରୂପ ଧାରଣ କରିଥିଲା। ଶୁଖରାମ ରାଗିଯାଇ ନିକଟରେ ପଡିଥିବା ଏକ କଟୁରୀରେ ମଙ୍ଗଲୁ କିଷାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ମଙ୍ଗଲୁଙ୍କୁ ରାଜଗାଙ୍ଗପୁର ହସ୍‌ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ ଏକ ହତ୍ୟାକାଣ୍ଡ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତ ଶୁଖରାମ ଓରାମକୁ କୋର୍ଟ ଚାଲାଣ କରାଯିବା ସହ ମଙ୍ଗଲୁ କିଷାନର ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ବ୍ରଜରାଜନଗର ଷ୍ଟେସନ୍‌ରୁ ୨୦ ପର୍ସିଆନ୍ ବିଲେଇ ଉଦ୍ଧାର

ଝାରସୁଗୁଡ଼ା, ୧୮।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଷ୍ଟେସନ୍‌ରୁ ଆର୍‌ପିଏଫ୍ ଆଜି ୨୦ଟି ବିଦେଶୀ ପର୍ସିଆନ୍ ବିଲେଇ ଉଦ୍ଧାର କରିଛି। ମୁମ୍ବାଇ ସାଲିମାର୍ ଏକ୍ସପ୍ରେସ୍ ଟ୍ରେନ୍‌ରେ ଛୋଟବଡ଼ ମିଶାଇ ୨୦ଟି ପାର୍ସିଆନ ଓ ବେଙ୍ଗଲ କ୍ୟାଟ୍‌କୁ ଏକ ଦମ୍ପତି ମୁମ୍ବାଇରୁ କୋଲକାତାରୁ ସାନ୍ତ୍ରାଗାଛିକୁ ନେଇ ଯାଉଥିଲେ। ସାନ୍ତ୍ରାଗାଛିର ଏକ ଫାର୍ମରେ ବିକ୍ରି କରିବାର ଉଦ୍ଦେଶ୍ୟରେ ଏହି ବିଦେଶୀ ବିଲେଇ ଟ୍ରେନ୍ ଯୋଗେ ଚାଲାଣ କରାଯାଉଥିଲା। ମୁମ୍ବାଇର ଅମିନ ସୈୟଦ ନିଜ ସ୍ତ୍ରୀ ଏବଂ ଚାରିମାସର ଶିଶୁଙ୍କ ସହ ଏହି ବିଲେଇମାନଙ୍କୁ ଟ୍ରେନରେ ନେଇ ଯାଉଥିଲେ। ଚଳନ୍ତା ଟ୍ରେନ୍‌ରେ ଅମିନ ସିଗାରେଟ୍ ଟାଣୁଥିଲେ। ସାଥୀ ଯାତ୍ରୀ ଏନେଇ ମନା କରିବାରୁ ତାଙ୍କ ସହ କଳହ କରିଥିଲେ। ଏନେଇ ଜଣେ ଯାତ୍ରୀ ରେଳ ଅଭିଯୋଗରେ ଅଭିଯୋଗ କରିଥିଲେ। ଟ୍ରେନ୍‌ଟି ରବିବାର ରାତି ପ୍ରାୟ ସାଢ଼େ ୨ଟାରେ ବ୍ରଜରାଜନଗର ଷ୍ଟେସନରେ ପହଞ୍ଚିବା ପରେ ଆର୍‌ପିଏଫ୍ ଉକ୍ତ ଦମ୍ପତିଙ୍କୁ ଅଟକ ରଖିଥିଲା। ଯାଞ୍ଚ କରିବାରୁ ତାଙ୍କ ପାଖରୁ ଏହି ପର୍ସିଆନ ବିଲେଇ ଉଦ୍ଧାର କରାଯାଇଥିଲା। କାହିଁକ ଏବଂ କେଉଁ ଉଦ୍ଦେଶ୍ୟରେ ଅମିନ ବିଲେଇମାନଙ୍କୁ ଟ୍ରେନ୍‌ରେ ନେଇ ଯାଉଥିଲେ, ସେନେଇ ଆର୍‌ପିଏଫ୍ ପକ୍ଷରୁ ତଦନ୍ତ କରାଯିବା ସହ ସିଗାରେଟ୍ ପିଇବା ଅଭିଯୋଗରେ ଅମିନକୁ ରେଳବାଇ କୋର୍ଟରେ ହାଜର କରାଯାଇ ୧୫୦୦ଟଙ୍କାର ଜରିମାନା କରାଯାଇଛି। ସେହିପରି



ରେଳବାଇ ବାଣିଜ୍ୟ ବିଭାଗକୁ ଯୋଗାଯୋଗ କରିବା ପରେ ପ୍ରାୟ ୩୫ ହଜାର ଟଙ୍କା ଜରିମାନା କରାଯାଇଛି। ସମସ୍ତ ତଦନ୍ତ ପ୍ରକ୍ରିୟା ଶେଷ ହେବା ପରେ ଅମିନ ଏବଂ ତାଙ୍କ ପରିବାରକୁ ବିଲେଇ ସହ ଛଡ଼ାଯିବ ବୋଲି ଜଣେ ଆର୍‌ପିଏଫ୍ ଅଧିକାରୀ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିଇସିଙ୍କ ବିରୋଧରେ...

କରିଛନ୍ତି। ସରକାରୀ ଦଳ ଇସାରାରେ ସେ କାମ କରୁଛନ୍ତି ବୋଲି କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ, ଟିଏମ୍‌ସି, ଶିବସେନା (ଉଦ୍ଧବ), ଏନ୍‌ସିପି (ପାୱାର), ସିପିଏମ୍, ଆପ୍, ଆରଜେଡି, ଜେଏମଏମ୍ ଏବଂ ଅନ୍ୟ ବିରୋଧୀ ଦଳର ନେତାମାନେ ଅଭିଯୋଗ କରିଛନ୍ତି। କଂଗ୍ରେସ ନେତା ଗୌରବ ଗୋଗୋଇ କହିଲେ ଯେ ଅଭିଯୋଗର ଉତ୍ତର ଦେବା କିମ୍ବା ଏହାର ଯାଞ୍ଚ କରିବା ବଦଳରେ କମିସନ ଓଲଟା ଅଭିଯୋଗକର୍ତ୍ତାଙ୍କୁ ସମାଲୋଚନା କରୁଛନ୍ତି। ଟିଏମ୍‌ସି ନେତ୍ରୀ ମହୁଆ ମଇତ୍ର କହିଲେ ଯେ ପଶ୍ଚିମ ବଙ୍ଗରେ ଡୁପ୍ଲିକେଟ ଭୋଟର ପରିଚୟପତ୍ର ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଥିଲେ। କିନ୍ତୁ ଏହାର ସମାଧାନ ହୋଇନାହିଁ। ପୂର୍ବତନ ନିର୍ବାଚନ କମିସରନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ଚଳିତ ଲୋକସଭାକୁ ଭଙ୍ଗ କରିବାକୁ ସେ ଦାବି କରିଛନ୍ତି। ସମାଜବାଦୀ ପାର୍ଟି ନେତା ରାମ ଗୋପାଳ ଯାଦବ କହିଲେ ଯେ ୨୦୨୨ ଭୋଟର ତାଲିକାରେ ୧୮ ହଜାର ଭୋଟରଙ୍କ ନାମ କାଟି ଦିଆଯାଇଛି। ଏସଂପର୍କରେ ତାଙ୍କ ଦଳ ସତ୍ୟପାଠ ଦାଖଲ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଆରଜେଡି ନେତା ମନୋଜ ଝା କହିଲେ ଯେ ଗତକାଲି ଆମେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଖୋଜୁଥିବା ବେଳେ ବିଜେପି ମୁଖପାତ୍ରଙ୍କୁ ପାଇଲୁ। ଡିଏମ୍‌କେ ଏବଂ ସିପିଏମ୍ ନେତା ଅଭିଯୋଗ କରିଛନ୍ତି ଯେ ନିର୍ବାଚନ କମିସନ କେନ୍ଦ୍ର ସରକାରଙ୍କର ବି-ଟିମ୍ ଭାବେ କାମ କରୁଛି। ଗତକାଲି ମୁଖ୍ୟ ନିର୍ବାଚନ କମିସନର ଯେଉଁ ସାମ୍ବାଦିକ ସମ୍ମିଳନୀ କରିଥିଲେ ସେଥିରେ ପ୍ରଶ୍ନର ଉତ୍ତର ଦେବା ଅପେକ୍ଷା ରାହୁଲଙ୍କୁ ଟାର୍ଗେଟ କରି ସତ୍ୟପାଠ ଦାଖଲ ପାଇଁ ଚାଲେଞ୍ଜ କରିଥିଲେ। ମୁଖ୍ୟ ନିର୍ବାଚନ କମିସନରଙ୍କ ଏଭଳି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେମାନେ କହିଥିଲେ।

### ୬୫ ଲକ୍ଷ ନାମ...

ଜାରି କରିଛନ୍ତି। ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ତଥ୍ୟ ଜାରି କରାଯାଇଛି। ଏହି ତାଲିକା ରାଜ୍ୟର କେତେକ ଜିଲ୍ଲାରେ ବୁଥ୍ ସାମନାରେ ଲଗାଯାଇଛି। ଏଥିରେ ଭୋଟରଙ୍କ ନାମ ସହିତ ସେମାନଙ୍କର ନାମ କାହିଁକି କଟାଯାଇଛି, ତାହା ଦର୍ଶାଯାଇଛି। କେଉଁମାନେ ମୃତ, ଅନ୍ୟ ରାଜ୍ୟକୁ ପଳାଇଛନ୍ତି କିମ୍ବା ଅନ୍ୟ ନିର୍ବାଚନମଣ୍ଡଳୀରେ ସେମାନଙ୍କର ନାମ ରହିଛି, ତାହା ଏହି ତାଲିକାରେ ଦର୍ଶାଯାଇଛି। ଏସଂକ୍ରାନ୍ତ ନୋଟିସ ସମ୍ବାଦପତ୍ର ଓ ଟିଭିରେ ପ୍ରକାଶ ଓ ପ୍ରସାର କରିବାକୁ ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ଓଡ଼ିଶାରେ ଏସ୍‌ଆଇଆର୍...

କରିବାକୁ ନେଇ ବିଜେଡି ଗୁରୁତର ଅଭିଯୋଗ କରିଥିଲା। ଏ ସମ୍ପର୍କରେ ଜାତୀୟ ନିର୍ବାଚନ କମିଶନ ଏଯାବତ୍ କୌଣସି ଉତ୍ତର ଦେଇ ନ ଥିବା ବିଜେଡି ଅଭିଯୋଗ କରି ଆସିଥିବାବେଳେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏହାକୁ ଖଣ୍ଡନ କରିଛନ୍ତି। ଏପିକ ନମ୍ବରକୁ ନେଇ ଅଣଯାଇଥିବା ଅଭିଯୋଗ ଉପରେ ରାଜ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଓଡ଼ିଶାର ୭ ହଜାର ଏପିକ ନମ୍ବର ଥିବା ଭୋଟର କାର୍ଡ ପରିବର୍ତ୍ତନ କରି ନୂଆ ଭୋଟର କାର୍ଡ ଦିଆଯାଇଛି। ଏଥିରୁ କେବଳ ୫ ହଜାର ଏପିକ ନମ୍ବର ବାଙ୍କୀରେ ଥିଲା। ଏହା ଗୁଜରାଟର ଭୋଟରଙ୍କ ସହିତ ମିଶୁଥିଲା। ତେଣୁ ଏହାକୁ ବଦଳାଯାଇ ଆଉଥରେ କାର୍ଡ ବର୍ଣ୍ଟନ କରାଯାଇଛି। ବାକି ୨ହଜାର ଏପିକ ନମ୍ବର କର୍ଣ୍ଣାଟକ, ଝାଡ଼ଖଣ୍ଡ ପଶ୍ଚିମବଙ୍ଗ ସହିତ ମିଶୁଥିଲା। ଏହି ଏପିକ ନମ୍ବର କେବଳ ଭୋଟ ପରିଚୟ ପତ୍ର ଚିହ୍ନଟ ପାଇଁ ଦିଆଯାଇଛି। ଏହି ଏପିକ ନମ୍ବରରେ କେହି ଭୋଟ ଦେଇପାରିବେ ନାହିଁ। ବର୍ତ୍ତମାନ ସ୍ୱତନ୍ତ୍ର ଏପିକ ନମ୍ବର ନିର୍ବଚନ କମିଶନଙ୍କ ପକ୍ଷରୁ ପ୍ରଦାନ କରାଯିବ। ସେହିପରି ବିଭିନ୍ନ ଅଞ୍ଚଳରେ ଭୋଟର ବିଧାନସଭା ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ ହେଁ ଲୋକସଭା ପ୍ରାର୍ଥୀଙ୍କୁ ଭୋଟଦେଇନାହାନ୍ତି। ଯେଉଁଥିପାଇଁ ଲୋକସଭା ଏବଂ ବିଧାନସଭା ଭୋଟିଂରେ ତାରତମ୍ୟ ଦେଖିବାକୁ ମିଳିଛି। ବିଳମ୍ବିତ ରାତିରେ ଦିଆଯାଉଥିବା ଭୋଟ ହାର ଏବଂ ଭୋଟ ଗ୍ରହଣ ପରଦିନ ଦିଆଯାଉଥିବା ଭୋଟ ହାର ଥିବା ତଫାତ ଏକ ସ୍ୱାଭାବିକ ପ୍ରସଙ୍ଗ ଓ ଭୋଟ ଗ୍ରହଣ ଦିନ ଘଣ୍ଟାକୁ ଘଣ୍ଟା ଯେଉଁ ଭୋଟ ହାର ପ୍ରଦାନ କରାଯାଏ ତାହା ସମ୍ଭାବ୍ୟ ଭୋଟ ହାର ଦିଆଯାଏ। ତାହା ଫୋନ ମାଧ୍ୟମରେ ସଂଗ୍ରହ କରାଯାଇ ଦିଆଯାଇଥାଏ। ଭୋଟ ଗ୍ରହଣ ପର ଦିନ ଯେଉଁ ଭୋଟ ହାର ପ୍ରଦାନ କରାଯାଏ, ତାହା ସଠିକ ଭୋଟ ହାର । ଭୋଟ ଗ୍ରହଣ ସରିବା ପରେ ରାଜନୈତିକ ଦଳର ଏଜେଣ୍ଟଙ୍କୁ ୧୭-ସି ଫର୍ମ ଦିଆଯାଇଥାଏ। ତେଣୁ ରାଜନୈତିକ ଦଳମାନେ ସେମାନଙ୍କ ଏଜେଣ୍ଟଙ୍କ ଠାରୁ ୧୭-ସି ଫର୍ମ ସଂଗ୍ରହ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

### ଦାଗୀ ସଂସ୍ଥାକୁ...

କେଟିପିଏଲର ଚୁକ୍ତିକୁ ସ୍ଥଗିତ ରଖିଛନ୍ତି। ଏପରିସ୍ଥଳେ ଓଏସ୍‌ଏମ୍‌ସିଏଲ୍‌ର ଚୁକ୍ତି ଅବଧିକୁ କେଉଁ ଆଧାରରେ ବୃଦ୍ଧି କରାଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ କେଟିପିଏଲ୍ ୫ବର୍ଷ ତଳେ ଟେଣ୍ଡର ହାତେଇଥିବା ବେଳେ ତାହାର ଅବଧି ଗଲା ଡିସେମ୍ବରରେ ସରିଥିଲା। ଜାନୁଆରୀରେ ନୂଆ ଟେଣ୍ଡର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ନୂଆ ଟେଣ୍ଡର ପ୍ରକ୍ରିୟା ଆଗକୁ ନବଢ଼ାଇ କେଟିପିଏଲ୍‌ର କାର୍ଯ୍ୟ ଅବଧିକୁ ଓଏସ୍‌ଏମ୍‌ସିଏଲ୍ କର୍ତ୍ତୃପକ୍ଷ ବୃଦ୍ଧି କରିଥିବା ଜଣାପଡ଼ିଛି। କେଟିପିଏଲ୍ ବିରୋଧରେ ପୂର୍ବରୁ ଏନ୍‌ଏଚ୍‌ଆରସି ନିୟମ ଖିଲାପ ଅଭିଯୋଗ ରହି ଆସିଛି। ନିୟମ ଅନୁଯାୟୀ ସଂସ୍ଥା ୨ଶହରୁ ଅଧିକ ବାୟୋମେଡିକାଲ ଓ ୧ଶହ ସର୍ଭିସ ଇଞ୍ଜିନିୟର ନିଯୋଜିତ ନ କରି କମ୍ ଇଞ୍ଜିନିୟର କାମ ଚଳାଇ ଆସୁଛି। ଯାହା ଫଳରେ ଠିକ୍‌ରେ ଉପକରଣ ମରାମତି କାର୍ଯ୍ୟ ହୋଇପାରୁନି। ଏପଟେ ରାଜ୍ୟରେ ପ୍ରାୟ ୮୦ ହଜାର ବାୟୋମେଡିକାଲ ଉପକରଣ ଥିବାବେଳେ ସେଥିରୁ ଶତକଡା ୨୦ ପ୍ରତିଶତ କାମ କରୁନଥିବା ଅଭିଯୋଗ ହେଉଛି। ଏପରିକି ଏସ୍‌ସିବିରେ ଅନେକ ଉପକରଣ ଦିନ ଦିନ ଧରି ଅଚଳ ହେବା ସହ ଭେଣ୍ଟିଲେଟର ଓ ଆଇ ଆଇସିୟୁ ବି ଅଚଳ ହୋଇ ରହୁଛି। କିନ୍ତୁ ଏଭଳି ସ୍ଥିତିରେ କେଟିପିଏଲର କାର୍ଯ୍ୟ ଅବଧି ସରିବା ପରେ ବି ତାହାକୁ ବୃଦ୍ଧି କରାଗଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ରାଜରାସ୍ତାରେ ଚାଷୀଙ୍କ...

ଭାଗଚାଷୀ ଓ ଭୂମିହୀନ କୃଷି ଶ୍ରମିକଙ୍କୁ ସିଏମ କିଷାନ ଯୋଜନାରେ ସାମିଲ, ସ୍ୱାମୀନାଥନ କମିଟି ଆଧାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ବିହନ ଓ ସାରର ଅଭାବୀ ବିକ୍ରି ବନ୍ଦ କରିବା, ଆନୁଷଙ୍ଗିକ କୃଷି ଓ ଅର୍ଥକାରୀ ଫସଲ ଉପରେ ଗୁରୁତ୍ୱ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଶୀଘ୍ର ଏହି ସମସ୍ୟାର ସମାଧାନ କରାନଗଲେ, ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ଉଗ୍ରରୂପ ନେବ ବୋଲି ବିଜେଡି ପକ୍ଷରୁ ଚେତାଇ ଦିଆଯାଇଥିଲା। ଆଜିର ଏହି ସମାବେଶ ଯୋଗୁଁ ବରଗଡ଼ ସହରରେ ଅଦିନିଆ ଧନୁଯାତ୍ରା ପରି ଭିଡ଼ ପରିଲକ୍ଷିତ ହୋଇଥିଲା। ବିଜେଡିର ଚାଷୀ ସମାବେଶ ଡାକରାକୁ ଚାଷୀଙ୍କ ପକ୍ଷରୁ ଅଭୂତପୂର୍ବ ସମର୍ଥନ ଦେଖିବାକୁ ମିଳିଥିଲା। ଚାଷୀଙ୍କ ପୁଞ୍ଜିଭୂତ ଅସନ୍ତୋଷର ପ୍ରତିଫଳନ ଏହି ସମାବେଶରେ ବେଶ୍ ପ୍ରତିଫଳିତ ହୋଇଥିଲା। ମାତ୍ର ସମାବେଶକୁ ଭଣ୍ଡୁର କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ଉଦ୍ୟମ କରାଯାଇଥିଲା। ସମାବେଶରେ ଯୋଗ ଦେବାକୁ ଆସୁଥିବା ଚାଷୀଙ୍କ ଗାଡ଼ିଗୁଡିକୁ ବିଭିନ୍ନ ସ୍ଥାନରେ ପୁଲିସ୍ ଅଟକାଇଥିଲା। ଏହି ଘଟଣାକୁ ବିଜେଡି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରୀତା ସାହୁ, ପ୍ରତାପ ଜେନା, ଟୁକୁନି ସାହୁ, ବିଧାୟକ ନଳିନୀ ପ୍ରଧାନ, ନିରଞ୍ଜନ ପୂଜାରୀ, ସୁଦର୍ଶନ ହରିପାଲ, ଦିବ୍ୟଶଙ୍କର ମିଶ୍ର, ବର୍ଷା ସିଂ ବରିହା, ଅଧିରାଜ ପାଣିଗ୍ରାହୀ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୋହିତ ଯୋଶେଫ ତିର୍କୀ, ଯୋଗେଶ ସିଂ, ପ୍ରଦୀପ ଦିସାରୀ ଏବଂ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଆୟୁବ ଖାନ୍, କିଶୋର ନାଏକ, ରାଜେନ୍ଦ୍ର ଛତ୍ରିଆ, ସରୋଜ ମେହେର, ଦୁଷ୍ମନ୍ତ ନାଏକ, ରୋହିତ ପୂଜାରୀ, ନୀହାର ବେହେରା, ଆକାଶ ମିଶ୍ର, ଗିରିରାଜ ସିଂ, ନାରାୟଣ ଲୁହା, ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ମାନିନୀ ଭୋଇ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ପ୍ରଦ୍ୟୁମ୍ନ ତ୍ରିପାଠୀ, କରନ ସିକନ୍ଦର, ମୀନାକ୍ଷୀ ମିଶ୍ର, ପ୍ରଫୁଲ୍ଲ ନାଏକ, ଉମେଶ ପଣ୍ଡା, ଗୌରହରି ମିଶ୍ର, ବିକ୍ରମ ସିଂ ଦେଓ, ଦେବାନନ୍ଦ ଗଡତିଆ, ନାରଦ ବରିହା, ଲମ୍ବୋଦର ନିଆଲ, ସିଦ୍ଧାର୍ଥ ଦାଶ, ମନୋଜ ମହାପାତ୍ର, ହୀରାଲାଲ ବେହେରା, କୁମୁଦିନୀ ନାଏକ କିଶୋର ମିଶ୍ର, ସୁନିଲ କିଶାନ, ଦୁର୍ଗା ବାରିକ, ପ୍ରମୁଖ ଉପସ୍ଥିତ ଥିଲେ।


**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dated- 12.08.2025, **DINABANDHU JENA**, permanent resident of At-Janar, Po.- Gobardhanpur, Ps- Tamka, Via- JK Road, Dist.- Jajpur, Odisha- 755019 currently residing at Plot No.- 714/878/3407, Bijipur, Tamando, Bhubaneswar, Khordha, Odisha- 751028, declare that I have changed my Son's name from **NAVNEET KISHORE** (old name) to **NAVNEET KISHORE JENA** (new name), Henceforth, he shall be known as **NAVNEET KISHORE JENA** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 10/07/2025, CF No.- 69/10 July 2025. I, Bhuli Sahu W/O Sanjay Kumar Sahu, At- Tarini Nagar, Salia Sahi, Jayadev Vihar, Odisha, Pin- 751013, declare that I have changed the name of my daughter from Thubul Sahu to Tanmayee Sahu. Henceforth, she shall be known as new name Tanmayee Sahu for all purposes.

**Bhuli Sahu**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 30/07/2025, C.F No. 93/30 July 2025. I, Sonali Sahu, W/O Laxmidhara Sahoo, At- Patapur, Patna, Po- Satapatna, Ps-Dasapalla, Nayagarh, Odisha, Pin- 752091, declare that I have changed my owned name Suneli Sahoo to Sonali Sahu. Henceforth, I shall be known as new name Sonali Sahu for all purposes.

**Sonali Sahu**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dtd:18/08/2025 I, KM REETA VERMA, Resident of Village- Patulisahi, P.O.- Kesharpur, P.S.- Sarankul, Dist: Nayagarh, Odisha, Pin:752079, declare that I have changed my name from Reeta Verma to KM Reeta Verma. Henceforth, I shall be known as **KM Reeta Verma** for all purposes.

**KM Reeta Verma**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 12/08/2025, C.F No. 28/12.08.2025 I, Samali Das, At- Bajpayee Nagar, Po- RRL, Ps- Maitri Vihar, Bhubaneswar- 751013, Odisha, declare that I have changed my name from Shamoli Das to Samali Das. Henceforth, I shall be known as Samali Das for all purposes.

**Samali Das**

**AFFIDAVIT**

By Virtue of an Affidavit swom Before Executive Magistrate Cuttack Date - 23.06.2025 I Bikramaditya sahoo S/O Laxman Charan Sahu. At- Niladri Vihar New Colony Po-Nayabazar Ps - Chauliaganj Dt - cuttack, Odisha - 753004. Declare that Now onwords My father's Name is Laxman Charan Sahoo For all Purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dated- 12.08.2025, **DINABANDHU JENA**, permanent resident of At-Janar, Po.- Gobardhanpur, Ps- Tamka, Via- JK Road, Dist.- Jajpur, Odisha- 755019 currently residing at Plot No.- 714/878/3407, Bijipur, Tamando, Bhubaneswar, Khordha, Odisha- 751028, declare that I have changed my Son's name from **DHEERANAND SAGAR (old name)** to **DHEERANAND SAGAR JENA (new name)**, Henceforth, he shall be known as **DHEERANAND SAGAR JENA** for all purposes.

**AFFIDAVIT**

I Shaik Sammiulla H/o Rizwana Perween, Resident of Mundideuli, PO/PS-Kamakshyanagar, Dist-Dhenkanal, Odisha, PIN-759018, declare by this affidavit No.996 dtd 18.07.2025 that now onwards I shall be known as **SHEIKH SAMMI ULLA** for all future purposes.

**AFFIDAVIT**

By virtue of an affidavit (CF No. 03) sworn before The Executive Magistrate, Padampur, on dated- 18/08/2025. I, **Beauty Queen Tandi,** W/o- Kunal Nanda, permanent & current resident of At/Po- Ulba, Ps- Patnagarh, Dist- Balangir, PIN- 767041, Odisha declare that I have changed my name from **Beauty Queen Nanda** (old name) to **Beauty Queen Tandi** (new name). Henceforth, I shall be known as **Beauty Queen Tandi** (new name) for all future purposes.

**Beauty Queen Tandi**

**AFFIDAVIT**

I Snehala Mallick, W/o Abhimanyu Nayak, Resident of Vill- Bankasahi, PO/ PS/DIST- Bhadrak, Odisha, PIN - 756100, declare by this affidavit No. 1567 dtd 12.08.2025 that now onwards I shall be known as **SNEHALATA MALLICK** for all future purposes.

**AFFIDAVIT**

I, Santosh Swain, S/o- Raghunath Swain, resident of Kalamitota Sahi, Lalsing, Bhanjanagar, Dist- Ganjam, PIN- 761125, Odisha declared by this affidavit No. 661, dtd- 16/08/2025 that now onwards I shall be known as **SANTOSH KUMAR SWAIN** for all future purposes.

**AFFIDAVIT**

By virtue of an affidavit sworn before the Notary public Bhubaneswar vide No.1558 dated 18.08.2025, I Vivek Varansi S/o Varanasi Sitaram Sharma, presently residing at P 19/3, Coast Guard Officers Residential Area, Pokhariput, Bhubaneswar, Dist- Khordha, Odisha PIN-751020, declare that I have changed my name from Vivek Varansi to Vivek Sitaram Varansi. Henceforth, I shall be known as **VIVEK SITARAM VARANSI** for all future purposes.

**RAISUAN HIGHER SECONDARY SCHOOL**
**AT/PO-RAISUAN, DIST-KEONJHAR**

**WALK IN INTERVIEW**

A walk-in-interview will be held in the college premises for engagement of **Guest Faculty in Sanskrit on 25.08.2025 (Monday).** The interested candidates having more than 55% in the Master Degree may attend the same with all relevant testimonials. Preference will be given to M. Phil., Ph.D. & teaching experience holders.

**Sd/- Principal**
**Raisuan Higher Secondary School, Raisuan**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ELOP-T-09-2025

**କାର୍ଯ୍ୟର ନାମ :** 02 ବର୍ଷ ଅବଧି ନିମନ୍ତେ ଦିନରାତି ଖୋର୍ଦ୍ଧା ରୋଡ଼ ମଣ୍ଡଳର ସମସ୍ତ କ୍ରୁ ଲବି (ଭୁବନେଶ୍ୱର ଓ ପୁରୀ ଭଳି କୋଚିଙ୍ଗ ଲବି ବ୍ୟତୀତ) ଠାରେ କ୍ରୁ ଏବଂ ଗାର୍ଡସ୍‌କୁ ୱାକି-ଟକି ସେଟ୍, ନିରାପତ୍ତା ସାମଗ୍ରୀ ଏବଂ କୁହୁଡ଼ି ସୁରକ୍ଷା ଉପକରଣ ଜାରି କରିବା

**ବିଜ୍ଞାପିତ ମୂଲ୍ୟ :** ₹ 1,87,65,292.40, EMD : ₹ 2,43,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-, ଶେଷ ହେବା ଅବଧି : 730 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.08.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.09.2025ରିଖ 1600 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ **www.ireps.gov.in**ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ଼

PR-488/Q/25-26

**ବ୍ୟାଙ୍କ ଅଫ୍ ଇଣ୍ଡିଆ** Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ସାଙ୍କେତିକ ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। ସରଫେଶୀ ଆକ୍ଟ ଅଧୀନରେ ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ପଇଠ ହୋଇଥିବା ରାଶି (ଯଦି କିଛି ଥାଏ) ଆଦାୟ / ସେଟେଲମେଣ୍ଟ ସମୟରେ ଦେୟ ରାଶି ନିର୍ଦ୍ଧାରଣ ପାଇଁ ଗଣନା କରାଯିବ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ତମାଣ୍ଡୋ ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ (ସାଙ୍କେତିକ) ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀମତୀ ସୁଲୋଚନା ବିଶ୍ୱାଳ,** ସ୍ୱାମୀ: ସନ୍ତୋଷ ବିଶ୍ୱାଳ, ମାର୍ଫତ: କେ. ଜ୍ୟୋତିବାଳା ପାତ୍ର, ପ୍ଲଟ୍ ନଂ. ୩୮/୪୦, ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର, ପିନ୍-୭୫୧୦୦୩ | ଟ.୪୨,୦୮,୨୫୬.୦୦ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୦୪.୦୬.୨୦୨୫ / ୧୮.୦୮.୨୦୨୫ | ଶ୍ରୀମତୀ ସୁଲୋଚନା ବିଶ୍ୱାଳଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୮୮/୨୬୮, ପ୍ଲଟ୍ ନଂ.: ୧୪୭୦/୨୯୭୧/୫୪୦୩, କ୍ଷେତ୍ର: ଏକର୦.୦୨୧ଡିସିମିଲି, କିସମ: ଘରବାରି, ମୌଜା: ନୟାପଲ୍ଲୀ, ଥାନା: ନିଉ କ୍ୟାପିଟାଲ, ତହସିଲ/ଏସ୍‌ଆରଓ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚରିପାର୍ଶ୍ୱରେ- ଉତ୍ତର: ମନୋଜ କୁମାର ଷଡ଼ଙ୍ଗୀ, ଦକ୍ଷିଣ: ରାସ୍ତା, ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ. ୨୨୦୧, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ. ୩୬୧୬ |

ତାରିଖ: ୧୮.୦୮.୨୦୨୫
ସ୍ଥାନ : ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**OFFICE OF THE PRINCIPAL**
**SIDDHARTHA HIGHER SECONDARY SCHOOL, BINKA**
**DIST- SUBARNAPUR, PIN-767019**
email: siddharthacollegebinka@gmail.com

**WALK-IN-INTERVIEW**

A walk-in interview will be held on **Dt.26.08.2025 (Tuesday)** at **11.00 AM** in the College premises for the post of **Lecturer in Physics (Management Post).** Candidates must possess a Master's degree having at least 55% marks in the concerned subject and may attend the interview with their complete Bio-Data and all testimonials (Original & Xerox copies).

The undersigned reserves the right to cancel the Walk-in interview without assigning any reason thereof.

**Sd/- Principal-cum-secretary**
**Siddhartha Higher Secondary School, Binka**

# ସାରର କୃତ୍ରିମ ଅଭାବ; ଚଢ଼ା ଦରରେ ବିକ୍ରି ଅଭିଯୋଗ

ସୋହେଲା,୧୮।୮ (ସମିସ):

ସୋହେଲା ଅଞ୍ଚଳରେ ସାରର ବ୍ୟାପକ କଳାବଜାର ହୋଇ ଖୋଲା ବଜାରରେ



ଚଢ଼ା ଦରରେ ବିକ୍ରି ହେଉଥିବା ନେଇ ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ସୋମବାର ଜୟ କିଷାନ ଆନ୍ଦୋଳନର ବରଗଡ଼ ଜିଲ୍ଲା ସଭାପତି ସୁଶୀଲ ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ ସମେତ ସୋହେଲା ବ୍ଲକ୍ ଅଧୀନ ତବଡା ପଞ୍ଚାୟତ ପଧାନପାଲି ଗାଁର ପ୍ରାୟ ୩୦ ଜଣ ଚାଷୀ ସୋହେଲା ବ୍ଲକ୍ କୃଷି ଅଧିକାରୀଙ୍କ ପାଖକୁ ଯାଇ ସରକାରୀ ଦରରେ ସାର ଯୋଗାଇ ଦେବାକୁ ଦାବି ଜଣାଇଥିଲେ। ବ୍ଲକ୍ କୃଷି ଅଧିକାରୀ ସୋହେଲାରେ ଥିବା ଡିଲର୍ ମାନଙ୍କ ପାଖରେ ବର୍ତ୍ତମାନ ସାର ଷ୍ଟକ୍ ନଥିବାରୁ ଘେଁସ ସୋସାଇଟିରୁ ସାର ନେବାକୁ ଚାଷୀଙ୍କୁ କହିଥିଲେ। ଚାଷୀ ଘେଁସ ସୋସାଇଟିରୁ ସରକାରୀ ଦର ୨୬୭ଟଙ୍କା ୫୦ ପଇସା ମୂଲ୍ୟରେ ୧୪୬ ବସ୍ତା ୟୁରିଆ ସାର ନେଇଥିଲେ। ଚାଷୀଙ୍କ ଏକତା ଫଳରେ ଆଜି ପଧାନପାଲି ଗାଁର ଚାଷୀ ସରକାରୀ ମୂଲ୍ୟରେ ସାର କିଣି ୩୦ ହଜାର ଟଙ୍କା ବଞ୍ଚେଇ ପାରିଛନ୍ତି। କିନ୍ତୁ ବରଗଡ଼ ଜିଲ୍ଲାର ହଜାର ହଜାର ଅନ୍ୟ ଚାଷୀ ସରକାରୀ ମୂଲ୍ୟରେ ସାର ନପାଇ ଲୁଟର ଶିକାର ହେଉଛନ୍ତି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଚାଷୀଙ୍କୁ ସରକାରୀ ମୂଲ୍ୟରେ ସାର ଯୋଗାଇ ନଦେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଜୟ କିଷାନ ଆନ୍ଦୋଳନ ସଭାପତି ସୁଶୀଲ ସାହୁ ସୂଚନା ଦେଇଛନ୍ତି।




ବିଜେଡି ପକ୍ଷରୁ ବିଶାଳ ଚାଷୀ ସମାବେଶ ଓ ବିକ୍ଷୋଭ

# ମଦ ଭାଟି ବନ୍ଦ ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ପଦ୍ମପୁର,୧୮।୮ (ସମିସ): ପଦ୍ମପୁର ଉପଖଣ୍ଡ ସର୍ଗିବାହାଲ ପଞ୍ଚାୟତ ଢୋଲବନ୍ଧ ଗାଁର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସମେତ ଶତାଧିକ ଗ୍ରାମବାସୀ ଉପଜିଲ୍ଲାପାଳ ପଦ୍ମପୁରଙ୍କୁ ଭେଟି ଢୋଲ ବନ୍ଧ ଓ ପାଖ ଅଞ୍ଚଳରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବିପତ୍ର ଦେଇଛନ୍ତି। ପୂର୍ବରୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ମହିଳା ମାନେ ଗାଁରେ ମଦ ବିକ୍ରି ବନ୍ଦ ଡାକରା ଦେଇ ଆସିଛନ୍ତି। ସ୍କୁଲ ଛାତ୍ର ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଉପଜିଲ୍ଲାପାଳ ପଦ୍ମପୁରଙ୍କୁ ନିବେଦନ କରିଥିଲେ। ଏ ସଂକ୍ରାନ୍ତରେ ପୁଲିସକୁ ମଧ ଜଣାଇଥିଲେ। ନିଶା ଦ୍ୱାରା ନାବାଳକ, ଯୁବଗୋଷ୍ଠୀ ପଥଭ୍ରଷ୍ଟ ହୋଇ ଅନେକ ଅସାମାଜିକ କାମ କରୁଛନ୍ତି। ପରିବାର, ଗାଁରେ ଅଶାନ୍ତି ସୃଷ୍ଟି ହେଉଛି। ଶାରୀରିକ, ମାନସିକ, ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ତେଣୁ ମଦ ବନ୍ଦ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ହଜାର ହଜାର ଚାଷୀଙ୍କ ଗହଣରେ ଜିଲ୍ଲାପାଳଙ୍କୁ ବିଜେଡି ପକ୍ଷରୁ ଦାବିପତ୍ର

# ବ୍ଲକ୍ସ୍ତରୀୟ ଗଙ୍ଗାଧର ମେହେର ଜୟନ୍ତୀ

ଭଟଲି,୧୮।୮ (ସମିସ): ଭଟଲି ବରିଷ୍ଠ ନାଗରିକ ସଂଘ, ଭୁଲିଆ ସମାଜ ଭଟଲି ଏବଂ ଭଟଲି ହାଇସ୍କୁଲର ମିଳିତ ଉଦ୍ୟମରେ ବ୍ଲକ୍ସ୍ତରୀୟ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୩ ତମ ଜୟନ୍ତୀ ଉତ୍ସବ ଅବସରରେ ଗଙ୍ଗାଧର ସାହିତ୍ୟ ଆଲୋଚନା ଚକ୍ର ଭଟଲି ହାଇସ୍କୁଲ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭା କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭଟଲି ସତୀହାରୀ ବାଳିକା ହାଇସ୍କୁଲ ଛାତ୍ରୀ ମାନଙ୍କ ଦ୍ୱାରା କବିଙ୍କ ଦ୍ୱାରା ରଚିତ କବିତା ପଠନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସିନ୍ଧୁନନ୍ଦିନୀ ଆଚାର୍ଯ୍ୟ, ମୁଖ୍ୟବକ୍ତା ତଥା ଗଙ୍ଗାଧର ସାହିତ୍ୟ କଥାବାଚକ, ବେଲପାହାଡର ସୁରେଶ ପଧାନ ଗଙ୍ଗାଧର ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ସୁଦାମ ମେହେର, ଜଗଦୀଶ ସାହୁ, କେଦାର ମିଶ୍ର, ଶ୍ରବଣ ସାହୁ, ଗୋବିନ୍ଦ ଦାସ ମଞ୍ଚାସୀନ ଥିଲେ ଏବଂ ସତ୍ୟନନ୍ଦ ପଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ସନ୍ତୋଷ ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ମୋତିଲାଲ ବନଛୋର ସଂଯୋଜନା କରିଥିବା ବେଳେ ଭୁଲିଆ ସମାଜ ତରଫରୁ ବିଜୟ ମେହେର ସହଯୋଗ କରିଥିଲେ।

# ସୟାଁ ଗାଁରେ ଦୁଇଦିନ ବ୍ୟାପୀ ଜନ୍ମାଷ୍ଟମୀ ଉତ୍ସବ

ବରଗଡ଼,୧୮।୮ (ସମିସ): ଜନ୍ମାଷ୍ଟମୀ ପାଇଁ ଗାଁରୁ ସହର ସବୁଠି ଉତ୍ସବର ପରିବେଶ ଦେଖିବାକୁ ମିଳିଛି। ବରଗଡ଼ ସହର ଉପକଣ୍ଠ ସୟାଁ ଗାଁରେ ଏହି ଉତ୍ସବ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଛି। ଗୁଲସନ ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ମନ୍ଦାକିନୀ ପଣ୍ଡା ତଥା ଗ୍ରାମବାସୀଙ୍କ ଉଦ୍ୟମରେ ଜନ୍ମାଷ୍ଟମୀ ପାଳିତ ହୋଇଥିଲା। ଗିରିଧାରୀ ମିଶ୍ର, ପରମେଶ୍ୱର ସାବତ ପଣ୍ଡିତ ଭାବେ କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ଜଗଦାନନ୍ଦ ମିଶ୍ର ଶ୍ରୀକୃଷ୍ଣ କଥା ପାରାୟଣ କରିଥିଲେ। ଚୁଳଗଙ୍ଗ ଖମାରୀ ଓ ଖାରବେଳ ଖମାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ଶ୍ରୀକୃଷ୍ଣ ଜନ୍ମ, କୃଷ୍ଣଙ୍କୁ ନେଇ ବସୁଦେବଙ୍କ ମଥୁରା ଗମନ ରାସ୍ତାରେ ଉଗ୍ରସେନଙ୍କ ସହିତ ସାକ୍ଷାତ ଦୃଶ୍ୟ ଅଭିନୟ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିବସରେ ନନ୍ଦଲାଲାଙ୍କର ଦୋଳି ଖେଳ ବା ନନ୍ଦୋତ୍ସବ କରାଯାଇ ପାଲିଙ୍କିରେ ରାଧାକୃଷ୍ଣଙ୍କୁ ଗାଁ ପରିକ୍ରମା କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର



ବିକାଶ ହାୟର ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନ୍ସରେ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼,୧୮।୮ (ସମିସ): ବିକାଶ ହାୟର ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନ୍ସରେ ଅଧୀନ ବିକାଶ ନର୍ସିଂ କଲେଜ ଦ୍ୱାରା ସୋମବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବରଗଡ଼ର ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଶିବିରର ଉଦ୍‌ଘାଟନ କରିଥିଲେ। ସାମ୍ବାଦିକ ଦିଲ୍ଲିପ ଆଚାର୍ଯ୍ୟଙ୍କ ସମେତ ବିକାଶ ହାୟର ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନ୍ସର ମୁଖ୍ୟ ପ୍ରଶାସକ ଇଂ.ଅଜୟ ମହାପାତ୍ର ତଥା ସମସ୍ତ କଲେଜର ଅଧ୍ୟକ୍ଷ, ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଡିନ୍ ଷ୍ଟୁଡେଣ୍ଟ୍ ଆଫେୟାର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର କର୍ମଚାରୀ ଅମରଜିତ୍ ମହାନ୍ତି, ରବିକାନ୍ତ ସାହୁ, ଶ୍ରୀବତ୍ସ ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟି ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି.ନାଗେଶ୍ୱର ରାଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଶିବିର ପରିଚାଳନା ଦାୟିତ୍ୱ ବିକାଶ ନର୍ସିଂ କଲେଜ୍ କରିଥିବା ବେଳେ ବିକାଶ ହାୟର ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନ୍ସର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

**ଭେଡେନ:** ଭେଡେନ ବ୍ଲକ୍ ବକଟି ହାଇସ୍କୁଲ ପରିସରରେ ବକଟି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ, ସାମ୍ବାଦିକ ମଣ୍ଟୁ ଷଡଙ୍ଗୀଙ୍କ ନବମ ଶ୍ରାଦ୍ଧବାର୍ଷିକୀ ଅବସରରେ ଲକ୍ଷ୍ମୀପୂଜା କମିଟି, ଚେତନା ଯୁବକ ସଙ୍ଘ ବକଟି, ଲାୟନ୍ସ କ୍ଲବ୍ ଝରାପାଲି/କାଦୋବାହାଲ, ମଣ୍ଟୁ ନିୟୁଜ ପେପର ଏଜେନ୍ସି ଥୁଆପାଲି/ଭେଡେନ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ୩୨ଥର ରକ୍ତଦାନ କରି ଅନେକ ଲୋକଙ୍କ ଜୀବନ ବଞ୍ଚାଇଥିବା ସ୍ୱର୍ଗତ ଷଡଙ୍ଗୀ ଅଞ୍ଚଳରେ ଜଣେ ସମାଜସେବୀ, କଳାକାର ଓ ରାଜନୀତିଜ୍ଞ ଭାବେ ବେଶ ପରିଚିତ ଥିଲେ। ସାମ୍ବାଦିକ ମୁକୁନ୍ଦ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଏବିଡିଓ ପ୍ରିତେସ ଦୋରା ପୂର୍ବତନ ସରପଞ୍ଚ ତଥା ପରିଚାଳନା କମିଟି ସଭାପତି ଗୌରଚନ୍ଦ୍ର ଦନ୍ତା, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତୋଫାନ ଡନସନା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପ୍ରଦ୍ୟୁମ୍ନ ଡନସନା, ନିତେଇ ଡନସନା, ପ୍ରଧାନଶିକ୍ଷକ ଯଦୁମଣି ମହାପାତ୍ର, ପ୍ରଧାନଶିକ୍ଷକ ସୁଦାମସୁ ପଧାନ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ରକ୍ତଭଣ୍ଡାରର ସୁବାଷ ଭୋଇ, ଅମନସେଟ, କୃଷ୍ଣ ଚନ୍ଦ୍ର ସାହୁ ରକ୍ତ ସଂଗ୍ରହ କରିଥିବା ବେଳେ ଶିବିର ପରିଚାଳନାରେ ମୋତିଲାଲ ମହାକୁର, ସୁବାସ ପଧାନ, ନରେନ୍ଦ୍ର କର୍ଣ୍ଣ, ଭାବଗ୍ରାହୀ ଡାଙ୍ଗ, ପ୍ରଶାନ୍ତ ମହାକୁର, କେଦାର ନାଥ ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ। ଶିବିର ଉଦ୍‌ଘାଟନ ହେବା ପୂର୍ବରୁ ପ୍ରଧାନଶିକ୍ଷକ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ଷଡଙ୍ଗୀଙ୍କ ସ୍ମୃତିଚାରଣ କରିବା ସହ ଦୁଇ ମିନିଟର ନୀରବ ପ୍ରାର୍ଥନା କରିଥିଲେ। ଶିବିରରେ ପ୍ରଥମେ ସ୍ୱର୍ଗତ ଷଡଙ୍ଗୀଙ୍କ ବଡ ଭାଇ ମୁକୁନ୍ଦ ଷଡଙ୍ଗୀ ରକ୍ତଦାନ କରି ଶୁଭାରମ୍ଭ କରିଥିଲେ।

**ପଦ୍ମପୁର:** ଯୁବ ସ୍ୱାଭିମାନ ଦିବସରେ ପଦ୍ମପୁର ରକ୍ତଭଣ୍ଡାରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାତା ମାନେ ହେଲେ ନେତାଜୀ ପୁଟା, ପୁସ୍ତମ ସୁନା, ଲୋଚନ ମର୍ହି, ଅମୁଲ୍ୟ ସାହୁ, ସୁଶାନ୍ତ ପ୍ରଧାନ, ଗୋବିନ୍ଦ ଖରସେଲ, ଚିନ୍ମୟ ପଣ୍ଡା, ହରେଶ ରଣା, ବିକାଶ ବରିହା, ବିକାଶ କୈବର୍ତ୍ତ, ସୁଜିତ ମୁଦୁଲି, ଆର୍ଯ୍ୟନ ରଣା, ସୁଦାମ ପ୍ରଧାନ, ଉଦିପ୍ତ ଦାସ, ତେଜରାଜ ବଡଗୁଛିଆ, ମାନସ ବୁଡେକ, ରୀନା ବେହେରା, ଅନିଲ ବେହେରା, ଲୋକେଶ ବିଭାର, କମଲେସ ରାଓ, ପବିତ୍ର ବରିହା, ଚନ୍ଦନ ଧରୁଆ, ଚନ୍ଦନ ଭୋଇ, ରଶ୍ମି ସୁନାନୀ, ପିଣ୍ଟୁ ପାତ୍ର। ରକ୍ତଭଣ୍ଡାରର ସଂଗ୍ରାମ କେଶରୀ ମହନ୍ତ, ସୁମିତ ସୁମନ ସିହ୍ନା, ପାପ୍ପୁ ମାଝୀ, ହିତେଶ ସାହୁ, ଜିତେନ୍ଦ୍ରିୟ ଗୁର୍ଲା ରକ୍ତ ସଂଗ୍ରହ କରିଥିଲେ। ସାମାଜିକ କର୍ମୀ ନିରୋଜ ଦୋରା, ପଦ୍ମପୁର ଏବିଭିପି ସଭାପତି ପ୍ରତ୍ୟୁଷ ରଞ୍ଜନ ଦାସ, ସାମ୍ବାଦିକ ରତ୍ନମଣୀ ଶତପଥୀ, ପ୍ରଦୀପ୍ତ ଦାଶ, ସୁଦାମ ପ୍ରଧାନ, ଅଶ୍ୱିନୀ ଧରୁଆ, ଦେବାଶିଷ ପଟ୍ଟନାୟକ, ଶିବାଶିଷ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ପର୍ବ

ଦହିତା,୧୮।୮ (ସମିସ): ଦହିତା ଦୁର୍ଗାପୂଜାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରୋଜ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବୈଠକରେ ଗାଁର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ନିତେଶ ବାଗ, ସହକୋଷାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେର ଗତ ବର୍ଷର ଆୟ ବ୍ୟୟ ବିବରଣୀ ପଠନ କରିଥିଲେ। ଚଳିତ ବର୍ଷ ଆକର୍ଷଣୀୟ ତୋରଣ, ମୂର୍ତ୍ତି ନିର୍ମାଣ ପାଇଁ ଶିଳ୍ପୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ପ୍ରାରମ୍ଭରୁ ସ୍ୱର୍ଗତ ଭୁବନେଶ୍ୱର ବାରିକଙ୍କ ବିୟୋଗରେ ତାଙ୍କ ଆତ୍ମାର ସଦଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲାପରିଷଦ ସଦସ୍ୟ ମକରଧ୍ୱଜ ବଗାର, କିଶୋର ଭୋଇ, ଜୟନ୍ତ ବାରିକ, ଦେବ ମେହେର, ଚନ୍ଦ୍ରଭାନୁ ମେହେର, ସୁବଳ ସାହୁ, ଚିତ୍ତରଞ୍ଜନ ପାଣ୍ଡେ, ଶିଶୁପାଳ ହୋତା, ଅନନ୍ତ ପାଣିଗ୍ରାହୀ, ସଞ୍ଜୟ ସାହୁଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



**ସୋହେଲା:** ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ଦ୍ୱାରା ଆୟୋଜିତ ହେଉଥିବା ଶାରଦୀୟ ନବରାତ୍ର ଦୁର୍ଗାପୂଜାରେ ମାଁ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିପାଇଁ ମାଁ ଦୁର୍ଗାଙ୍କ ମନ୍ଦିରରୁ ଦୁର୍ଗାପୂଜା କମିଟି ସଦସ୍ୟଙ୍କ ସମେତ ଶତାଧିକ ଜନସାଧାରଣ ଶୋଭାଯାତ୍ରାରେ ବାହାରି ସୋହେଲା ଲମ୍ବୁରୂପାଲି ରାସ୍ତାରେ ଥିବା ମାଁ ଗିରିସାଗରିଏନ ପୀଠକୁ ଯାଇଥିଲେ। ସେଠାରେ ବିଧି ଅନୁସାରେ ମୃତ୍ତିକା ପୂଜା ପରେ ମାଟି ସଂଗ୍ରହ କରି ମଣ୍ଡପକୁ ଅଣା ଯାଇଥିଲା। ସଦାନନ୍ଦ ଷଡ଼ଙ୍ଗୀ, ରବି ନାରାୟଣ ଦେବତା, ସରୋଜ ଦେବତା ସୁମନ୍ତ ପାଣିଗ୍ରାହୀ ପୂଜା କାର୍ଯ୍ୟ ସମ୍ପାଦନ ପରେ ଶୁଭେନ୍ଦୁ ଦାସ ମୂର୍ତ୍ତି ପାଇଁ ମାଟି ସଂଗ୍ରହ କରିଥିଲେ। ଦିନେଶ ଠାକୁର ଏବଂ ଶଶୀକାନ୍ତ ପାଣିଗ୍ରାହୀ ପୂଜାକର୍ତ୍ତା ରହିଥିଲେ। କାର୍ଯ୍ୟକ୍ରମରେ ଦୁର୍ଗାପୂଜା କମିଟି ସଭାପତି ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦେବତା, ସହ ସମ୍ପାଦକ ସଂଜୀବ ଝାଙ୍କର, ମୁକେଶ ଅଗ୍ରୱାଲ, କୋଷାଧ୍ୟକ୍ଷ ଲଳିତ ଅଗ୍ରୱାଲ, ଗୋବିନ୍ଦ ସାହୁ, ନଥୁରାମ ଅଗ୍ରୱାଲ, ଗିରିଜେଶ ଖାଡଙ୍ଗା, ଦିଲୀପ ଖମାରୀ, ରମାକାନ୍ତ ସାହୁ, ଅନିଲ ପଧାନ, ସନ୍ତୋଷ ସାହୁ, କିଶୋର ଗଡତିଆ, ବୁଲୁ ପରୁଆ, ଗୋପାଳ ନାୟକ, ସୁଜ୍ଞାନ୍ତ ପାଣିଗ୍ରାହୀଙ୍କ ସମେତ ପୂଜା କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ।

**ସୋହେଲା:** ରାଜ୍ୟ ସୀମାନ୍ତରେ ସ୍ଥିତ ଲୁହୁରାଚଟିରେ ୬୭ତମ ସାର୍ବଜନୀନ ଦୁର୍ଗାପୂଜା ନିମନ୍ତେ ସଭାପତି ରଘୁବୀର ଭୋଇଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆଗାମୀ ଶାରଦୀୟ ଦୁର୍ଗାପୂଜାର ସଫଳ ଆୟୋଜନ ନିମନ୍ତେ ବ୍ୟାପକ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଦୁର୍ଗାପୂଜା ଅବସରରେ ଅନୁଷ୍ଠିତ ହେଉଥିବା ରାବଣ ଦରବାର କାର୍ଯ୍ୟକ୍ରମ ପାଇଁ ଜଣାଶୁଣା କଳାକାର ଦେବରାଜ ମେହେରଙ୍କୁ ରାବଣ ଭୂମିକା ନିମନ୍ତେ ବରଣ କରାଯାଇ ଥିଲା। ଦୁର୍ଗାପୂଜା କମିଟି ସଭାପତି ରଘୁବୀର ଭୋଇ, ଉପସଭାପତି ପର୍ଶୁରାମ ପାଣ୍ଡେ, ସମ୍ପାଦକ ରାଜ ସାହୁ, ସହସମ୍ପାଦକ ସୁରେଶ ଭୁଏ, କୋଷାଧ୍ୟକ୍ଷ କମ୍ବୁପାଣି ଭୋଇ ପ୍ରମୁଖ ସଦସ୍ୟ ରାବଣ ଭୂମିକା ନିମନ୍ତେ ଦେବରାଜ ମେହେରଙ୍କୁ ନଡ଼ିଆ, ଉତ୍ତରୀୟ, ପୁଷ୍ପମାଲ୍ୟ ଦେଇ ବରଣ କରିଥିଲେ। ଚଳିତ ଦୁର୍ଗାପୂଜାରେ ଗୌନ୍ତିଆ ପ୍ରଶାନ୍ତ ଭୋଇ ସସ୍ତ୍ରୀକ ପୂଜା କର୍ତ୍ତା ରହିବେ ବୋଲି ନିଷ୍ପତ୍ତି ହୋଇଥିଲା। ମଣ୍ଡପ ସାଜସଜ୍ଜା ଦାୟିତ୍ୱ ମାଁ ତାରିଣୀ ଟେଣ୍ଟର କେଦାର ମେହେରଙ୍କୁ ପ୍ରଦାନ କରା ଯାଇଛି। ବୈଠକ ଶେଷରେ କମ୍ବୁପାଣି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ମନରେଗା କାର୍ଯ୍ୟ ପାଇଁ ସଚେତନତା ରାଲି

ଗାଇସିଲେଟ,୧୮।୮ (ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ ଅଧୀନ କଟାବାହାଲ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନର ସଠିକ ରୂପାୟନ କାର୍ଯ୍ୟକାରୀ କରିବା ସକାଶେ ସରପଞ୍ଚ ଅର୍ପିତା ପଣ୍ଡାଙ୍କ ନେତୃତ୍ୱରେ ଶ୍ରମିକ ମାନଙ୍କୁ ନେଇ ସଚେତନତା ରାଲି ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭୀଷ୍ମଦେବ ମାଝୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏପିଓ କେତନ ପଧାନ, ବିପିସି ଅଭୟ ପ୍ରଧାନ, ସାମାଜିକ ସମୀକ୍ଷକ ଉମାକାନ୍ତ ସାହୁ, ପଞ୍ଚାୟତ ଉନ୍ନୟନ ଅଧିକାରୀ କାର୍ତ୍ତିକେଶ୍ୱର ବେହେରା, ଗାଁ ରୋଜଗାର ସେବକ ରୀନା ସେଠ, ନାଏବ ସରପଞ୍ଚ ଉପେନ୍ଦ୍ର ବିଭାର, ସମସ୍ତ ୱାର୍ଡ ସଭ୍ୟ, ସଭ୍ୟା, ଗ୍ରାମ୍ୟ ସମ୍ବଳ ବ୍ୟକ୍ତି, ଗ୍ରାମ ସାଥି, ଶ୍ରମିକ ଅଂଶଗ୍ରହଣ କରିଥିଲେ। ମନରେଗା କାର୍ଯ୍ୟକ୍ରମର ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱ ସୁନିଶ୍ଚିତ କରିବା, ଶ୍ରମିକ ମାନେ କିଭଳି ଭାବେ ଅନ୍ୟରାଜ୍ୟକୁ ନ ଯାଇ ନିଜ ଗାଁରେ କାମ କରି ପରିବାର ପରିପୋଷଣ କରିବେ, କାମ ପାଇଁ ନିଜେ ସଚେତନ ହୋଇ ନିଜ ପଞ୍ଚାୟତରେ କାମ ମାଗିବେ ତଥା ଗାଁ ସଭାରେ ସାମିଲ ହେବେ ଏହି ସଚେତନତା ବାର୍ତ୍ତା ନେଇ ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି କଟାବାହାଲ ଗାଁରେ ରାଲି ହୋଇଥିଲା। କଟାବାହାଲ ପଞ୍ଚାୟତର ଶ୍ରମିକ ମାନେ କିଭଳି ଭାବେ ଅଧିକରୁ ଅଧିକ କାମ ପାଇ ପାରିବେ ସେଥିପ୍ରତି ଦୃଷ୍ଟି ଦେବା ପାଇଁ ବିଡିଓ ମହାଶୟଙ୍କୁ ସରପଞ୍ଚ ଅର୍ପିତା ପଣ୍ଡା ଅନୁରୋଧ କରିଥିଲେ।

# ରାଗିଂ ବିରୋଧୀ ସପ୍ତାହ ଉଦ୍‌ଯାପିତ

ପଦ୍ମପୁର,୧୮।୮ (ସମିସ): ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ସମ୍ମେଳନ କକ୍ଷରେ ଅଧ୍ୟକ୍ଷ ଖଗେଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ ଜାତୀୟ ରାଗିଂ ବିରୋଧୀ ସପ୍ତାହର ଉଦ୍‌ଯାପନୀ ଉତ୍ସବ ପାଳିତ ହୋଇଛି। ଶ୍ରୀ ଦାଶ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ଜାତୀୟ ରାଗିଂ ବିରୋଧୀ ସପ୍ତାହ ପାଳନର ଉଦ୍ଦେଶ୍ୟଗୁଡିକ ଉପରେ ଆଲୋକପାତ କରିଥିଲେ। କଲେଜର ରାଗିଂ ବିରୋଧୀ ସେଲର ମୁଖ୍ୟ ସନ୍ତୋଷ ମିଶ୍ର କାର୍ଯକ୍ରମର ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ଆଡଭୋକେଟ୍ ଦିପ୍ତିମୟୀ ଶତପଥୀ ଯୋଗ ଦେଇ ରାଗିଂରେ ସଂପୃକ୍ତ ଥିବା ନୀତି, ନିୟମ ତଥା ସାମ୍ବିଧାନିକ ଆଇନ ବିଷୟରେ ଆଲୋକପାତ କରିଥିଲେ। ରାଗିଂ କିପରି ସମସ୍ୟା ସୃଷ୍ଟି କରେ ଏବଂ ଏହାକୁ ରୋକିବା ପାଇଁ ପରାମର୍ଶ ଦେଇଥିଲେ। ଆନ୍ତରିକ ଅଭିଯୋଗ କମିଟିର ମୁଖ୍ୟ ଝୁନୁ ପରିଡା ରାଗିଂକୁ ରୋକିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶକ୍ତିଶ୍ରୀ ସଂଯୋଜିକ ଶର୍ମିଳା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ସମସ୍ତେ ଆଣ୍ଟିରାଗିଂ ଶପଥ ପାଠ କରିଥିଲେ ଏବଂ ଏହା ପାଇଁ ଏକ ରାଲି ମଧ୍ୟ ଅନୁଷ୍ଠିତ ହେଇଥିଲା। ପ୍ରଭାତ ମହାପାତ୍ର, ତାରା ପ୍ରସାଦ ଶତପଥୀ, ନବକୃଷ୍ଣ ମିଶ୍ର, ପ୍ରମୋଦ ତ୍ରିପାଠୀ, ପ୍ରମୋଦ ପାନିଗ୍ରାହି, ପୂର୍ଣ୍ଣିମା ଦୋରା, ବୁନି ସାହୁଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା, ପ୍ରଧ୍ୟାପକ ପ୍ରଧ୍ୟାପିକା ଏବଂ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ପ୍ରଥମ ପଶ୍ଚିମ ଓଡ଼ିଶା ଏୟାର ୱେପନ ଓପନ ସୁଟିଂ ଚାମ୍ପିଅନସିପ୍



ପଦ୍ମପୁର,୧୮।୮ (ସମିସ): ପ୍ରଥମ ପଶ୍ଚିମ ଓଡ଼ିଶା ଏୟାର ୱେପନ ଓପନ ଶୁଟିଂ ଚାମ୍ପିଅନସିପ୍ ୨୦୨୫ ଅଗଷ୍ଟ ୧୫ ରୁ ୧୭ତାରିଖ ଯାଏଁ ଝାରସୁଗୁଡା ସୁଟିଂ ସ୍ପୋର୍ଟ୍ସ ଓ ସମ୍ବଲପୁର ରାଇଫଲ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ବଲାଙ୍ଗିରର ରାଜେନ୍ଦ୍ର ନାରାୟଣ ସିଂ ଦେଓ ଶୁଟିଂ କ୍ଲବ୍‌ରୁ ୧୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୦ ମିଟର ପୁରୁଷ ସିନିଅର ବର୍ଗରେ ଜାମଖାରି ପଦ୍ମପୁରର ସୁଜିତ ବିଶ୍ୱାଲ ପ୍ରଥମ, ୧୦ ମିଟର ଜୁନିୟର ବର୍ଗରେ ବେଲପାହାଡର ଶୁଭମ ଅଗ୍ରୱାଲ ଦ୍ୱିତୀୟ ଓ ଜୁନାଗଡର ବିଶ୍ୱଜିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

# ଗାଁର ଧୂଳିରୁ ଜାତୀୟସ୍ତରର ଫୁଟ୍‌ବଲର ସାଜିଲେ ସ୍ୱିଟି ଚେକ୍ରିଆ

ବରପାଲି,୧୮।୮ (ସମିସ):



ବରପାଲି ବ୍ଲକ୍ କଦଲିପାଲି ଗାଁର ସ୍ୱିଟି ଚେକ୍ରିଆ ଓଡ଼ିଶା ସବ ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିଅନ ଖେଳାଳି ଭାବେ ଆସାମରେ ପାଦ ଥାପିଛନ୍ତି। ଗାଁସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ ସ୍ୱିଟି ନିଜ ଏକାଗ୍ରତା ଓ ପରିଶ୍ରମ ବଳରେ ସଫଳତାର ପାହାଚ ଚଢ଼ିବାକୁ ସମର୍ଥ ହୋଇଛନ୍ତି। ବରପାଲି ଅଞ୍ଚଳ ତଥା ବରଗଡ଼ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ସ୍ୱିଟିଙ୍କ ବାପା ଦେଶାନ୍ତର ଚେକ୍ରିଆ ଜଣେ ସରଳ ଚାଷୀ ହୋଇଥିବା ବେଳେ ମାଆ ପୁଷ୍ପବତୀ ଚେକ୍ରିଆ। ସାଧାରଣ ପରିବାରରୁ ଆସିଥିବା ସ୍ୱିଟି ନିଜ ପ୍ରତିଭା ବଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ବର୍ତ୍ତମାନ ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ସ୍ୱିଟି ଗାଁ ପଡିଆରେ ଖେଳ ଶିକ୍ଷକ ସମ୍ପୂର୍ଣ୍ଣ ଭୋଇଙ୍କ ତତ୍ତ୍ୱାବଧାନରେ ପ୍ରତିଦିନ ଅଭ୍ୟାସ ଜାରି ରଖି ଆସିଛନ୍ତି। ପଞ୍ଚମ ଶ୍ରେଣୀରେ ପଢ଼ିବା ବେଳଠୁ ତାଙ୍କର ଫୁଟବଲ୍ ପ୍ରତି ଆଗ୍ରହ ଦେଖା ଦେଇଥିଲା। ଦୈନିକ ପ୍ରଶିକ୍ଷଣ, ପରିଶ୍ରମ, ଆଗ୍ରହ ଓ ଇଚ୍ଛାଶକ୍ତି ତାଙ୍କୁ ଆଜି ଉଚ୍ଚ ସ୍ଥାନରେ ପହଞ୍ଚିବାରେ ସହାୟକ ହୋଇଛି। କୋଚ ଶ୍ରୀ ଭୋଇଙ୍କ ଅବଦାନ ପ୍ରଶିକ୍ଷଣ ଓ ପ୍ରେରଣା ସ୍ୱିଟିଙ୍କ ପାଇଁ ଆଶୀର୍ବାଦ ହୋଇଛି। ବର୍ତ୍ତମାନ ସୁଦ୍ଧା ୬୦ ଜଣ ରାଜ୍ୟ ସ୍ତରରେ, ୧୨ ଜଣ ଜାତୀୟ ସ୍ତରରେ ଓ ଜଣେ ନିକିତା ବିଶି ଅର୍ନ୍ତଜାତୀୟ ସ୍ତରରେ ଖେଳିବାର ସୁଯୋଗ ପାଇ ବରପାଲି ମାଟିର ଗରିମାକୁ ବୃଦ୍ଧି କରିଛନ୍ତି। ତେବେ ରାଜ୍ୟ, ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ଖେଳୁଥିବା ଏହି ମହିଳା ଖେଳାଳି ମାନଙ୍କ ପ୍ରତିଦିନ ଫୁଟବଲ ଅଭ୍ୟାସ କରୁଥିବା ପଡିଆଟି ଅବ୍ୟବସ୍ଥା ଘେର ମଧ୍ୟରେ ପଡିରହିଛି। ସରକାରୀ ସ୍ତରରେ କ୍ରୀଡା ବିଭାଗ ପକ୍ଷରୁ ଖେଳାଳି ଓ ଖେଳ ପଡିଆର ବିକାଶ ଦିଗରେ ପାଣିପରି ଲକ୍ଷଲକ୍ଷ ଅର୍ଥ ଖର୍ଚ୍ଚ ହେଉଛି। ମାତ୍ର କଦଲିପାଲି ମହିଳା ଖେଳପଡିଆ ସହ ଏହି ନାମକରା ମହିଳା ଖେଳାଳି ମାନଙ୍କ ପ୍ରଶିକ୍ଷଣ ବ୍ୟବସ୍ଥା ପ୍ରତି କ୍ରୀଡା ବିଭାଗ ଅଣଦେଖା କରୁଥିବା ନେଇ ଅଞ୍ଚଳର ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି।

## ବଡ଼ଗାଁ ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ରାଉରକେଲା, ୧୮।୮(ସମିସ): ବଡ଼ଗାଁ ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୧୩୫ଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୭୯ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୪୮ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକମଧ୍ୟରୁ ୧୩ ଟି ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୭ଟି ଆବେଦନ ରହିଥିଲା ଏବଂ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ୍ ସାହୁ, ବଡ଼ଗାଁ ବ୍ଲକ ଅଧ୍ୟକ୍ଷା, ସଦର ଉପଜିଲ୍ଲାପାଳ ତେଜସ୍ୱନୀ ବେହେରା, ଆଇଏଏସ ଶିକ୍ଷାନବିଶ ଫାବି ରସିଦ, ଡେପୁଟି କଲେକ୍ଟର ( ଜନ ଅଭିଯୋଗ) ଅଶ୍ୱନୀ ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ସିଆଇଟିୟୁର ବିକ୍ଷୋଭକୁ ସ୍ଥାନୀୟଲୋକଙ୍କ ବିରୋଧ

# ସ୍ଥାନୀୟ ନିଯୁକ୍ତି ନହେବା ଯାଏଁ ଜାରି ରହିବ ଗଣଧାରଣା

କୋଇଡ଼ା, ୧୮।୮(ସମିସ)



କୋଇଡ଼ା ଖଣିମଣ୍ଡଳ ଅଧୀନସ୍ଥ କୋଇଡା ଲୌହଖଣି ପୂର୍ବରୁ ଏସେଲ୍‌ଫ ମାଇନିଂ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଅଧୀନରେ ପରିଚାଳିତ ଥିଲା। ଲିଜ୍ ଅବଧି ଶେଷପରେ ନୂତନ ଖଣି ନିଲାମ୍ ପ୍ରକ୍ରିୟାରେ ଜିଭିପିଆର୍ ଇଞ୍ଜିନିୟରିଂ ଲିମିଟେଡ୍ ନାମକ କମ୍ପାନୀ ଖଣି ହାତେଇ ଗତ ୭ ତାରିଖରେ ଖଣି ପୂଜନ ସହ କାର୍ଯ୍ୟ ଆରମ୍ଭ କରିଥିଲା। ଖଣି ଖୋଲିବା ନେଇ ପୂର୍ବରୁ କାର୍ଯ୍ୟରତ ଶ୍ରମିକ ସମୂହ ନିଯୁକ୍ତି ଦାବି କରି ଆସୁଥିଲେ। ସ୍ଥାନୀୟ ଲୋକଙ୍କୁ ଯଥାଶୀଘ୍ର ନିଯୁକ୍ତି ପ୍ରଦାନ ନେଇ ଆଜି ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିପିଆଇଏମ୍ ରାଜ୍ୟକମିଟି ସମ୍ପାଦକ ପ୍ରଭାତ ପଣ୍ଡା, କୋଇଡା ଜିଲ୍ଲା ପରିଷଦ ସଦସ୍ୟା ସୁଶୀଳା ମୁଣ୍ଡା, ବହୁଟି ପଞ୍ଚାୟତ ସରପଞ୍ଚଙ୍କ ସମେତ ହଜାର ହଜାର ସିଆଇଟିୟୁ କର୍ମୀ କୋଇଡା ପଞ୍ଚାୟତ ବାଲିଜୁଡି ଠାରୁ ଜିଭିପିଆର୍ ଖଣି ଗେଟ୍ ସମ୍ମୁଖରେ ରାଲିରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ବହୁ ସ୍ଥାନୀୟ କାଦୋଡିହା, ବାଲିଯୁଡି, ନୂଆଗାଁ ଗ୍ରାମର ମହିଳା ପୁରୁଷ ତାଙ୍କ ସମ୍ମୁଖରେ ଛିଡ଼ା ହୋଇ ରହିଥିଲେ। କ୍ଷଣକ ମଧ୍ୟରେ କଥା କଟାକଟି ହୋଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇ ଠେଲାପେଲା ହୋଇଥିଲା। ଖୋଦ୍ ବଣାଇଁ ଉପଖଣ୍ଡ ପୁଲିସ୍ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ ଓ ସୁରକ୍ଷାରେ ଥିବା କୋଇଡା ସମେତ ଅନ୍ୟ ଥାନା ଅଧିକାରୀ, ନିୟୋଜିତ ସୁରକ୍ଷାବାହିନୀ ଉଭୟ ଗୋଷ୍ଠୀଙ୍କୁ ବୁଝାଇବା ପାଇଁ ଚେଷ୍ଟା କରଥିଲେ। ଦିନ ତମାମ୍‌ର ଖଣ୍ଡଯୁଦ୍ଧ ପରେ ସ୍ଥାନୀୟ ମହିଳା ପୁରୁଷମାନେ ଥାନାର ଦ୍ୱାରସ୍ଥ ହୋଇ ବିଧାୟକ ଓ କର୍ମୀଙ୍କ ବିରୋଧରେ ଏତଲା ଦେଇଥିଲେ। ଅନ୍ୟପଟେ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ହଜାର ହଜାର କର୍ମୀ ଖଣି ଗେଟ୍ ସମ୍ମୁଖରେ ପ୍ରତିବାଦ୍ ସହ ଗଣଧାରଣା ଜାରି ରଖିଛନ୍ତି। ବର୍ତ୍ତମାନ ଖଣି ଖୋଲିଲେ ଆଉ ସ୍ଥାନୀୟ ନିଯୁକ୍ତି କରୁନାହାନ୍ତି ସେଥିପାଇଁ ଯେତେ ପର୍ଯ୍ୟନ୍ତ ଆମ ନିଯୁକ୍ତି ଦାବିପୂରଣ ବା କମ୍ପାନୀ ସହ ଚୁକ୍ତିନାମା ନ ହେଇଛି ସେତେ ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ ବୋଲି ବିଧାୟକ ପ୍ରକାଶ କରିଥିଲେ।

## ଦିପାଳୀ ସାହୁ ମୃତ୍ୟୁ ଘଟଣା: ନ୍ୟାୟ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା




କୁତ୍ରା, ୧୮।୮(ସମିସ): ସୁନ୍ଦରଗଡ଼ ଜିଲ୍ଲା ଅଧୀନ କୁତ୍ରା ବାସିନ୍ଦା ଅଶୋକ ସାହୁଙ୍କ ଝିଅ ଦିପାଳୀ ସାହୁ ଗତ ୧୩ ତାରିଖରେ ନିଜ ଶଶୁରଘର ରାୟପୁରର ମୋତିନଗରଠାରେ ମୃତ୍ୟୁ ବରଣ କରିଥିଲେ। ଏହି ମୃତ୍ୟୁ ଘଟଣାକୁ ଦିପାଳୀଙ୍କ ଶଶୁର ଘର ଲୋକେ ଆତ୍ମହତ୍ୟା କହୁଥିବା ବେଳେ ବାପା ଅଶୋକ ସାହୁଙ୍କ ପରିବାର ପକ୍ଷରୁ ଦିପାଳୀଙ୍କୁ ତାଙ୍କ ସ୍ୱାମୀ ଅଙ୍କିତ ଗୁପ୍ତା ଓ ତାଙ୍କ ପରିବାର ସଦସ୍ୟ ମିଶି ହତ୍ୟା କରିଥିବାନେଇ ରାୟପୁରର ଟିକ୍ରାପଡ଼ା ଥାନାରେ ଅଭିଯୋଗ କରାଯାଇଛି। ଘଟଣାକୁ ନେଇ ସୋମବାର ସନ୍ଧ୍ୟାରେ ଦୀପାଳୀଙ୍କୁ ନ୍ୟାୟ ପ୍ରଦାନ ତଥା ଅଭିଯୁକ୍ତ ଅଙ୍କିତ ଗୁପ୍ତା ଓ ତାଙ୍କ ପରିବାର ସଦସ୍ୟଙ୍କୁ ଗିରଫ ଦାବିରେ ଅଶୋକଙ୍କ ଘରୁ ଶତାଧିକ ପରିବାର ସଦସ୍ୟ, ଗ୍ରାମବାସୀ ଓ ସ୍ୱେଚ୍ଛାସେବୀ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ।

ସୂଚନା ଅନୁସାରେ ଦୀପାଳୀ ସାହୁ(୨୮) ଗତବର୍ଷ ନଭେମ୍ବର ମାସ ୨୨ ତାରିଖରେ ରାୟପୁର ଟିକ୍ରାପଡ଼ା ଥାନା ଅଧୀନ ମୋତିନଗରର ରାମକୁମାର ଗୁପ୍ତାଙ୍କ ପୁଅ ଅଙ୍କିତ ଗୁପ୍ତାଙ୍କୁ ବିବାହ କରିଥିଲେ। ଗତ ୧୩ ତାରିଖ ସକାଳ ପ୍ରାୟ ସାଢେ ୯ ଟା ସମୟରେ ଅଶୋକ ସାହୁଙ୍କ ନିକଟକୁ ଦିପାଳୀ ମୃତ୍ୟୁବରଣ କରିଥିବା ନେଇ ଫୋନ ଆସିଥିଲା। ସଙ୍ଗେସଙ୍ଗେ କୁତ୍ରାରୁ ଅଶୋକ ସାହୁଙ୍କ ପରିବାରର ପ୍ରାୟ ୩୦ ଜଣ ସଦସ୍ୟ ରାୟପୁର ଯାଇ ପହଞ୍ଚିଥିଲେ। ସେଠାରେ ପହଞ୍ଚିବା ପରେ ସମସ୍ତ ପରିସ୍ଥିତିକୁ ନିରୀକ୍ଷଣ କରିବା ପରେ ତଥା ଦିପାଳୀଙ୍କୁ ପୂର୍ବରୁ ତାଙ୍କ ଶଶୁର ଘର ପକ୍ଷରୁ ଦିଆଯାଉଥିବା ଯୌତୁକ ନିର୍ଯାତନା ଯୋଗୁଁ ଟିକ୍ରାପଡ଼ା ଥାନାରେ ଅଙ୍କିତ ଗୁପ୍ତା ଓ ତାଙ୍କ ପରିବାର ବିରୋଧରେ ଦିପାଳୀଙ୍କୁ ହତ୍ୟା କରାଯାଉଥିବା ଅଭିଯୋଗ କରଯାଇଥିଲା। ସେଠାରେ ଦୀପାଳୀଙ୍କ ଶବ ବ୍ୟବଚ୍ଛେଦ ପରେ କୁତ୍ରାକୁ ଶବ ଅଣାଯାଇ ୧୫ ତାରିଖରେ ବେଦବ୍ୟାସଠାରେ ଶବ ସତ୍କାର କରଯାଇଥିଲା। ସୋମବାର ସନ୍ଧ୍ୟାରେ ଦୀପାଳୀଙ୍କୁ ନ୍ୟାୟ ତଥା ଅଭିଯୁକ୍ତ ଅଙ୍କିତ ଗୁପ୍ତାଙ୍କ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଗିରଫ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ କରାଯାଇଥିଲା।

## ପଶ୍ଚିମବଙ୍ଗର ଔଷଧ ବିକାଳି ଗିରଫ




ବଣାଇଁ, ୧୮।୮(ସମିସ): ବଣାଇଁ ଉପଖଣ୍ଡ ଲହୁଣୀପଡ଼ାର ବ୍ରାହ୍ମଣସାହିରେ ସୋମବାର ଗ୍ରାମବାସୀଙ୍କ ଦ୍ୱାରା ଏକ ଠକ ଔଷଧ ବିକାଳି ଧରାପଡ଼ିଛି। ସେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲ୍ଲାର ହୁମାୟୁନ ଶେଖ ବୋଲି ପରିଚୟ ଦେଇଥିଲା। ତାକୁ ଗ୍ରାମବାସୀଙ୍କ ସହାୟତାରେ ଲହୁଣୀପଡ଼ା ପୁଲିସକୁ ହସ୍ତାନ୍ତର କରାଯାଇଛି। ହୁମାୟୁନ ଶେଖ୍ ବିନା କୌଣସି ଫାର୍ମାସୀ ଲାଇସେନ୍ସରେ ଅନେକ ପ୍ରକାରର ଏଲୋପାଥି ଓ ଆୟୁର୍ବେଦିକ ଔଷଧ ବିକୁଥିଲା। ତା'ର କହିବାନୁଯାୟୀ, ସେ ଲହୁଣୀପଡ଼ା ଓ ଆଖପାଖ ଅଞ୍ଚଳରେ ପ୍ରାୟ ୧୦ ବର୍ଷରୁ ଅଧିକ ସମୟ ଧରି ଏହି ବ୍ୟବସାୟ କରିଆସୁଛି ଏବଂ ବର୍ତ୍ତମାନ ସେ ବ୍ରାହ୍ମଣ ସାହିରେ ଏକ ଭଡ଼ା ଘରେ ଆଉ କିଛି ବଙ୍ଗାଳି ବ୍ୟବସାୟୀ ମାନଙ୍କ ସହିତ ରହୁଛି ବୋଲି ପୁଲିସ ସମ୍ମୁଖରେ ପ୍ରକାଶ କରିଛି। ସେ ବିକ୍ରି କରୁଥିବା ଔଷଧ ମଧ୍ୟରେ ଅନେକ ଏକ୍ସପାରି ମେଡିସିନ୍ ରଖିଥିବା କଥା ଲୋକେ ପୁଲିସ ସମ୍ମୁଖରେ ପ୍ରକାଶ କରିଥିଲେ ଏବଂ ଏକ୍ସପାରି ମେଡିସିନ୍ ଗୁଡ଼ିକୁ ମଧ ପୁଲିସକୁ ହସ୍ତାନ୍ତର କରାଯାଇଥିଲା। ଉଭୟ ଏଲୋପାଥି ଓ ଅନ୍ୟ ମେଡିସିନକୁ କୌଣସି ଫାର୍ମାସୀ ଲାଇସେନ୍ସ ବିନା ଅବୈଧ ଭାବରେ ବିକ୍ରି କରୁଥିବା ଯୋଗୁଁ ହୁମାୟୁନ ଶେଖ୍ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରାମବାସୀ ପୁଲିସକୁ ଗୁହାରି କରିଥିଲେ।

ସୂଚନାଯୋଗ୍ୟ ଯେ, ଏକ ବାଇକ୍‌ରେ ବିଭିନ୍ନ ସ୍ଥାନରେ ବୁଲି ବୁଲି ଔଷଧ ବିକିଥାଏ। ପୁଲିସ ଯାଞ୍ଚରୁ ଜଣାପଡ଼ିଛି ଉକ୍ତ ବାଇକ୍‌ଟିର ମାଲିକ କୁର୍ଡା ଗ୍ରାମର ଜଣେ ବ୍ୟକ୍ତିଙ୍କରା ତେଣୁ ବାଇକ୍ ଟି ଚୋରା ଗାଡ଼ି ମଧ ହେଇପାରେ ବୋଲି ସନ୍ଦେହ କରାଯାଉଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଲହୁଣୀପଡ଼ା ପୁଲିସ ଅଭିଯୁକ୍ତ ହୁମାୟୁନ ଶେଖ୍ କୁ ଅଟକ ରଖି ପଚରାଉଚରା କରିବା ସହିତ ଏହି କାର୍ଯ୍ୟରେ ବ୍ୟବହୃତ ବାଇକକୁ ମଧ ଜବତ୍ କରିଥିବାର ଜଣାପଡ଼ିଛି। ଏହାଛଡା ଲହୁଣୀପଡ଼ା ଅଞ୍ଚଳରେ ଥିବା ସମସ୍ତ ଅବୈଧ ବଙ୍ଗାଳି ଔଷଧ ବିକାଳି ମାନଙ୍କୁ ଖୋଜି ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ ରଖିଥିଲେ।

## ଟ୍ରକ୍ ଏବଂ ଟିପ୍ପର ମାଲିକ ସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

କୋଇଡ଼ା, ୧୮।୮(ସମିସ): କୋଇଡ଼ା ଟ୍ରକ୍ ଏବଂ ଟିପ୍ପର ମାଲିକ ସଂଘର ନୂତନ କାର୍ଯ୍ୟାଳୟ ସ୍ଥାନୀୟ ତେହେରାଇ ଛକ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏଥିସହ ସଂଘ ପକ୍ଷରୁ ଦୁର୍ଗମ ଅଞ୍ଚଳବାସୀଙ୍କ ପାଇଁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହାୟତାରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ସହ ଔଷଧ ବଣ୍ଟନ କରାଯାଇଥିଲା। ପରେ ସଂଘପକ୍ଷରୁ ଶତାଧିକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ରଞ୍ଜନ କୁମାର ବାରିକ, ଉପସଭାପତି କାଜଲ ବେହେରା, ସମ୍ପାଦକ ପ୍ରଫୁଲ୍ଲ ବାରିକ, ଯୁଗ୍ମ ସମ୍ପାଦକ ପାଣ୍ଡୁ ମୁଣ୍ଡା, କୋଷାଧ୍ୟକ୍ଷ ବିଜୟ ଦେହୁରୀ, ସଦସ୍ୟ ଜଗନ୍ନାଥ ବାରିକ, ପୁର୍ଣ୍ଣଚନ୍ଦ୍ର ବାରିକ, ବଲ୍ଲଭ ମହାକୁଡ଼, ଜିତୁ ପଲେଇ, ଦିଲୀପ ପାତ୍ର, ଆନନ୍ଦ ବାରିକ, ପରମେଶ୍ୱର ବାରିକ, କୁମୁଦ ବାରିକ, ଗଗନ ବେହେରା, ପ୍ରମୋଦ ପଲେଇ, ଅମିତ ବାରିକ, ଚକ୍ର ବାରିକ, ବିପିନ ମହାକୁଡ଼, ଠୁଲୁ ବାରିକ, ଚୌଧୁରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଡିଏଭି ପବ୍ଲିକ୍ ସ୍କୁଲରେ ସ୍ୱାଧୀନତା ଦିବସ ପାଳିତ



ରାଉରକେଲା, ୧୮।୮(ସମିସ): ବାସନ୍ତୀ ନଗର ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ଲୋକନାଥ ପ୍ରଧାନ ମୁଖ୍ୟଅତିଥି ଓ ଏନ୍‌ଆଇଟି ରାଉରକେଲାର ପ୍ରଫେସର ସରୋଜ କୁମାର ପଟେଲ ଯୋଗଦାନ କରିଥିଲେ। ଏଥିସହିତ ବିଦ୍ୟାଳୟର ଏଲ୍‌ଏମ୍‌ସି ସଭ୍ୟ ଏସ୍‌କେ ଯୋଶୀ, ରାଜେଶ ମଲହୋତ୍ରା, ଡ. ସ୍ୱାତୀରେଖା ମହାନ୍ତି, ମାନସୀ ପ୍ରଧାନ ମଧ ମଞ୍ଚରେ ଅଧ୍ୟକ୍ଷଙ୍କ ସହିତ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଲୋକନାଥ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଏନ୍‌ସିସି, ସ୍କାଉଟ୍, ଗାଇଡ୍, ଏୟାର ଉଇଙ୍ଗସ୍, କବ୍, ବୁଲ୍ ବୁଲ୍ ଛାତ୍ର ଛାତ୍ରୀ ପାରେଡ କରିଥିଲେ। ବିଦ୍ୟାଳୟର ଚାରୋଟି ହାଉସର ଛାତ୍ରଛାତ୍ରୀ ମଧ ପରେଡରେ ଯୋଗଦେଇ ଥିଲେ। ୨୫୦ ଶିଶୁଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏହି ଅବସରରେ ପାକ୍ଷିକ ସମ୍ବାଦ ପତ୍ର 'ପରଖ' ଉନ୍ମୋଚନ ହେବା ସହ ସ୍ୱାଧୀନତା ଦିବସ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ଇଂରାଜୀ, ଓଡ଼ିଆ ତଥା ହିନ୍ଦୀରେ ବକ୍ତବ୍ୟ ପ୍ରଦାନ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ବିଜେତା ଛାତ୍ର ଛାତ୍ରୀଙ୍କ ସମ୍ବର୍ଦ୍ଧନା, ଛାତ୍ରଛାତ୍ରୀଙ୍କ ଦ୍ୱାରାମଞ୍ଚ ପରିଚାଳନା ଦିବସଟିକୁ ଉତ୍ସବ ମୁଖର କରିଥିଲା। ରାଜେଶ ମାଲହୋତ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା ଦାୟିତ୍ୱରେ ବିଦ୍ୟାଳୟର ସହ ସଂଯୋଜକ ବିଜୟ ମିଶ୍ର ସମ୍ପାଦନା କରିଥିଲେ।

### ଏଏନ୍‌କେ ଡିଏଭି ପବ୍ଲିକ୍ ସ୍କୁଲରେ କ୍ୟାରିଅର୍ ମେଳା



ରାଉରକେଲା, ୧୮।୮(ସମିସ): ସ୍ଥାନୀୟ ବାସନ୍ତୀ କଲୋନୀସ୍ଥିତ ଡ. ଏଏନକେ ଡିଏଭି ପବ୍ଲିକ୍ ସ୍କୁଲରେ କ୍ୟାରିଅର୍ କାଉନସେଲିଂ କ୍ଲବ୍ ଦ୍ୱାରା ଏକ ମେଗା କ୍ୟାରିଅର୍ ମେଳା ଆୟୋଜନ କରାଯାଇଥିଲା। ମେଳାକୁ ସ୍କୁଲର ଅଧ୍ୟକ୍ଷ ଲୋକନାଥ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏଥିରେ ୧୫ଟି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସ୍କୁଲ୍ ପର୍ଯ୍ୟବେକ୍ଷକ ବିଜୟ ମିଶ୍ର ଏବଂ ସ୍କୁଲ୍ କ୍ୟାରିଅର୍ କାଉନସେଲିଂ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଏନ୍‌ଆଇଟିରୁ ଚୋରି ଶକ୍ତିନଗରରୁ ଜବତ : ଜଣେ ଗିରଫ

ରାଉରକେଲା, ୧୮।୮(ସମିସ): ରାଉରକେଲା ଏନ୍‌ଆଇଟିର ମେନବିଲ୍ଡିଂ ଲାବୋରେଟରୀରୁ ଚୋରି ହୋଇଥିବା ଲାପ୍‌ଟପ୍, ହାର୍ଡ ଡିସ୍କକୁ ସେକ୍ଟର - ୩ ଥାନା ପୁଲିସ ଶକ୍ତିନଗରରୁ ଜବତ କରିବା ସହ ଏହି ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଯୁବକ ହେଉଛି ପ୍ରିୟଦର୍ଶନ ପତି(୩୫)। ସେ ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠା ଅଞ୍ଚଳର ମୂଳବାସୀନ୍ଦା ହୋଇଥିବାବେଳେ ରାଉରକେଲାର ସେକ୍ଟର - ୩ ଥାନା ଅନ୍ତର୍ଗତ ଶକ୍ତିନଗରର ହାଉସ ନମ୍ବର ଏସଇ/୭୯ ରେ ବାସ କରୁଥିଲେ।



ସୂଚନା ମୁତାବକ ଏନ୍‌ଆଇଟି ରାଉରକେଲାର ସିଭିଆର ରୁମ୍ ନମ୍ବର ଡି/୪୦୩ ରେ ବାସ କରୁଥିବା ତନୟା ସୁବୁଦ୍ଧି ମେନବିଲ୍ଡିଂ ଲାବୋରେଟରୀରେ ରଖିଥିବା ତାଙ୍କର ଲାପଟପ ଏବଂ ୨ଟି ହାର୍ଡ ଡିସ୍କକୁ କେହି ଚୋରି କରି ନେଇଥିଲେ ବୋଲି ଥାନାରେ ରିପୋର୍ଟ କରିଥିଲେ। ଯାହାର ମୋଟ ମୂଲ୍ୟ ୫୩ ହଜାର ଟଙ୍କା ହେବ ବୋଲି ସେ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଶକ୍ତିନଗରର ପ୍ରିୟଦର୍ଶନ ପତିଙ୍କ ଘରେ ଚଢ଼ଉ କରି ଚୋରି ଲାପ୍‌ଟପ୍ ଓ ହାର୍ଡ ଡିସ୍କକୁ ଜବତ କରିଥିଲେ। ଅଭିଯପକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ଧାମରା ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର

ରାଉରକେଲା, ୧୮।୮(ସମିସ)




ରାଉରକେଲା ସହରର ଅନ୍ୟତମ ପ୍ରମୁଖ ସାମାଜିକ ଓ ସାଂସ୍କୃତିକ ସଂଗଠନ ଧାମରା ସାହିତ୍ୟ ସଂସଦ ପକ୍ଷରୁ ବର୍ଷା କବିତା ଆସର ଆୟୋଜିତ ହୋଇଯାଇଛି। ଧାମରା ସଂଘର ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କବି ସୁଶାନ୍ତ କୁମାର ନାୟକଙ୍କ ପରିକଳ୍ପିତ 'ବର୍ଷା' ନିଜେ ଏକ କବିତା' ଶୀର୍ଷକ ଆୟୋଜିତ ବର୍ଷା କବିତା ଆସରରେ ସମ୍ମାନିତ ବକ୍ତାଭାବେ ଯୋଗ ଦେଇ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଇଂ ଅଭୟ ସୂତାର ବର୍ଷା ପ୍ରକୃତି ଓ ପ୍ରେମ ଚେତନାକୁ କେନ୍ଦ୍ରକରି ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ କବିତା ପ୍ରେମମୟ ଓ ଜୀବନ୍ତ ବୋଲି ମତ ଦେଇଥିଲେ। ରାଉରକେଲା ଭଳି ଏକ ଉପାନ୍ତ ଅଞ୍ଚଳରେ ଧାମରା ସଂଘର ଏଭଳି ସାହିତ୍ୟ କାର୍ଯ୍ୟକ୍ରମକୁ ସେ ପ୍ରଶଂସା କରି ସେ କହିଲେ ମେଘପ୍ରେମ ଓ ପ୍ରୀତିର ନିଦର୍ଶନ, ପ୍ରେମିକ ବା ପ୍ରେମିକା ନିଜ ମନରେ ଥିବା ଅକୁହା କଥାକୁ ମେଘ ମାଧ୍ୟମରେ ପରସ୍ପରକୁ ଜଣାଇଥାନ୍ତି। କିନ୍ତୁ ମେଘରୁ ସୃଷ୍ଟି ବର୍ଷା ପ୍ରେମୀ ଯୁଗଳଙ୍କ ହୃଦୟରେ ସବୁଜିମାର ସଞ୍ଜୀବନୀର ସ୍ପର୍ଶ ଭରିଦିଏ। ଆଷାଢ଼ ଆଣେ ଯୌବନ, ଶ୍ରାବଣ ଭରେ ସ୍ପନ୍ଦନ। ବର୍ଷା ପ୍ରକୃତି ଓ ଆଷାଢର ମେଘ ଘଡଘଡି ଓ ବିଜୁଳିର ସମ୍ଭାରକୁ ପାଥେୟ କରି ସଂସ୍କୃତ ସାହିତ୍ୟର ମହାକବି କାଳିଦାସଙ୍କ ବର୍ଷା ପ୍ରକୃତି ଓ ବିରହ ବ୍ୟଞ୍ଜନ ମହାକାବ୍ୟ ମେଘଦୂତମ୍ ଠାରୁ ଆରମ୍ଭ କରି ଓଡିଆ ସାହିତ୍ୟର ରସକଲ୍ଲୋଳର କବି ଦିନକୃଷ୍ଣ, ଗଙ୍ଗାଧର ମେହେର, ଉପେନ୍ଦ୍ର ଭଞ୍ଜ, ମଧୁସୂଦନ ରାଓ, ମାୟାଧର ମାନସିଂହ ସହ ଆଧୁନିକ ତଥା ଉତ୍ତର ଆଧୁନିକ କବିଙ୍କର କବିତାରେ ବର୍ଣିତ ବର୍ଷାର ପ୍ରକୃତି ହିଁ ପ୍ରମାଣ କରିଦିଏ ବର୍ଷା ହିଁ ଜୀବନର ଗୀତ ବୋଲି ସେ କହିଥିଲେ।

ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପବିତ୍ର ପାଣିଗ୍ରାହୀ 'ବର୍ଷା ନିଜେ ଏକ କବିତା' ଶୀର୍ଷକ ପରିକଳ୍ପନା କରିଥିବା କବି ସୁଶାନ୍ତ କୁମାର ନାୟକଙ୍କୁ ପ୍ରଶଂସା କରିଥିଲେ। ସଂଘର ସାଧାରଣ ସମ୍ପାଦକ ଭଗବାନ ରାଉତ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଆଗକୁ ଏହିଭଳି କବିତା ଆସର ଆହୁରି କିପରି ଆକର୍ଷଣୀୟ ହୋଇ ପାରିବ ତାହା ପ୍ରକାଶ କରିଥିଲେ। ସହ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସାହିତ୍ୟ ସମ୍ପାଦିକା ନିରୁପମା ପତି ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଗୁରୁ ଜ୍ୟୋତିର୍ମୟ ଆଚାର୍ଯ୍ୟ ଓ ସାଥିମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ଏହି ଅବସରରେ ପବିତ୍ର ପାଣିଗ୍ରାହୀଙ୍କୁ ଧାମରା ଶିଳ୍ପୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀଙ୍କ ସଭାପତିତ୍ୱ ଓ ବିଶିଷ୍ଟ ସଂଗଠିକା ସଂଯୁକ୍ତା ବଳନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କବୀ କନକ ଲତା ମିଶ୍ର, ହରପ୍ରିୟା ସାମଲ, ସବିତା ପରିଡ଼ାଙ୍କ ସଂଯୋଜନାରେ କବି ତ୍ରିଲୋଚନ ସ୍ୱାଇଁ, ଉପେନ୍ଦ୍ର ବସ୍ତିଆ, ଦିବାକର ଦାଶ, ସଞ୍ଜୀବ୍ ଭୋଇ, କାଶୀନାଥ ନନ୍ଦୀ, ବଳରାମ ରାଉଳ, ସୁସ୍ମିତା ମହାପାତ୍ର, ରଘୁବର ଧଳ, ରାଜୀବ ପାଣି, ବାସନ୍ତୀ ପ୍ରୁଷେଠ୍, ପ୍ରତାପ ପଣ୍ଡା, ମିନକେତନ ପଶାୟତ, ବ୍ରଜେନ୍ଦ୍ର ଦାଶ, ଗୌତମ ଦାସ, ନିକୁଞ୍ଜ ବିହାରୀ ଦାଶ, ବସନ୍ତ ବିଶ୍ୱକର୍ମା, କୁଞ୍ଜ ବିହାରୀ ରାଉତ, ଦେବେନ୍ଦ୍ର କୁମାର ବଳ, ନିରୁପମା ପତି, ମୀରା ମଲ୍ଲିକ୍, ପ୍ରଶାନ୍ତ ମେହେର୍ ଆଦି ୪୨ ଜଣ କବି କବିତା ପାଠ କରିଥିଲେ। ଅନ୍ୟପକ୍ଷରେ ନିରୁପମା ନାୟକ, ବଳରାମ ମଲ୍ଲିକ୍, ସସ୍ମିତା ପ୍ରଧାନ, ମନୋଜ କୁମାର ନନ୍ଦ, ବ୍ରଜକିଶୋର ପାଣି, ସୂର୍ଯ୍ୟପଣ୍ଡା ସହଯୋଗ କରିଥିଲେ। ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।


## ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ କାରାଦଣ୍ଡାଦେଶ

ରାଉରକେଲା, ୧୮।୮(ସମିସ): ସୁନ୍ଦରଗଡ଼ ସ୍ୱତନ୍ତ୍ର ପସ୍କୋ କୋର୍ଟ ୨୦୨୦ କିଞ୍ଜିରିକେଲା ଥାନା ଅଞ୍ଚଳର ଜଣେ ନାବିଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଅଭିଯୁକ୍ତ ମାଧବ ଲାକ୍ରାକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହ ୩୦ ହଜାର ଜରିମାନା ଏବଂ ଜରିମାନା ଅନାଦାୟ କଲେ ଆହୁରି ୧ବର୍ଷ ଜେଲ ଦଣ୍ଡ ଆଦେଶ ଦେଇଛନ୍ତି। ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

## କୋଏଲନଗର ଡି. ବ୍ଲକ୍ ଦୁର୍ଗାପୂଜା ପୂର୍ଣ୍ଣାଙ୍ଗ କମିଟି ଗଠିତ

ରାଉରକେଲା, ୧୮।୮(ସମିସ): ଚଳିତବର୍ଷର ସାର୍ବଜନୀନ ଦୁର୍ଗାପୂଜା ପାଳନ ନିମନ୍ତେ କୋଏଲନଗର ଡି ବ୍ଲକ ଦୁର୍ଗାପୂଜାର ପୂର୍ଣ୍ଣାଙ୍ଗ କମିଟି ଗଠିତ ହୋଇଯାଇଛି। ଏହି ମର୍ମରେ ଆୟୋଜିତ ବୈଠକରେ ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ବିଗତବର୍ଷର ଆୟବ୍ୟୟ ଉପସ୍ଥାପନା କରାଯାଇଥିଲା ବେଳେ ଚଳିତବର୍ଷର ପୂର୍ଣ୍ଣାଙ୍ଗ କମିଟି ଗଠିତ ହୋଇଥିଲା। ମୁଖ୍ୟ ସଂଯୋଜକ ଭାବେ ଦିଲୀପ କୁମାର ମହାନ୍ତି ଓ ସଂଯୋଜକ ଭାବେ ନରେଶ ସ୍ୱାଇଁ, ଜ୍ୟୋସ୍ନାରାଣୀ ଦାଶ, ମନୋରମା ବେହେରାଙ୍କୁ ମନୋନୀତ କରାଯାଇଥିଲା। ସେହିଭଳି ସଭାପତି ଭାବେ ଦେବେନ୍ଦ୍ର ନାଥ ନାୟକ ଓ କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ରଥଙ୍କୁ ମନୋନୀତ କରାଯାଇଛି। ଉପସଭାପତି ଭାବେ ଦିଲୀପ କୁମାର ପୁହାଣ, ସୁଭେନ୍ଦୁ ଧଳ, ଦୀପକ କୁମାର ମହାନ୍ତି, ପ୍ରଣୟ ପାଣିଗ୍ରାହୀ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ସାଧାରଣ ସମ୍ପାଦକ ଭାବେ ଜୟଶ୍ରୀ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଥିଲା। କୋଷାଧ୍ୟକ୍ଷ ଭାବେ ଉମେଶ ପ୍ରସାଦ ଓ ସହସମ୍ପାଦକ ଭାବେ ଅଙ୍କିତ କୁମାର ବର୍ମା, ସୁଶୀଲ ସାହୁ, ବୁଦ୍ଧରାମ ବଡ଼ାଇକ ଓ ନବରଙ୍ଗ୍ ଛତ୍ରୀଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଉକ୍ତ ବୈଠକରେ କୋଏଲନଗର ଡି ବ୍ଲକ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବରିଷ୍ଠ, ମହିଳା ଓ ଯୁବକ ଯୋଗ ଦେଇଥିଲେ।

# ଜୟଶଙ୍କରଙ୍କୁ ଭେଟିଲେ ଚୀନ୍ ବିଦେଶ ମନ୍ତ୍ରୀ



ନୂଆଦିଲ୍ଲୀ, ୧୮ ।୮ (ଏଜେନ୍ସି): ଆମେରିକାର ଶୁଳ୍କ ଧମକ ମଧ୍ୟରେ ଚୀନ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ସୋମବାର ଭାରତ ଗସ୍ତରେ ଆସିଛନ୍ତି । ସେ ନୂଆଦିଲ୍ଲୀରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଭେଟିଛନ୍ତି । ଉଭୟେ ସୀମା ବିବାଦ, ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ନେଇ ଚର୍ଚ୍ଚା କରିଥିଲେ । ଜୟଶଙ୍କର କହିଥିଲେ ଯେ ଦୁଇ ଦେଶର ସମ୍ବନ୍ଧ ପାରସ୍ପରିକ ସମ୍ମାନ, ସ୍ୱାର୍ଥ ଏବଂ ସମ୍ବେଦନଶୀଳତା ଉପରେ ଆଧାରିତ ହେବା ଉଚିତ । ରାଷ୍ଟ୍ର ମଧ୍ୟରେ ଥିବା ମତପାର୍ଥକ୍ୟକୁ ବିବାଦର ରୂପ ଦିଆଯିବା ଉଚିତ ନୁହେଁ । । ଦୁଇଦେଶର ସମ୍ପର୍କ ଖରାପ ସମୟ ଦେଇ ଗତି କରିଥିଲା । ଏବେ ଆଗକୁ ବଢ଼ିବାର ସମୟ ଆସିଯାଇଛି । ଏଥିପାଇଁ ଉଭୟ ପକ୍ଷରୁ ସ୍ପଷ୍ଟ ଏବଂ ଗଠନମୂଳକ ଆଭିମୁଖ୍ୟର ଆବଶ୍ୟକତା ରହିଛି । ଆତଙ୍କବାଦକୁ ନେଇ ମଧ୍ୟ ଜୟଶଙ୍କର ଚିନ୍ତା ପ୍ରକଟ କରିଥିଲେ । ସମସ୍ତ ପ୍ରକାର ଆତଙ୍କବାଦ ବିରୋଧରେ ଲଢେଇକୁ ପ୍ରାଧାନ୍ୟ ଦିଆଯିବା ଉଚିତ । ବୈଶ୍ୱିକ ସ୍ଥିତି ଏବଂ ପାରସ୍ପରିକ ସ୍ୱାର୍ଥ ଉପରା ଆଲୋଚନା କରି ଦ୍ୱିପାକ୍ଷିକ ସମ୍ବନ୍ଧର ସମୀକ୍ଷା ପାଇଁ ଏହି ବୈଠକ ଏକ ସୁଯୋଗ ଆଣିଛି ବୋଲି ଜୟଶଙ୍କର କହିଥିଲେ । ସେହିପରି ସୀମାବର୍ତ୍ତୀ ଅଞ୍ଚଳରେ ଆମେ ଶାନ୍ତି ଓ ସୌହାର୍ଦ୍ଦ ବଜାୟ ରଖିବାକୁ ଚାହୁଁଛୁ ବୋଲି ୱାଙ୍ଗ କହିଥିଲେ । ସହଯୋଗ ବୃଦ୍ଧିକୁ ଗୁରୁତ୍ୱ ଦିଆଯିବ । କୈଳାସ ମାନସରୋବର ଯାତ୍ରା ପୁଣି ଆରମ୍ଭ ହୋଇଛି ବୋଲି ୱାଙ୍ଗ କହିଥିଲେ । ଚୀନ୍‌ରେ ଆୟୋଜନ ହେବାକୁ ଯାଉଥିବା ଏସ୍‌ସିଓ ସମ୍ମିଳନୀ ପୂର୍ବରୁ ଏହି ବୈଠକକୁ ବେଶ୍ ଗୁରୁତ୍ୱ ଦିଆଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) କୁ ମଧ୍ୟ ୱାଙ୍ଗ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ।

## ସୁରତରେ ୨୫ କୋଟିର ହୀରା ଚୋରି

ସୁରତ, ୧୮ ।୮ (ଏଜେନ୍ସି): ଗୁଜରାଟ ସୁରତର କାପୋଦରା ଅଞ୍ଚଳରେ ଡିକେ ଆଣ୍ଡ ସନ୍ସ ଡାଇମଣ୍ଡ କମ୍ପାନୀରୁ ପାଖାପାଖି ୨୫ କୋଟି ଟଙ୍କାର ହୀରା ଚୋରି ହୋଇଛି । ସୂଚନା ପାଇ ସ୍ଥାନୀୟ ପୁଲିସ ଓ କ୍ରାଇମ ବ୍ରାଞ୍ଚ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା । କଟରରେ ଲକର୍ କାଟି ଲୁଟେରାମାନେ ହୀରା ଓ ନଗଦ ଟଙ୍କା ଲୁଟି ଏବଂ ପ୍ରମାଣ ନଷ୍ଟ କରି ପଳାଇ ଥିଲେ । ସିସିଟିଭି କ୍ୟାମେରା ଭାଙ୍ଗିବା ସହ ଡିଭିଆର ମଧ୍ୟ ନେଇ ଯାଇଥିଲେ । ପୁଲିସ ଅନ୍ୟ ସିସିଟିଭି ଫୁଟେଜକୁ ନେଇ ଯାଞ୍ଚ କରୁଛି । ଅଗଷ୍ଟ ୧୫, ଜନ୍ମାଷ୍ଟମୀ ଓ ରବିବାର ବଜାର ବନ୍ଦ ଥିବାର ସୁଯୋଗ ନେଇ ଲୁଟେରା ଏହି କାଣ୍ଡ ଘଟାଇ ଥିଲେ । ଲକ୍‌ରରେ ପ୍ରାୟ ୩୦ କୋଟି ଟଙ୍କାର ଜିନିଷ ଥିଲା ବୋଲି ମାଲିକ ଦେବେନ୍ଦ୍ର ଚୌଧୁରୀ କହିଛନ୍ତି ।

## ଦିଲ୍ଲୀରେ ୩ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୧୮ ।୮ (ଏଜେନ୍ସି): ଦିଲ୍ଲୀର ୩ଟି ସ୍କୁଲକୁ ସୋମବାର ବୋମା ଧମକ ମିଳିଛି । ସତର୍କତା ଦୃଷ୍ଟିରୁ ଦିଲ୍ଲୀ ପବ୍ଲିକ ସ୍କୁଲ ଦ୍ୱାରକା, ମର୍ଡନ କନଭେଣ୍ଟ ଓ ଶ୍ରୀରାମ ସ୍କୁଲ୍‌କୁ ଖାଲି କରାଯାଇ ଯାଞ୍ଚ କରାଯାଇଛି । ସକାଳେ ୭ଟାରେ ସ୍କୁଲରେ ବିସ୍ଫୋରକ ଥିବାର ସୂଚନା ମିଳିଥିଲା ବୋଲି ଦମକଳ ବିଭାଗ ଅଧିକାରୀମାନେ କହିଛନ୍ତି । ଏହାପରେ ଦିଲ୍ଲୀ ପୁଲିସ, ବୋମା ନିଷ୍କ୍ରିୟକାରୀ ଦଳ ଓ ଡଗ୍ ସ୍କ୍ୱାଡ ପହଞ୍ଚି ଖୋଜାଖୋଜି କରିଥିଲେ ବି କୌଣସି ବିସ୍ଫୋରକ ସାମଗ୍ରୀ ପାଇ ନ ଥିଲେ ।

## ମାସକରେ ଆସାମରେ ସପ୍ତମ ଭୂକମ୍ପ

ଗୌହାଟୀ, ୧୮ ।୮ (ଏଜେନ୍ସି): ଆସାମର ନାଗାଓଁରେ ସୋମବାର ଭୂକମ୍ପ ଅନୁଭୂତ ହୋଇଛି । ଏହାକୁ ମିସାଇ ଆସାମରେ ମାସକେ ସପ୍ତମ ଓ ନାଗାଓଁ ଜିଲ୍ଲାରେ ତୃତୀୟ ଭୂକମ୍ପ ଅନୁଭୂତ ହୋଇଛି । ଏଥିରେ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ରିଚର ସ୍କେଲ୍‌ରେ ଏହି ଭୂକମ୍ପର ତୀବ୍ରତା ୪.୩ ଥିଲା ବୋଲି ନ୍ୟାସନାଲ ସେଣ୍ଟର ଫର ସିସମୋଲୋଜି ପକ୍ଷରୁ କୁହାଯାଇଛି । ଅପରାହ୍ନ ୧୨.୦୯ ରେ ୩୫ କିମି ଗଭୀରରେ ଏହା ରେକର୍ଡ ହୋଇଥିଲା । ଏହି ଜିଲ୍ଲାରେ ପୂର୍ବରୁ ଗତ ୭ରେ ୩.୮ ଓ ୮ ତାରିଖରେ ୨.୮ ତୀବ୍ରତାର ଭୂକମ୍ପ ହୋଇଥିଲା । ଚଳିତ ମାସ ଆସାମରେ ଅନୁଭୂତ ହୋଇଥିବା ୭ଟି ଯାକ ଭୂକମ୍ପର ତୀବ୍ରତା ୨.୮ ରୁ ୪.୩ ଥିଲା ।

## ଟୋଲ୍ ପ୍ଲାଜାରେ ସେନା ଯବାନଙ୍କୁ ମାଡ଼

ମିରଟ, ୧୮ ।୮ (ଏଜେନ୍ସି): ଉତ୍ତରପ୍ରଦେଶର ମିରଟ୍‌ରେ କର୍ଣ୍ଣାଲ ରାଜପଥରେ ଥିବା ଭୁନି ଟୋଲ ପ୍ଲାଜାରେ ରବିବାର ରାତିରେ ସେନା ଯବା କପିଲ କଭଦଙ୍କୁ ମାଡ ମରାଯାଇଛି । ଏହାକୁ ନେଇ ସ୍ଥାନୀୟ ଗାଁ ଲୋକେ ସେଠାରେ ଭଙ୍ଗାରୁଜା କରିଛନ୍ତି । ଯବାନ ଜମ୍ମୁ- କଶ୍ମୀରରେ ନିୟୋଜିତ ଅଛନ୍ତି । ସେ ନିଜ ସମ୍ପର୍କୀୟ ଭାଇଙ୍କ ସହ ଦିଲ୍ଲୀ ବିମାନ ବନ୍ଦର ଯାଉଥିବାବେଳେ ଟୋଲ ଫି ଓ ସେଠାରେ ହେଉଥିବା ଜାମ୍ ନେଇ ଟୋଲ କର୍ମଚାରୀଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା । ଫଳରେ ଟୋଲ କର୍ମଚାରୀମାନେ ତାଙ୍କୁ ଗୋଇଠା, ବିଧା, ଚାପୁଡା ମାରିବା ସହ ଗାଳିଗୁଲଜ କରିଥିଲେ । ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହି ମାମଲାରେ ୬ ଜଣଙ୍କୁ ପୁଲିସ ଗିରଫ କରିଛି ।

## ତେଜପ୍ରତାପଙ୍କ ନୂଆ 'ଜନଶକ୍ତି ଜନତା ଦଳ'

ପାଟନା, ୧୮ ।୮ (ଏଜେନ୍ସି): ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ନୂଆ ପାର୍ଟି 'ଜନଶକ୍ତି ଜନତା ଦଳ' ଗଢ଼ିଛନ୍ତି । ତେଜପ୍ରତାପଙ୍କ ଅନୁଗତ ବାଲେନ୍ଦ୍ର ଦାସ ୨୦୨୪ରେ ଏହି ଦଳରୁ ଲୋକସଭା ନିର୍ବାଚନ ଲଢିଥିଲେ । ସେତେବେଳେ ଦଳର ନିର୍ବାଚନ୍ନ ଚିହ୍ନ ବଂଶୀ ଥିଲା । ଏବେ ଏହି ପାର୍ଟିକୁ ତେଜପ୍ରତାପ ନିଜ ନାମରେ କରାଇଛନ୍ତି ବୋଲି ନିର୍ବାଚନ କମିସନର ଜଣେ ଅଧିକାରୀ କହିଛନ୍ତି ।

# ଏନ୍‌ଏଚ୍‌ଏଆଇକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ: ୧୨ ଘଣ୍ଟା ରାସ୍ତା ଜାମ୍ ହେଲେ ଟୋଲ୍ କାହିଁକି





ନୂଆଦିଲ୍ଲୀ, ୧୮ ।୮ (ଏଜେନ୍ସି): ସୁପ୍ରିମକୋର୍ଟ ଆଜି ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ)କୁ ତୀବ୍ର ସମାଲୋଚନା କରିଛନ୍ତି । ଜାତୀୟ ରାଜପଥରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଲାଗି ରହୁଥିବା ଜାମ୍‌କୁ ନେଇ ପ୍ରଶ୍ନ କରିଛନ୍ତି । ଘଣ୍ଟାଏ ବାଟ ଯିବା ପାଇଁ ୧୨ ଘଣ୍ଟା ଲାଗିଲେ ଲୋକେ କାହିଁକି ଟୋଲ୍ ଦେବେ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇଙ୍କ ନେତୃତ୍ୱାଧୀନ ଜଷ୍ଟିସ ବିନୋଦ ଚନ୍ଦ୍ରନ ଏବଂ ଏନ ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏନ୍‌ଏଚଆଇକୁ ପ୍ରଶ୍ନ କରିଛନ୍ତି । କେରଳ ହାଇକୋର୍ଟଙ୍କ ରାୟ ବିରୋଧରେ ଦାଏର ମାମଲାର ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି । ତ୍ରିଶୁର ଜିଲ୍ଲା ପାଲିୟେକାରାରେ ଥିବା ଟୋଲ୍ ଗେଟ୍‌ରୁ ଦେୟ ଆଦାୟ ନ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । କାରଣ ଏନ୍‌ଏଚ୍-୫୪୪ରେ ପଡୁଥିବା ଏହି ମାନୁଥି-ଏଡାପଲ୍ଲି ରାସ୍ତା ଅତି ଖରାପ ଥିଲା ଏବଂ ଗହଳି ଲାଗି ରହୁଥିଲା ।

ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି ଟ୍ରାଫିକ ନ ଥିବ ତେବେ ୬୫ କିମିର ଏହି ରାସ୍ତା ଅତିକ୍ରମ କରିବା ପାଇଁ ଅତିବେଶିରେ ଘଣ୍ଟାଏ ଲାଗିଥାଏ । ଯଦି ଟ୍ରାଫିକରେ ଭିଡ଼ ରହେ ତେବେ ଅତିବେଶିରେ ତିନି ଘଣ୍ଟା ଲାଗିବ । କିନ୍ତୁ ସହରର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବା ପାଇଁ ଯଦି ୧୨ ଘଣ୍ଟା ଲାଗିବ ତେବେ ଟୋଲ ବାବଦକୁ ୧୫୦ ଟଙ୍କା କାହିଁକି ଦିଆଯିବ? ଜାମ୍ ପାଇଁ ଘଣ୍ଟାଏ ବଦଳରେ ଲୋକଙ୍କୁ ୧୧ ଘଣ୍ଟା ଅଧିକ ଲାଗୁଛି ଏବଂ ଏଥିପାଇଁ ତାଙ୍କୁ ଟୋଲ୍ ମଧ୍ୟ ଦେବାକୁ ପଡୁଛି । ଏ ବିଷୟରେ ଜଷ୍ଟିସ ଚନ୍ଦ୍ରନ ପ୍ରଶ୍ନ କରିବାରୁ ଏନ୍‌ଏଚଏଆଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ରାସ୍ତାରେ ଟ୍ରକ୍ ଖସି ପଡ଼ିବା ଈଶ୍ୱର କୃତ । ଏହାଉପରେ ଜଷ୍ଟିସ ଚନ୍ଦ୍ରନ କହିଥିଲେ ଯେ ଆପେ ଆପେ ଟ୍ରକ୍ ଖସିପଡ଼ି ନାହିଁ । ଖାଲରେ ପଡ଼ିଯିବାରୁ ଏହା ଦୁର୍ଘଟଣାର ଶିକାର ହୋଇଥିଲା । ଜବାବରେ ଏସ୍‌ଜି କହିଥିଲେ ଯେ ମୌସୁମୀ ବର୍ଷା ଯୋଗୁଁ ଅଣ୍ଡର ପାସ୍ ନିର୍ମାଣ କାର୍ଯ୍ୟ ଉପରେ ପ୍ରଭାବ ପଡ଼ିଛି । ଟୋଲ ହଟାଇବା ପରିବର୍ତ୍ତେ ହ୍ରାସ କରିବାକୁ ପରାମର୍ଶ ଦେଇଛନ୍ତି ।

# ହ୍ୱାଇଟ୍ ହାଉସ ଉପରେ ବିଶ୍ୱର ନଜର

## ଟ୍ରମ୍ପଙ୍କୁ ଭେଟିବେ ଜେଲେଁସ୍କି, ୟୁରୋପୀୟ ନେତା

ୱାସିଂଟନ , ୧୮ ।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ଭେଟିବା ପରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡାମିର ଜେଲେଁସ୍କିଙ୍କୁ ଆଜି ଭେଟିବାର କାର୍ଯ୍ୟକ୍ରମ ରହିଛି । ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧକୁ ରୋକିବା ହିଁ ଏହି ବୈଠକର ମୂଳ ଲକ୍ଷ୍ୟ ବୋଲି କୁହାଯାଉଛି । ବୈଠକରେ ଜେଲେଁସ୍କିଙ୍କୁ ବାଦ୍ ଦେଲେ ୟୁରୋପୀୟ ରାଷ୍ଟ୍ର ସଂଘର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର ଲେୟେନ, ନାଟୋ ମହାସଚିବ ମାର୍କ ରୁଟ୍, ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାରମର, ଜର୍ମାନୀ ଚାନ୍ସଲର ଫ୍ରେଡେରିକ ମର୍ଜ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ଭଳି ୟୁରୋପୀୟ ନେତା ମଧ୍ୟ ଉପସ୍ଥିତ ରହିବେ । ହ୍ୱାଇଟ ହାଉସରେ ହେବାକୁ ଥିବାଏହି ବୈଠକ ଉପରେ ସାରା ବିଶ୍ୱର ନଜର ରହିଛି ।

ଗତ ୭ ମାସ ମଧ୍ୟରେ ଟ୍ରମ୍ପ ଓ ଜେଲେଁସ୍କି ତୃତୀୟଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି । ଗତ ବୈଠକରେ ଟ୍ରମ୍ପ ଓ ଜେଲେଁସ୍କିଙ୍କ ମଧ୍ୟରେ ଜୋରଦାର୍ ଯୁକ୍ତିତର୍କ ହୋଇଥିଲା । ଆମେରିକାଠାରୁ ସାହାଯ୍ୟ ପାଇଥିଲେ ମଧ୍ୟ ଜେଲେଁସ୍କି କୃତଜ୍ଞ ନୁହଁ ବୋଲି ଟ୍ରମ୍ପ କହିଥିଲେ । ଖାସ ଏହି କାରଣରୁ ଦୁଇ ଦେଶ ମଧ୍ୟରେ ଖଣିଜ ପଦାର୍ଥକୁ ନେଇ କୌଣସି ଚୁକ୍ତି ହୋଇପାରି ନଥିଲା । ଏହାପରେ ଦୁହେଁ ଗତ ଏପ୍ରିଲ ୨୬ରେ ରୋମ୍‌ରେ ପୋପ୍‌ଙ୍କ ଅନ୍ତିମ ସଂସ୍କାରରେ ପରସ୍ପରକୁ ଭେଟିଥିଲେ । ଏଥର ବୈଠକରେ ଏଭଳି ସ୍ଥିତି ସୃଷ୍ଟି ହେବ ନାହିଁ ବୋଲି ଆଶା କରାଯାଉଛି । ବୈଠକରେ ଯୋଗ ଦେବାକୁ ଜେଲେଁସ୍କି ଇତିମଧ୍ୟରେ ୱାସିଂଟନରେ ପହଞ୍ଚି ସାରିଛନ୍ତି । ଉଲ୍ଲେଖଥାଉ କି, ୩ ଦିନ ତଳେ ୟୁକ୍ରେନ ଯୁଦ୍ଧକୁ ନେଇ ପୁତିନ

### ନାଟୋରେ ସାମିଲ ହେବନି ୟୁକ୍ରେନ, କ୍ରିମିଆ ବି ମିଳିବ ନାହିଁ: ଟ୍ରମ୍ପ

ଓ ଟ୍ରମ୍ପ ଆଲସ୍କାରେ ଏକ ହାଇପ୍ରୋଫାଇଲ ବୈଠକରେ ମିଳିତ ହୋଇଥିଲେ । ୩ ଘଣ୍ଟାର ଏହି ବୈଠକରେ କୌଣସି ନିଷ୍କର୍ସ ବାହାରି ପାରି ନ ଥିଲା । ଯୁଦ୍ଧ ଅବସରରେ ରୁଷିଆ ୟୁକ୍ରେନର ୨୦ ପ୍ରତିଶତ ଅଞ୍ଚଳ ଅର୍ଥାତ ପାଖାପାଖି ୧ ଲକ୍ଷ ୪୦ ହଜାର ୫୦୦ ବର୍ଗ କିମି ଅଞ୍ଚଳ ଦଖଲକୁ ଆଣିଛି ଓ ଏହାକୁ ଛାଡିବାକୁ ମନା କରିଛି । ବିନା କୌଣସି ସର୍ତ୍ତରେ ଅସ୍ତ୍ରବିରତି ହେଉ ବୋଲି ଜେଲେଁସ୍କି କହିଛନ୍ତି । ଏବେ ଏହି ବୈଠକ ଉପରେ ସାରା ବିଶ୍ୱର ନଜର ରହିଛି ।

ୟୁକ୍ରେନ୍‌କୁ ସାମରିକ ସଂଗଠନ ନାଟୋରେ ସାମିଲ କରାଯିବ ନାହିଁ ବୋଲି ରାଷ୍ଟ୍ରପତି ଟ୍ରମ୍ପ ବୈଠକ ପୂର୍ବରୁ ସ୍ପଷ୍ଟ କରିଛନ୍ତି । କେବଳ ସେତିକି ନୁହଁ, ୨୦୧୪ରୁ ରୁଷିଆ ଅକ୍ତିଆର କରିଥିବା କ୍ରିମିଆ ଅଞ୍ଚଳ ମଧ୍ୟ ୟୁକ୍ରେନ୍‌କୁ ମିଳିବନି ବୋଲି କହିଛନ୍ତି । ଏବେ ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କିଙ୍କ



ଉପରେ ସବୁକିଛି ନିର୍ଭର କରୁଛି । ସେ ଚାହିଁଲେ ରୁଷିଆ ବିପକ୍ଷରେ ଯୁଦ୍ଧକୁ ରୋକି ପାରିବେ । ସେ ଯୁଦ୍ଧ ଜାରି ରଖିବେ ନା ଶାନ୍ତି ପାଇଁ ରାସ୍ତା ଖୋଜିବେ ସବୁକିଛି ଜେଲେଁସ୍କିଙ୍କ ଉପରେ ନିର୍ଭର କରୁଛି ବୋଲି ଟ୍ରମ୍ପ କହିଛନ୍ତି । ୧୨ ବର୍ଷ ପୂର୍ବେ ସେତେବେଳର ଆମେରିକା ରାଷ୍ଟ୍ରପତି ବାରାକା ଓବାମାଙ୍କ ଗସ୍ତ ବେଳେ ବିନା ଗୁଳି ଚାଳନାରେ ରୁଷିଆକୁ କ୍ରିମିଆ ଦିଆଯାଇଥିଲା ଓ ୟୁକ୍ରେନ ବି ନାଟୋରେ ସାମିଲ ହୋଇ ନ ଥିଲା । ତେଣୁ କିଛି ଜିନିଷ କେବେବି ବଦଳିବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି ।

ଅନ୍ୟପଟେ ରୁଷିଆ ରାଷ୍ଟ୍ରପତି ପୁତିନ ୟୁକ୍ରେନକୁ ସୁରକ୍ଷା ପ୍ରତିଶ୍ରୁତି ଦେବେ ବୋଲି ଟ୍ରମ୍ପଙ୍କର ଜଣେ ବିଶେଷ ଦୂତ ଷ୍ଟିଭ ୱିଟ୍‌କଫ କହିଛନ୍ତି । ରୁଷିଆ ୟୁକ୍ରେନକୁ ନାଟୋ ଭଳି ସୁରକ୍ଷା ଦେବାକୁ ରାଜି । ଏନେଇ ଟ୍ରମ୍ପ ଓ ପୁତିନ ଆଲାସ୍କା ବୈଠକରେ ସହମତି ପ୍ରକାଶ କରିଥିଲେ । ତେବେ ୟୁକ୍ରେନ୍‌କୁ ନାଟୋର ସଦସ୍ୟତା ଦେବା ନେଇ ରୁଷିଆ କେବେ ରାଜି ହେବ ନାହିଁ ବୋଲି ପୁତିନ ସ୍ପଷ୍ଟ କରିଥିଲେ । ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡିକ ୟୁକ୍ରେନ୍‌କୁ ନାଟୋର ଧାରା-୫ ଭଳି ସୁରକ୍ଷା ବ୍ୟବସ୍ଥା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ଓ ପ୍ରସ୍ତାବିତ ଚୁକ୍ତିରେ ଏହା ଉଲ୍ଲେଖ କରାଯାଇଛି । ଉଲ୍ଲେଖଥାଉ କି, ନାଟୋର ଧାରା- ୫ ଅନୁସାରେ କୌଣସି ଗୋଟିଏ ରାଷ୍ଟ୍ର ଉପରେ ଆକ୍ରମଣ ହେଲେ ତାହା ସମସ୍ତଙ୍କ ଉପରେ ଆକ୍ରମଣ ବୋଲି ଧରି ନିଆଯିବ । ସେହିପରି ଆମେରିକା ୟୁକ୍ରେନ୍‌କୁ ସୁରକ୍ଷା ଗ୍ୟାରେଣ୍ଟି ଦେଇଥିବାରୁ ଜେଲେଁସ୍କି କୃତଜ୍ଞତା ଜଣାଇଛନ୍ତି । ଏହା ଏକ ଐତିହାସିକ ନିଷ୍ପତ୍ତି ସେ କହିଛନ୍ତି । ତେବେ ଏହା କେବଳ କାଗଜ କଲମରେ ନୁହେଁ ବାସ୍ତବରେ ହେବା ଉଚିତ ଓ ଏଥିରେ ୟୁରୋପୀୟ ରାଷ୍ଟ୍ରଗୁଡିକର ସକ୍ରିୟ ଭୂମିକା ରହିବା ନିହାତି ଜରୁରୀ ବୋଲି ଜେଲେଁସ୍କି ସ୍ପଷ୍ଟ କରିଛନ୍ତି ।



## ମୋଦୀଙ୍କୁ ଫୋନ୍ କଲେ ପୁତିନ, ଆଲାସ୍କା କଥା କହିଲେ

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ସୋମବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ୍ କରିଛନ୍ତି । ଗତ ସପ୍ତାହରେ ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ହୋଇଥିବା ଚର୍ଚ୍ଚା ବିଷୟରେ ମୋଦୀଙ୍କୁ ସୂଚନା ଦେଇଛନ୍ତି । ଆଲୋଚନା ମାଧ୍ୟମରେ ୟୁକ୍ରେନ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ମୋଦୀ କହିଛନ୍ତି । ଭାରତ ଏ ସମ୍ବନ୍ଧରେ ସମସ୍ତ ପ୍ରୟାସକୁ ସମର୍ଥନ କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି । ଆଲାସ୍କାରେ ଟ୍ରମ୍ପଙ୍କ ସହ ବୈଠକ ବିଷୟରେ ସୂଚନା ଦେଇଥିବାରୁ ପୁତିନଙ୍କୁ ମୋଦୀ ଧନ୍ୟବାଦ ଦେଇଛନ୍ତି । ଉଭୟ ନେତା ଦୁଇ ରାଷ୍ଟ୍ର ମଧ୍ୟରେ ରଣନୈତିକ ସହଯୋଗକୁ ଅଧିକ ମଜବୁତ କରିବା ପାଇଁ ମଧ୍ୟ ଚର୍ଚ୍ଚା କରିଛନ୍ତି । ସୂଚନାଯୋଗ୍ୟ ଯେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏବଂ ଟ୍ରମ୍ପ ଗତ ୧୫ ତାରିଖରେ ଆଲାସ୍କାରେ ସାକ୍ଷାତ ଆଲୋଚନା କରିଥିଲେ । ଉଭୟେ ତିନି ଘଣ୍ଟା ପର୍ଯ୍ୟନ୍ତ ଚର୍ଚ୍ଚାକରିଥିଲେ । ତେବେ ଏହା ଫଳାଫଳଶୂନ୍‌ରହିଥିଲା । ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କିଙ୍କ ଉପରେ ଶାନ୍ତି ପ୍ରକ୍ରିୟା ନିର୍ଭର କରୁଛି ବୋଲି ଟ୍ରମ୍ପ କହିଥିଲେ । ସେ ଏହି ବୈଠକ ସଫଳ ରହିଥିବା ଉଲ୍ଲେଖ କରିଥିଲେ । ସେହିପରି ଦେଶର ସୁରକ୍ଷା ସବୁଠୁ ଜରୁରୀ ବୋଲି ପୁତିନ କହିଥିଲେ । ସେ ପରବର୍ତ୍ତୀ ବୈଠକ ମସ୍କୋରେ କରାଇବାକୁ ପ୍ରସ୍ତାବ ଦେଇଥିଲେ ।

ସୂଚନାଯୋଗ୍ୟ ଯେ ରୁଷ୍‌ଠାରୁ ତୈଳ କ୍ରୟକୁ ନେଇ ଆମେରିକା ଭାରତ ଉପରେ ଅତିରିକ୍ତ ୫୦ ପ୍ରତିଶତ ଶୁଳ୍କ ଲଗାଇଛି । ଭାରତ ଏହାକୁ ବେଆଇନ ବୋଲି କହିଛି ।

# ମୁମ୍ବାଇରେ ପ୍ରବଳ ବର୍ଷା, ସ୍କୁଲ-କଲେଜ ଛୁଟି

ମୁମ୍ବଇ, ୧୮ ।୮ (ଏଜେନ୍ସି): ମୁମ୍ବଇ ଓ ଆଖପାଖ ଅଞ୍ଚଳରେ ସୋମବାର ସକାଳୁ ପ୍ରବଳ ବର୍ଷା ଜାରି ରହିଛି । ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି । କେତେକ ଅଞ୍ଚଳରେ ପାଣି ଭରି ରହିଛି । ଏଥିପାଇଁ ସଡକରେ ଟ୍ରାଫିକ ଜାମ୍ ହୋଇଛି । ଗତ ୨୪ ଘଣ୍ଟା ମଧ୍ୟରେ ମୁମ୍ବାଇରେ ୫୪ ମିଲିମିଟର ବର୍ଷା ହୋଇଛି ବୋଲି ସ୍ଥାନୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ବୃହନ ମୁମ୍ବଇ ମ୍ୟୁନିସିପାଲ କର୍ପୋରେସନ (ବିଏମ୍‌ସି) ମୁମ୍ବଇର ସବୁ ସ୍କୁଲ ଓ କଲେଜ ଛୁଟି ଘୋଷଣା କରିଛନ୍ତି । ଅତିଆବଶ୍ୟକ ନ ହେଲେ ଲୋକଙ୍କୁ ଘରୁ ବାହାରକୁ ଯିବାକୁ ମନା କରାଯାଇଛି । ଆଗାମୀ କିଛି ଘଣ୍ଟାରେ ମୁମ୍ବାଇରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ ସତର୍କତା ଜାରି କରାଯାଇଛି । ମୁମ୍ବଇ ଭଳି ଥାନେ, ପାଲଘର ଓ ରାଇଘରରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବର୍ଷା କାରଣରୁ ମୁମ୍ବଇ ବିମାନ ବନ୍ଦରରେ କେତୋଟି ବିମାନ ଉଡାଣ

### ଲୋକାଲ ଟ୍ରେନ୍ ଓ ବିମାନ ବିଳମ୍ବିତ

ବିଳମ୍ବିତ ହୋଇଛି । ତେବେ କେତେ ସଂଖ୍ୟାରେ ବିମାନ ଉଡାଣ ବିଳମ୍ବିତ ହୋଇଛି ସେ ନେଇ ବିମାନ ବନ୍ଦର କର୍ତ୍ତୃପକ୍ଷ କୌଣସି ସୂଚନା ଦେଇ ନାହାନ୍ତି । ବିମାନର ଉଡାଣ ହାରାହାରି ୫୪ ମିନିଟ୍ ବିଳମ୍ବିତ ହୋଇଛି ବୋଲି କୁହାଯାଇଛି । ସେହିପରି ଲୋକାଲ ଟ୍ରେନ୍‌ଗୁଡିକ ୧୫ରୁ ୨୦ ମିନିଟ୍ ବିଳମ୍ବରେ ଚାଲୁଛି । ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ



ଜମ୍ମୁ-କଶ୍ମୀରରେ ଗତ କେତେଦିନ ହେବ ପ୍ରବଳ ବର୍ଷା ଜାରି ରହିଛି । ଗତ ୩ ଦିନ ହେବ ହିମାଚଳରେ ବର୍ଷା ଜାରି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଚଣ୍ଡିଗଡ଼-ମନାଲୀ ଚାରି ଲେନ ସମେତ ୩ଟି ଜାତୀୟ ରାଜପଥ ଓ ହିମାଚଳରେ ୪୦୦ ସଡ଼କ ବନ୍ଦ ରହିଛି । ଉତ୍ତରାଖଣ୍ଡରେ ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ରାଜପଥ ବର୍ଷା ଯୋଗୁଁ ଭାଙ୍ଗି ଯାଇଛି ।

କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ପ୍ରଶିକ୍ଷଣ ସମୟରେ ଶାରୀରିକ ଅକ୍ଷମ ଯବାନଙ୍କ ଯତ୍ନ ନିଅ

ନୂଆଦିଲ୍ଲୀ, ୧୮ ।୮ (ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ସେନା ପ୍ରଶିକ୍ଷଣ ସମୟରେ ଶାରୀରିକ ଅକ୍ଷମ ହୋଇଥିବା ଯବାନଙ୍କ ଯତ୍ନ ନେବାକୁ କହିଛନ୍ତି । ଗୁରୁତର ଆହତ କିମ୍ବା ଦିବ୍ୟାଙ୍ଗ ହୋଇଯିବା କାରଣରୁ ମେଡିକାଲ ଆଧାରରେ ବାହାର କରିଦିଆଯାଇଥିବା କ୍ୟାଡେଟ (ଯବାନ)ଙ୍କ ତଥ୍ୟ ଦେବାକୁ ମଧ୍ୟ କେନ୍ଦ୍ର ସରକାର ଏବଂ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଯୁବ କ୍ୟାଡେଟଙ୍କ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ । ଏଭଳି ଯବାନଙ୍କୁ ବୀମା କରାଇବାକୁ କେନ୍ଦ୍ର ସରକାରଙ୍କୁ ଜଷ୍ଟିସ ବିଭି ନାଗରତ୍ନା ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ସାହସୀ ଯୁବକ ସେନାରେ ରୁହନ୍ତୁ ବୋଲି ଆମେ ଚାହୁଁଛୁ । ଆହତ କିମ୍ବା ଦିବ୍ୟାଙ୍ଗତା ବାହାର କରିବାର କୌଣସି କାରଣ ହୋଇ ନ ପାରେ । ଅନେକ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ସେମାନେ ସେନାରେ ସାମିଲ ହୋଇଥିଲେ । ବୀମା ହେବା ଦ୍ୱାରା ସେମାନଙ୍କୁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ପ୍ରତ୍ୟେକ ପ୍ରଶିକ୍ଷଣ ନେଉଥିବା ଯବାନଙ୍କ ବୀମା ରହିବା ଉଚିତ । ଟ୍ରେନିଂ ସମୟରେ ଆହତ ଯବାନଙ୍କୁ ମିଳୁଥିବା ୪୦ ହଜାର ଟଙ୍କାର ରାଶିକୁ ବୃଦ୍ଧି କରିବାକୁ ମଧ୍ୟ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

# ଏସ୍‌ଆଇଆର୍‌କୁ ନେଇ ସଂସଦରେ ବିରୋଧୀଙ୍କ ହଙ୍ଗାମା ଜାରି

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ସଂସଦର ଉଭୟ ଗୃହରେ ଅଚଳାବସ୍ଥା ଜାରି ରହିଛି । ବିରୋଧୀ ଦଳଗୁଡିକ ବିହାରର ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସ୍‌ଆଇଆର) କୁ ବିରୋଧ କରି ଆଜି ମଧ୍ୟ ହଙ୍ଗାମା ଜାରି ରଖିଛନ୍ତି । ନିର୍ବାଚନ କମିସନଙ୍କ ବିରୋଧରେ ସ୍ଲୋଗାନ ଦେଇଛନ୍ତି । ଏସଆଇଆର ପ୍ରକ୍ରିୟା ରଦ୍ଦ ଏବଂ ଏହା ଉପରେ ଚର୍ଚ୍ଚା ଦାବି କରୁଛନ୍ତି । କିନ୍ତୁ ସରକାର ବିରୋଧୀଙ୍କ ଦାବି ଶୁଣୁ ନାହାନ୍ତି । ବିରୋଧୀଙ୍କ ହୋହାଲ୍ଲା ଯୋଗୁଁ ଗୃହକୁ ବାରମ୍ବାର ମୁଲତବୀ ରଖିବାକୁ ପଡ଼ିଥିଲା । ବାଚସ୍ପତି ଓମ୍ ବିର୍ଲାଙ୍କ ଚେତାବନୀ ସତ୍ତ୍ୱେ ଲୋକସଭାରେ ବିରୋଧୀ ଶାନ୍ତ ପଡ଼ି ନ ଥିଲେ । ଗୃହର ମଧ୍ୟଭାଗରେ ଏକାଠି ହୋଇ ପ୍ଲାକାର୍ଡ ଧରି ବିରୋଧ ପ୍ରଦର୍ଶନ କରିଥିଲେ । ସରକାର ଏବଂ ନିର୍ବାଚନ କମିସନ ଭୋଟ ଚୋରି କରୁଥିବା ଅଭିଯୋଗ ଲଗାଇଥିଲେ । ଏହାକୁ ନେଇ ବାଚସ୍ପତି କହିଥିଲେ ଯେ ସରକାରୀ ସମ୍ପତ୍ତି ନଷ୍ଟ ପାଇଁ ସାଂସଦଙ୍କୁ ଲୋକେ ନିର୍ବାଚିତ କରିନାହାନ୍ତି । ଯଦି ନିୟମ ପାଳନ ନ କରିବେ

### କାର୍ଯ୍ୟାନୁଷ୍ଠାନ ପାଇଁ ଲୋକସଭାରେ ବାଚସ୍ପତିଙ୍କ ଚେତାବନୀ

ତେବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କଠୋର ନିଷ୍ପତ୍ତି ନେବାକୁ ପଡ଼ିବ । ଦେଶବାସୀ ମଧ୍ୟ ଆପଣଙ୍କୁ ଦେଖୁଛନ୍ତି । ତେଣୁ ସରକାରୀ ସମ୍ପତ୍ତି ନଷ୍ଟ ନ କରିବାକୁ ପୁଣିଥରେ ଚେତାବନୀ ସହିତ ଅନୁରୋଧ କରି ସଂସଦକୁ କିଛି ସମୟ ପାଇଁ ସେ ମୁଲତବୀ କରିଦେଇଥିଲେ ।

ଲୋକସଭା କାର୍ଯ୍ୟ ପୁଣି ଆରମ୍ଭ ହେବା ପରେ ଅପରାହ୍ଣ ୨ଟାରେ ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପଟେନ ଶୁଭାଂଶୁ ଶୁକ୍ଲାଙ୍କ ସଫଳ ମହାକାଶ ଯାତ୍ରା ଉପରେ ଚର୍ଚ୍ଚା ଆରମ୍ଭ ହୋଇଥିଲା । ଏହି ସମୟରେ ବିରୋଧୀ କକ୍ଷତ୍ୟାଗ କରିଥିଲେ । ଏହାକୁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଦୁର୍ଭାଗ୍ୟ ଏବଂ ନିରାଶଜନକ କହିଥିଲେ । ମହାକାଶ ଭଳି କ୍ଷେତ୍ରକୁ ରାଜନୀତିଠାରୁ ଉର୍ଦ୍ଧ୍ୱରେ ରଖିବା ଉଚିତ ବୋଲି କହିଥିଲେ । ଏହି ଚର୍ଚ୍ଚାରେ ସାମିଲ ହୋଇ ବିରୋଧୀ ଗଠନମୂଳକ ପ୍ରସ୍ତାବ ଦେବାର ଥିଲା ।

ଅନ୍ୟପକ୍ଷରେ ରାଜ୍ୟସଭାରେ ମଧ୍ୟ ବିରୋଧୀ ସଭ୍ୟ ହଙ୍ଗାମା ଜାରି ରଖିଥିଲେ । ଏଥିଯୋଗୁଁ ପ୍ରଥମେ ଗୃହକୁ ୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା । କାର୍ଯ୍ୟାରମ୍ଭ ହେବା ପରେ ଏସ୍‌ଆଇଆର ଉପରେ ଚର୍ଚ୍ଚା ଦାବି କରି ବିରୋଧୀ କକ୍ଷତ୍ୟାଗ କରିଥିଲେ । ବିରୋଧୀ ସଦସ୍ୟଙ୍କ ଅନୁପସ୍ଥିତିରେ ଚର୍ଚ୍ଚା କରି ଭାରତୀୟ ବନ୍ଦର ବିଲ୍ ପାରିତ କରାଯାଇଥିଲା । ଏହା ପରେ ଗୃହକୁ ମୁଲତବୀ କରାଯାଇଥିଲା । ତେବେ ବଙ୍ଗଳା ଭାଷା ବିବାଦକୁ ନେଇ ଟିଏମ୍‌ସି ସାଂସଦ କଲ୍ୟାଣ ବାନାର୍ଜୀ ଏବଂ ମହୁଆ ମୋଇତ୍ର ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।



# ଡାଲିଜାତୀୟ ଫସଲରେ ରୋଗ ନିୟନ୍ତ୍ରଣ

**ଆମେ ଖାଉଥିବା ଖାଦ୍ୟର ଏକ ମୁଖ୍ୟ ଅଂଶ ହେଉଛି ଡାଲି । ଡାଲିରେ ବହୁତ ପରିମାଣର ପୁଷ୍ଟିସାର ରହିଛି । ଓଡ଼ିଶାରେ ଡାଲିଜାତୀୟ ଫସଲ ମଧ୍ୟରେ ହରଡ଼, ମୁଗ ଓ ବିରି ଆଦି ଚାଷ କରାଯାଏ । ତେବେ ବର୍ଷାଯୋଗୁଁ ଜମିରେ ପାଣି ଜମି ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ । ତନ୍ମଧ୍ୟରୁ ଚେରପଚା ଓ କାଣ୍ଡପଚା, ପତ୍ରଚିତ୍ରା ଓ ପତ୍ରପୋଡ଼ା ରୋଗ, ବୀଜାଣୁ ଜନିତ ପତ୍ରପୋଡ଼ା, ଝାଉଁଳା ଆଦି ପ୍ରମୁଖ ରୋଗ ଦେଖାଯାଇଥାଏ । ତେଣୁ ଏହି ରୋଗର ପ୍ରାଥମିକ ଲକ୍ଷଣକୁ ଦେଖି ନିୟନ୍ତ୍ରଣ କରିବା ଆବଶ୍ୟକ ।**

ଅଧିକ ପାଣି ଜମି ହରଡ଼ରେ ପତ୍ର ଝାଉଁଳା ସମସ୍ୟା ଦେଖାଯାଏ । ଫଳରେ ଅମଳ ବାଧାପ୍ରାପ୍ତ ହୋଇଥାଏ । ଏଥିପାଇଁ କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେଇ ଫସଲରେ କୀଟନାଶକ ସିଞ୍ଚିବା ଜରୁରି ।

**ପତ୍ରଚିତା ଓ ପତ୍ରପୋଡ଼ା ରୋଗ:** ମୁଗ ଓ ବିରିରେ ଏହି ରୋଗ ଦେଖାଯାଇଥାଏ । ଗୋଲାକାରରୁ ଅଣ୍ଡାକୃତି ଏବଂ ଅନିୟମିତ କଳାବାଇଗଣି ରଙ୍ଗର ଚିହ୍ନ ପତ୍ରର ଉଭୟ ପାଶ୍ୱର୍ରେ ଦେଖାଯାଇଥାଏ । ଏହା କ୍ରମଶଃ ହଳଦିଆ ପଡ଼ି ଶୁଖି ଶେଷକୁ ଖସିପଡ଼େ । ତେଣୁ ଏହାର ପରିଚାଳନା ପାଇଁ କାର୍ବୋକ୍ସିନ ୩୭.୫% + ଥିରାମ ୩୭.୫% ଡିଏସ ପ୍ରତି କିଗ୍ରା ବିହନରେ ୨ ଗ୍ରାମ୍ ହିସାବରେ ମିଶାଇ ବିହନ ବିଶୋଧନ କରାଯିବା ଆବଶ୍ୟକ । ମାନକୋଜେବ ୭୫% ଡବ୍ଲ୍ୟୁପି ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ଲେଖାଏଁ ମିଶାଇ ୫୦୦ ଲିଟର ଘୋଳ ହେକ୍ଟର ପ୍ରତି ପ୍ରୟୋଗ କରାଯାଏ ।

**ଚେରପଚା ଓ କାଣ୍ଡ ପଚା ରୋଗ:** ମାଟି ଯଥେଷ୍ଟ ଓଦାଥିଲେ ଗଛର ଚେର ଅଗ୍ରଭାଗରୁ ପଚିଯାଇ ଏହି ରୋଗ ହୋଇଥାଏ । ମାଟିର ଠିକ୍ ଉପରକୁ ମୂଳ ପାଖରେ ପଚିଯାଏ, ସଢ଼ା ମୂଳଟି କଳା ଦେଖାଯାଏ । ଶେଷରେ ଗଛଟି ମରିଯାଏ । ଏଥିପାଇଁ ଜମିରେ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଆବଶ୍ୟକ । ଏହାର ପରିଚାଳନା ପାଇଁ କୃଷି ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଫିମ୍ପିନାଶକ ଔଷଧ ଏକର ପିଛା ୪୦୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ । ସେହିପରି ମୂଳଭାଗକୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ ମେଟାଲାକ୍ସିଲ (୮%)+ ମାନକୋଜେବ (୬୪%) ଡବ୍ଲୁପି କିମ୍ବା ୨ ଗ୍ରାମ କାର୍ବେଣ୍ଡାଜିମ୍ (୮%) + ମାନକୋଜେବ (୬୩%) ଏକ ଲିଟର ପାଣିରେ ୫୦୦ ଲିଟର ଘୋଳ ହେକ୍ଟର ପ୍ରତି ପ୍ରୟୋଗ କରିବା ଆବଶ୍ୟକ ।

ହେକ୍ଟର ପିଛା ୨୫୦ କିଗ୍ରା ନିମ୍ବ ପିଡ଼ିଆ ଶେଷ ଓଡ଼ ଚାଷ ପୂର୍ବରୁ ମାଟିରେ ପକାଇ ଚାଷ କରି ମାଟିରେ ମିଶାଇ ଦେଲେ ଏହି ରୋଗରୁ ରକ୍ଷା ମିଳିଥାଏ । ଏକ ହେକ୍ଟରକୁ ୫୦ କିଗ୍ରା ଖତସାର ସହିତ ୫ କିଗ୍ରା ଟ୍ରାଇକୋଡର୍ମା ଭିରିଡ଼ି କିମ୍ବା ଟ୍ରାଇକୋଡର୍ମା ହାର୍ଜିଆନମ୍ ମୁଖ୍ୟ ଚାଷ ଜମିରେ ପ୍ରୟୋଗ କରନ୍ତୁ ।

**ବୀଜାଣୁ ଜନିତ ପତ୍ରପୋଡା ରୋଗ:** ଏହି ରୋଗରେ ପତ୍ରରେ ହଳଦିଆ ବଳୟ ମଝିରେ ମାଟିର ଦାଗ ସହିତ ଫଳ ଓ କାଣ୍ଡରେ ନାଲି ଯାଦୁଆ ରଙ୍ଗ ଦେଖାଯାଏ । ଏହାର ପରିଚାଳନା ପାଇଁ ନିରୋଗ ବିହନ ସଂଗ୍ରହ କରି ପ୍ରତି ୧୦ ଲିଟର ପାଣିରେ ୧ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ୍ କିମ୍ବା ୧୨୦ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ ମିଶାଇ ଦ୍ରବଣ ପ୍ରସ୍ତୁତ କରି ସେଥିରେ ଲଗାଇବା ପୂର୍ବରୁ ମଞ୍ଜିକୁ ୪ ଘଣ୍ଟା ବତୁରାଇ ବିଶୋଧନ କରାଯାଏ ।

**ସାହେବୀ ରୋଗ:** ମୁଖ୍ୟତଃ ଏହି ରୋଗ ହେଲେ, ପତ୍ରରେ ହଳଦିଆ ସବୁଜ ଛାପା ଛାପା ଦାଗ ଦେଖାଯାଇଥାଏ । ଏହା ଏକ ଭୂତାଣୁ ଜନିତ ରୋଗ । ଧଳାମାଛି ହେଉଛି ଏହି ରୋଗର ବାହକ । ଏହି ରୋଗ ହେଲେ, ଫଳଗୁଡିକ ଛୋଟ ଓ ନଷ୍ଟ ହୋଇଥାଏ । ତେଣୁ ଆକ୍ରାନ୍ତ ଗଛକୁ ଜମିରୁ ଉପାଡ଼ି ଜମିଠୁ ଦୂରକୁ ଫିଙ୍ଗି ଦେବା ଭଲ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କାର୍ବେଣ୍ଡାଜିମ୍ ତଥା ଜୈବିକ ଉପାୟରେ ବିହନ ବିଶୋଧନ କରିବା ସହିତ ଫସଲ ଚକ୍ର ଉପରେ ଧ୍ୟାନ ଦେବା ଦ୍ୱାରା ରୋଗ ନିୟନ୍ତ୍ରଣ ହୋଇଥାଏ ।



# ବାଲ୍‌କୋନି ବଗିଚା ପାଇଁ ସ୍ମାର୍ଟ ଟିପ୍‌ସ

**ଅଧିକାଂଶ ଲୋକଙ୍କର ବଗିଚା କରିବାର ସଉକ ଥାଏ । ହେଲେ ଦ୍ରୁତ ସହରୀକରଣ ଯୋଗୁଁ ଗଛ ଲଗାଇବା ପାଇଁ ସ୍ଥାନାଭାବ ଦେଖାଯାଏ । ଏହାର ସମାଧାନ ସ୍ୱରୂପ ଲୋକେ ଏବେ ବାଲ୍‌କୋନି ବଗିଚା ଟ୍ରେଣ୍ଡକୁ ଆପଣାଇଛନ୍ତି । ଏଥିପାଇଁ କିଛି ସ୍ମାର୍ଟ ଟିପ୍ସ ଆପଣାଇ ପାରିବେ ।**

ବାଲ୍‌କୋନିରେ ଗୋଲାପ, ଗେଣ୍ଡୁ, ରଙ୍ଗଣୀ, ଜରବେରା, ମନ୍ଦାର, ମଲ୍ଲୀ ଆଦି ଫୁଲ ଗଛ, ପତ୍ରଯୁକ୍ତ ଗଛ, ପନିପରିବା ଲଗାଇପାରିବେ । ସପ୍ତାହକୁ ଥରେ ଗଛ ମୂଳରେ ଜୈବିକ ଖତ ପ୍ରୟୋଗ ଦ୍ୱାରା ଗଛ ବୃଦ୍ଧି ହୋଇ ଫୁଲ ଶୀଘ୍ର ଆସିଥାଏ । ସେହିପରି ସମସ୍ତ କୁଣ୍ଡକୁ କିପରି ସୂର୍ଯ୍ୟକିରଣ ପଡ଼ିପାରିବ ସେନେଇ ଧ୍ୟାନ ଦେବା ଆବଶ୍ୟକ । କୁଣ୍ଡରେ କେବେ ବି ଅଧିକ ପାଣି ଦିଅନ୍ତୁନି, ଏହା ଦ୍ୱାରା ମୂଳ ପଚିଯାଇପାରେ । ବାଲ୍‌କୋନିର ରଙ୍ଗବେରଙ୍ଗ ଫୁଲ ବଗିଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ ।

**ତୁଳସୀ ମନିପ୍ଲାଣ୍ଟ :** କାନ୍ଥ ପାଖେ ଛାଇ ତଥା କମ୍ ସୂର୍ଯ୍ୟକିରଣ ଆବଶ୍ୟକ କରୁଥିବା ଗଛ ଲଗାନ୍ତୁ । ଫର୍ଣ୍ଣ, ସ୍ପାଇଡର ପ୍ଲାଣ୍ଟ, ସ୍ନେକ ପ୍ଲାଣ୍ଟ, ହାର୍ଡି ଜେରେନିୟମ ପରି ଗଛ ଲଗାଇବା ଉପଯୁକ୍ତ । ଏହାର ଦେଖାଶୁଣା କରିବା ସହଜ ହୋଇଥାଏ । ବାଲକୋନିରେ ତୁଳସୀ, ମନିପ୍ଲାଣ୍ଟ, ଜେଡ ଜେନ୍, ଟେବୁଲ ଗୋଲାପ, ଏରେକା ପାମ ଗଛ ଲଗାଇପାରିବେ । ଲେମ୍ବୁଗଛ ଲଗାଇବା ଦ୍ୱାରା ସୁଗନ୍ଧ ପରିବେଶରେ ସକାରାତ୍ମକ ଶକ୍ତି ପ୍ରଦାନ କରେ ।

**ଓହଳା ବାସ୍କେଟ:** ବାଲ୍‌କୋନିରେ କମ୍ ସ୍ଥାନ ଥିଲେ, କାନ୍ଥରେ ଭର୍ଟିକାଲ ପ୍ଲାଣ୍ଟରରେ ଗଛ ଲଗାଇପାରିବେ । ରେଲିଂରେ ଓହଳା ବାସ୍କେଟ୍ ଟାଙ୍ଗି ସେଥିରେ ଚେରି ଟମାଟୋ, ପୁଦିନା, ଧଣିଆ ଆଦି ଗଛ ଲଗାଇବା ଭଲ । ଭାରି କୁଣ୍ଡ ବଦଳରେ ହାଲୁକା ପ୍ଲାଷ୍ଟିକ କୁଣ୍ଡ ବ୍ୟବହାର ଜରୁରି । ଟେରାକୋଟା କୁଣ୍ଡ ବା କଣ୍ଟେନର ବ୍ୟବହାର କରିପାରିବେ । ଖତ ମିଶା ମାଟିରେ ଅଳ୍ପ କୋକୋପିଟ୍ ଓ ବାଲି



ମିଶାଇ ଗଛ ଲଗାଇବା ଦ୍ୱାରା ଗଛର ବିକାଶ ଭଲ ହୁଏ ।

**ଟେବୁଲରେ ସଜାନ୍ତୁ:** ବାଲ୍‌କୋନିର ଆକାର ଛୋଟ ଥିଲେ ର୍ୟାକ୍ ବନାଇ ସେଥିରେ ଗଛ ଲଗାଇ ପାରିବେ । ନତୁବା ବାଲକୋନି ମଝିରେ ଗୋଟିଏ ଛୋଟ କଫି ଟେବୁଲ ରଖି ସେଥିରେ ଛୋଟ କୁଣ୍ଡରେ ଅଳଙ୍କାରିକ ଗଛ ଲଗାଇପାରିବେ । ଏହା ବାଲ୍‌କୋନିର ସୌନ୍ଦର୍ଯ୍ୟ ବୃଦ୍ଧି କରାଏ ।

**ବୋତଲ ଓ ପାଇପ୍‌ର ଉପଯୋଗ:** ବଡ଼ ପାଇପ୍‌ର ଦୁଇ ପାର୍ଶ୍ୱରେ ରସି ବାନ୍ଧି କାନ୍ଥ କିମ୍ବା ବାଲକୋନିରେ ଓହଳାଇ ପାରିବେ । ପାଇପ୍ ମଝି ଅଂଶକୁ କାଟି ଶୁଖିଲା ଖତ ଓ ମାଟି ଦେଇ ସେଥିରେ ବିଭିନ୍ନ ପ୍ରକାର ଫୁଲ ଓ ଫଳ ଗଛ ଧାଡି ଧାଡି କରି ଲଗାଇପାରିବେ ।

**ପ୍ଲାଣ୍ଟ ସ୍କ୍ରିନ୍‌ର ସାହାଯ୍ୟ ନିଅନ୍ତୁ:** ବାଲ୍‌କୋନିକୁ ଅଧିକ ଆକର୍ଷଣୀୟ କରିବାକୁ ବାଉଁଶ ନିର୍ମିତ ସ୍କ୍ରିନ୍ କିମ୍ବା ସବୁଜ ସ୍କ୍ରିନ୍‌କୁ ବାଲକୋନିର ଏକ କୋଣକୁ ଢ଼ାଙ୍କି ପାରିବେ । ବାଲକୋନି ବଗିଚା ପାଇଁ ପରିବାଚୋପା, ଛଡ଼ାଫୁଲ, ତୁଳସୀ, ବେଲପତ୍ର ଆଦିକୁ ସଢ଼ାଇ ସେଥିରେ ଗୋବର, ଗୋମୂତ୍ର ସୋରିଷପିଡିଆ ଆଦି ମିଶାଇ ଖତ କରିପାରିବେ ।

# ଚାଷୀଙ୍କ ଶ୍ରମ ଲାଘବ କରିବ କୃଷିବଟ୍

**ଫସଲରେ ରୋଗ ପୋକ ନିୟନ୍ତ୍ରଣ କରିବାକୁ ଚାଷୀ ବିଭିନ୍ନ ଉପାୟ ଆପଣାନ୍ତି । କୀଟନାଶକ ସିଞ୍ଚନ କରିବାକୁ ଚାଷୀ କୀଟନାଶକ ଯନ୍ତ୍ରକୁ ବୋହି ବୋହି ଅଧିକ ଯନ୍ତ୍ରଣା ସହିଥାନ୍ତି । ଏଥିପାଇଁ ସମୟ ଓ ଖର୍ଚ୍ଚ ମଧ୍ୟ ବଢ଼ିଯାଏ । ତେଣୁ ନିଜ ଦାଦାଙ୍କୁ ଅଙ୍ଗୁର ଚାଷରେ ଏପରି କାମ କରି ଥକି ପଡୁଥିବା ଦେଖି ମହାରାଷ୍ଟ୍ର, ନାସିକ ଜିଲ୍ଲା, ୱାନ୍‌ଖେଡେର ୧୭ ବର୍ଷୀୟ ଆଦିତ୍ୟ ପିଙ୍ଗଲେ କୃଷିବଟ୍ ନାମକ ଏକ ମୋବାଇଲ ନିୟନ୍ତ୍ରିତ ରୋବଟ୍ ବିକଶିତ କରିଛନ୍ତି ।**

କୀଟନାଶକ ସିଞ୍ଚନରୁ ହେଉଥିବା ଚାଷୀଙ୍କ ଶାରୀରିକ ଶ୍ରମ କମ୍ କରିବା ଏହି ରୋବଟ୍‌ର ମୁଖ୍ୟ ଉଦ୍ଦେଶ୍ୟ । ବେକାର ତଥା ବର୍ଜ୍ୟ ସାମଗ୍ରୀ ଯଥା- ପୁରୁଣା ଟାୟାର, ୧୨ ଭୋଲ୍ଟ ଖେଳନା ଗାଡିରୁ ବାହାରିଥିବା ବ୍ୟାଟେରୀରୁ କୃଷିବଟ୍ ତିଆରି କରାଯାଇଛି । ଏହି ରୋବଟ୍‌ଟି ମୋବାଇଲ୍ - ନିୟନ୍ତ୍ରିତ ତଥା ୧୨ ଭୋଲ୍ଟ ରିଚାର୍ଜେବୁଲ ବ୍ୟାଟେରୀ ଚାଳିତ । ୱାଇ-ଫାଇ ସକ୍ଷମ ମାଇକ୍ରୋକଣ୍ଟ୍ରୋଲର ଥିବାରୁ ଏହା ମୋବାଇଲ୍ ଫୋନ୍ ସହିତ ଜଡିତ ହୋଇଥାଏ । ଯାହାକୁ ସହଜରେ ନିୟନ୍ତ୍ରଣ କରାଯାଇଥାଏ । ତେଣୁ ଚାଷୀଙ୍କୁ ଆଉ ଭାରି ଉପକରଣ ନେଇ କ୍ଷେତକୁ ଯିବାକୁ ପଡ଼େନାହିଁ । ଏଥିପାଇଁ ଆଦିତ୍ୟ ନବମ ଶ୍ରେଣୀରେ ପଢ଼ିବା ବେଳେ ମୋବାଇଲ ମରାମତି କାର୍ଯ୍ୟର ଏକ କୋର୍ସ ଶେଷ କରିଥିଲେ । ଏଥିପାଇଁ ତାଙ୍କୁ ସଲାମ ବମ୍ବେର ସହଯୋଗ ମିଳିଥିଲା । ବନ୍ଧୁ ପରାଶରାମ ପିଙ୍ଗଲ ଏବଂ ଅଭିଜିତ ପାୱାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ଏହି କୃଷିବଟକୁ ଫୋନ୍ ଜରିଆରେ ଯେକୌଣସି ଦିଗକୁ ବୁଲାଇ ହୁଏ । ସ୍ପ୍ରେୟରକୁ ନିୟନ୍ତ୍ରିତ କରାଯାଇପାରେ । ଗୋଟିଏ ସ୍ଥାନରେ ବସି ବସି କମ୍ ସମୟରେ ଜମିରେ କୀଟନାଶକ ସିଞ୍ଚନ କରିବାରେ ସାହାଯ୍ୟ କରିଥାଏ । ଏହି ରୋବଟ୍‌ରେ ୩୬୦ ଡିଗ୍ରୀର



ଏକ କ୍ୟାମେରା ମଧ୍ୟ ଲଗାଯାଇଛି । ଯାହାଦ୍ୱାରା ଚାଷୀଙ୍କୁ ଚାଷ ଜମିର ବାସ୍ତବ ଦୃଶ୍ୟ ଦେଖିବାକୁ ସୁଯୋଗ ମିଳିପାରିବ । ଏହି ଉପକରଣରେ ନଟ୍ ଭୋଲ୍ଟ ଯନ୍ତ୍ର ଲଗାଇଥିବାରୁ ଫସଲର ଉଚ୍ଚତା ଆଧାରରେ ଏହି ସିଞ୍ଚନକୁ ଉପର ତଳ କରାଯାଇପାରିବ । ଏଥିପାଇଁ ସେ ପ୍ରଥମେ ଅଙ୍ଗୁର ଏବଂ ପୁଦିନା ଜମିରେ ଏହି ଉପକରଣର ପରୀକ୍ଷଣ କରିଥିଲେ । ଏଥିରେ ସଫଳ ହୋଇଥିଲେ । ଏହି ଉପକରଣରେ ସିଞ୍ଚନ କରିବାରେ ଅଧିକ ସମୟ ଲାଗି ନ ଥାଏ । ଶାରୀରିକ ପରିଶ୍ରମ କମ୍ କରିବା ସହ ଖର୍ଚ୍ଚ ମଧ୍ୟ କମ୍ କରିଥାଏ । ଏହା ହାଲୁକା, କମ୍ପାକ୍ଟ ହୋଇଥିବାରୁ ଯେକୌଣସି ସ୍ଥାନକୁ ଅତି ସହଜରେ ନେଇ ହୁଏ । ଆଗାମୀ ଦିନରେ ଆଦିତ୍ୟ ଏପରି ଏକ ରୋବଟ ବନାଇବାକୁ ଚାହୁଁଛନ୍ତି ଯାହା ଫସଲରେ କୀଟ ନିୟନ୍ତ୍ରଣ କରିବା ସହ ଘାସ କାଟିବା ସହିତ ପୁରା ଜମିର ଦେଖାଶୁଣା କରିପାରିବ ।

# ବର୍ଷାଦିନେ କୁକୁଡ଼ାଙ୍କ ଯତ୍ନ

**ବାଡ଼ି ଅଗଣାରେ କୁକୁଡ଼ା ଚାଷ କରି ଆମ ରାଜ୍ୟର ଚାଷୀଭାଇମାନେ ସ୍ୱାବଲମ୍ବୀ ହୋଇପାରୁଛନ୍ତି । ତେବେ ବର୍ଷାଦିନରେ ଅଗଣା, ବାଡ଼ି ଓଦା ଓ କାଦୁଅ ହୋଇଥାଏ । ଓଦା ପରିବେଶରେ ପୋକ, ମାଛି, ଫିମ୍ପି ବୃଦ୍ଧି ପାଉଥିବାବେଳେ ସେଠାରେ କୁକୁଡ଼ା ଚରିବା ଦ୍ୱାରା ସେମାନଙ୍କଠାରେ ଅନେକ ରୋଗ ସୃଷ୍ଟି ହୋଇଥାଏ । ତନ୍ମଧ୍ୟରୁ ବସନ୍ତ, ପତଳାଝାଡ଼ା, କୃମିଜନିତ ସମସ୍ୟା, ଘୁମା ରୋଗ ଦେଖାଦେଇଥାଏ । ତେଣୁ ଏହି ଦିନେ କିପରି କୁକୁଡ଼ାଙ୍କ ଯତ୍ନ ନେବେ ଜାଣି ରଖନ୍ତୁ ।**

ଏହି ଦିନେ ସେମାନଙ୍କ ରହିବା ସ୍ଥାନକୁ ସଫା ଓ ଶୁଖିଲା ରଖିବା ଜରୁରି । ପାଣି ଜମିବାକୁ ଦିଅନ୍ତୁନି । ବର୍ଷାଦିନେ ସେମାନଙ୍କ ଶରୀରର ଶକ୍ତି ବୃଦ୍ଧି ପାଇଁ ପୌଷ୍ଟିକ ଖାଦ୍ୟ ଦେବା ଆବଶ୍ୟକ । ସଫା ପାଣି ପିଇବାକୁ ବନ୍ଦୋବସ୍ତ କରିବା ସହ ଶୁଖିଲା ଦାନା ଖାଇବାକୁ ଦେବା ଆବଶ୍ୟକ । ସାଧାରଣତଃ ବର୍ଷାଦିନେ ବସନ୍ତ ରୋଗ ହେବା ଦ୍ୱାରା କୁକୁଡ଼ାଙ୍କ ଆଖି ମୁହଁରେ ଫୋଟକା ସୃଷ୍ଟି ହୋଇଥାଏ । ଏଥିଯୋଗୁଁ କୁକୁଡା ଭଲ ଭାବେ ଦେଖିପାରନ୍ତିନି । ତେଣୁ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଫାଉଲପକ୍ସ ନାମକ ବସନ୍ତ ଟିକା କୁକୁଡ଼ାକୁ ଦେବା ଜରୁରି । ମଛାମାଶିରୁ ସୁରକ୍ଷା ଦେବାକୁ ଫାର୍ମରେ ଜାଲି ଲଗାଇପାରିବେ । ଆଖପାଖରେ ପାଣି ଜମିବାକୁ ଦିଅନ୍ତୁନି । ନିମ୍ବ ଧୂଆଁ କିମ୍ବା ହର୍ବାଲ ସିଞ୍ଚନ କରିପାରିବେ । ଫାର୍ମରେ ଲାଇଟ୍ ଲଗାଇବା ଭଲ ବିକଳ୍ପ । ସେହିପରି ଓଦା ଦାନା, କାଠିକୁଟା, କୀଟ ଖାଇବା



ଦ୍ୱାରା କୁକୁଡ଼ାଙ୍କୁ ପତଳାଝାଡ଼ା ହୋଇପାରେ । ଏହି ଲକ୍ଷଣ ଦେଖିଲେ ଆଲବେଣ୍ଡାଜଲ ସିରାପ୍‌କୁ ଗୋଟିଏ ଠିପା ଆଖିରେ ପକାଇପାରିବେ । କୁକୁଡ଼ାଙ୍କ ମୁଣ୍ଡବୁଲାଇବା ସମସ୍ୟା ତଥା ଘୁମାରୋଗ ଯୋଗୁଁ କୁକୁଡ଼ା ମୃତ୍ୟୁମୁଖରେ ପଡ଼ିଥାନ୍ତି । ଏନେଇ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କରନ୍ତୁ । ସେହିପରି କୁକୁଡ଼ାଙ୍କ କୃମିଜନିତ ସମସ୍ୟା ଲାଗି ବର୍ଷକୁ ୪ଥର କୃମିନାଶକ ବଟିକା ଦିଅନ୍ତୁ ।

# ଆଖୁ ପତ୍ର କଳା ପଡୁଥିଲେ

ଆଖୁ ଏକ ଅର୍ଥକାରୀ ଫସଲ । ଚିନି ଗୁଡ଼ ପ୍ରସ୍ତୁତି ପାଇଁ ଆଖୁର ବ୍ୟବହାର କରାଯାଏ । ଆଖୁ ଚାଷୀଙ୍କ ପାଇଁ ଅଗଷ୍ଟ ମାସ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହି ସମୟଟି ଗଛ ବଢ଼ିବାର ସମୟ । ତା ସହିତ ଆଖୁରେ ଇଣ୍ଟରନୋଡ ତଥା ପବ ଛାଡ଼ିବା ପ୍ରକ୍ରିୟା ଆରମ୍ଭ ହୋଇଯାଇଥାଏ । ସାଧାରଣତଃ ବର୍ଷାଦିନେ ଆଖୁ ଫସଲରେ ବିଭିନ୍ନ ପୋକ ଲାଗିବାର ଆଶଙ୍କା ବୃଦ୍ଧି ପାଇଥାଏ । ତନ୍ମଧ୍ୟରୁ ପତ୍ରଖିଆ ପୋକ, ଜଉପୋକ ଫସଲକୁ ଅଧିକ ପ୍ରଭାବିତ କରିଥାନ୍ତି । ପତ୍ରରୁ ରସ ଶୋଷି ନେଇଥାନ୍ତି । ଆଖୁ ପତ୍ରଗୁଡ଼ିକ ଧୀରେ ଧୀରେ କଳା ରଙ୍ଗ ହୋଇଯାଇଥାଏ । ଏହା ଗଛ ବୃଦ୍ଧିରେ ସମସ୍ୟା ସୃଷ୍ଟି କରିଥାଏ । ତେଣୁ କୃଷି ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ପତ୍ରରୁ ରସ ଶୋଷିନେଉଥିବା ଶୋଷକ କୀଟର ନିୟନ୍ତ୍ରଣ ପାଇଁ ୫ ଲିଟର କ୍ଲୋରୋପାଇରିଫସ୍ ୨୦% ଇସି ଘୋଳ କରି ଏକ ହେକ୍ଟରରେ ସିଞ୍ଚନ କରିପାରିବେ । ବର୍ଷା ବଦଳରେ ଲଗାତାର ଖରାଟିଆ ପାଗ ରହିଲେ ଆଖୁ ଫସଲରେ ଦହିଆ ପୋକ ଲାଗିବାର ଆଶଙ୍କା ଅଧିକ ଦେଖାଯାଏ । ଏହି ପୋକ ଲାଗିଲେ ଗଛରେ ମେଞ୍ଚା ମେଞ୍ଚା ଦହି ଛିଞ୍ଚିହେବା ପରି ଲାଗିଥାଏ । ତେଣୁ ଏହାର ନିୟନ୍ତ୍ରଣ ପାଇଁ ଅନୁମୋଦିତ ହାରରେ ଇମିଡାକ୍ଲୋପ୍ରିଡ କୀଟନାଶକ ସିଞ୍ଚନ କରିବା ଆବଶ୍ୟକ । ଯଦି ଚାହିଁବେ ଫସଲରେ ଜୈବିକ ଖତ ତଥା କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରିପାରିବେ । ବର୍ଷା ସମୟରେ କୀଟନାଶକ ପ୍ରୟୋଗ କରିବା ଅନୁଚିତ । ଔଷଧ ସିଞ୍ଚନ ପରେ ଯଦି ବର୍ଷା ହୋଇଯାଏ କିମ୍ବା ପୋକ ଫସଲରେ ପୁଣି ଦୃଶ୍ୟମାନ ହୁଅନ୍ତି, ୨୦ରୁ ୨୫ ଦିନ ଅନ୍ତରରେ ଉପରୋକ୍ତ କୌଣସି ଏକ କୀଟନାଶକ ସିଞ୍ଚନ କରିପାରିବେ ।



# ଚାକିରି ଛାଡ଼ି ପାଣିରେ ଚାଷ

**ଅଧୁନା ଲୋକମାନେ ଆଧୁନିକ କୌଶଳରେ ଚାଷ କରୁଛନ୍ତି । ଏଥିରେ ହାଇଡ୍ରୋପୋନିକ ଚାଷ ଅନ୍ତର୍ଭୁକ୍ତ । ଏହି କୌଶଳରେ ଚାଷୀମାନେ ଭଲ ଟଙ୍କା ରୋଜଗାର କରୁଛନ୍ତି । ତେଣୁ ଚାଷର ଚାହିଦା ଦେଖି ବିହାର, କଙ୍କଡବାଗ ଅଞ୍ଚଳର ମହମ୍ମଦ ଜାଭେଦ ସରକାରି ଚାକିରି ଛାଡି ହାଇଡ୍ରୋପୋନିକ କୌଶଳରେ ନର୍ସରୀ ଚଳାଉଛନ୍ତି । ଏହାସହିତ ବିଦ୍ୟାର୍ଥୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି ।**

୧୯୯୩ ମସିହାରେ ପାଟଣା କୃଷି ବିଜ୍ଞାନ କେନ୍ଦ୍ରରେ ସେ କାର୍ଯ୍ୟରତ ଥିଲେ । ପରବର୍ତ୍ତୀ ସମୟରେ ହାଇଡ୍ରୋପୋନିକ କୌଶଳ ସହିତ ଜଡିତ ଜ୍ଞାନ ତାଙ୍କୁ ପ୍ରଭାବିତ କରିଥିଲା । ତେଣୁ ସେ ବିନା ମାଟିରେ ପନିପରିବା ସହିତ ଘରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଇନଡୋର ଏବଂ ଆଉଟଡୋର ଗଛକୁ ପାଣିରେ ଲଗାଇଲେ । ୨୦୨୦ ମସିହାରେ ସେ ଘରେ ହାଇଡ୍ରୋପୋନିକ କୌଶଳରେ ଇନଡୋର ଏବଂ ଆଉଟଡୋର ଗଛର ଏକ ଦୋକାନ ମଧ୍ୟ ଖୋଲିଥିଲେ । ଏଠାରେ ୧୦୦ଟଙ୍କାରୁ ନେଇ ୧୦୦୦ଟଙ୍କାର ଗଛ ଉପଲବ୍ଧ ଥିଲା । ଅବଶ୍ୟ ଏହି କାମ ପାଇଁ ସେ ଚାରିଜଣଙ୍କୁ ରୋଜଗାର ଦେଇଥିଲେ । ହାଇଡ୍ରୋପୋନିକ କୌଶଳରେ ବ୍ୟବସାୟ ସହିତ ଘର, ଛାତ, ବାଲ୍‌କୋନି ସବୁଠି ଫଳ ପନିପରିବା ଫଳାଇଛନ୍ତି । ସମନ୍ୱିତ କୃଷି ପ୍ରଣାଳୀରେ ସେ ଘର ଛାତରେ କୁକୁଡ଼ା, ସ୍ୱତନ୍ତ୍ର ପକ୍ଷୀ, ମାଛ ପାଳନ କରୁଛନ୍ତି । ବର୍ତ୍ତମାନ ତାଙ୍କ ପାଖେ ୩୦୦ରୁ ଅଧିକ ଗଛ ରହିଛି । ତନ୍ମଧ୍ୟରୁ ବାଇଗଣ, ଜହ୍ନି, ଟମାଟୋ, ଲଙ୍କା, ଲାଉ ସହିତ ଅନେକ ପନିପରିବା, ଫଳ, ଅଳଙ୍କାରିକ ଗଛ ଆଦି ସାମିଲ ରହିଛି । ସବୁଠୁ ବଡ଼ କଥା ହେଉଛି, ବର୍ଷା ଜଳ ସଂରକ୍ଷଣ ପ୍ରଣାଳୀରେ ସେ ଭୂଜଳସ୍ତର ସମନ୍ୱୟ ରଖିବାରେ ଯୋଗଦାନ ଦେଉଛନ୍ତି । ବିଦ୍ୟାର୍ଥୀଙ୍କୁ ସେ ଏ ସମ୍ବନ୍ଧୀୟ ଶିକ୍ଷା ମଧ୍ୟ




ଦେଉଛନ୍ତି । ତାଙ୍କ କହିବାନୁସାରେ, ହାଇଡ୍ରୋପୋନିକ କୌଶଳରେ ଗଛର ମୂଳର ସଂରଚନା ସ୍ପଷ୍ଟ ରୂପେ ଦେଖାଯାଇଥାଏ । ଯାହାକି ମାଟିରେ ସମ୍ଭବ ହୁଏ ନାହିଁ । କେବଳ ପାଣି ବ୍ୟବହାର କରି ଏହି ଚାଷ କରିବା ସମ୍ଭବ । ଏନେଇ ସେ ହାଇଡ୍ରୋପୋନିକ୍ ଚାଷ ଉପରେ ୧୧ଟି ବହି ଲେଖିଛନ୍ତି । ଏଥିରେ ବିଭିନ୍ନ ପଦ୍ଧତିରେ ଗଛର ଦେଖାରଖା, ସହରରେ ଚାଷ ପଦ୍ଧତି ବିଷୟରେ ବିସ୍ତୃତ ଭାବେ ଲେଖିଛନ୍ତି । ଭବିଷ୍ୟତରେ ହାଇଡ୍ରୋପୋନିକ ଚାଷର ଆଦର ବଢ଼ିବ ।

ଏଥିରେ କମ୍ ପାଣି ଏବଂ ଅଳ୍ପ ସମୟ ଲାଗିଥାଏ । ଏଥିରେ ମାଟିର ଆବଶ୍ୟକତା ନ ଥିବାରୁ ଘରେ ଜଳବାୟୁ ନିୟନ୍ତ୍ରଣ କରି ଚାଷ କରାଯାଏ । କେବଳ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଗଛରେ ତରଳ ସାର ପ୍ରୟୋଗ କରାଯାଏ । ବର୍ତ୍ତମାନ ସେ ପାଣି ସାହାଯ୍ୟରେ ହାଇଡ୍ରୋପୋନିକ ପଦ୍ଧତିରେ ଗହମ ଉତ୍ପାଦନ କରୁଛନ୍ତି । ଏଥିରେ ଯଦି ସଫଳ ହୁଅନ୍ତି ଭବିଷ୍ୟତରେ ଏହା କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ।

# କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ...**

- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ କରି ନ ଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରିଦିଅନ୍ତୁ ।
- ମକା, ଚିନାବାଦାମ ଓ ଶସ୍ୟ ଜାତୀୟ ଫସଲରେ ଶୋଷକ କୀଟ ଯଥା ଜଉ, ଉକୁଣିଆ, ପତ୍ରଡିଆଁ ଦହିଆ ଓ ଧଳାମାଛି ଭଳି ପୋକର ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଲାଗିଥିବା ହଳଦିଆ ଯନ୍ତାକୁ ଜମିରେ ଲଗାନ୍ତୁ ।
- ଶସ୍ୟଜାତୀୟ ଫସଲ, ମକା, ଚିନାବାଦାମ ଏବଂ ପନିପରିବା ଆଦି ଚାଷ ହେଉଥିବା ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ ।
- ଏବେ ଆଫ୍ରିକୀୟ ଗେଣ୍ଡୁ ଲଗାଯାଇପାରିବ ।



# ଏସିଆ କପ୍ ଲାଗି ଭାରତୀୟ ଦଳ ଚୟନ ଆଜି



- **ସେପ୍ଟେମ୍ବର ୯ରୁ ଆରମ୍ଭ ଏସିଆ କପ୍**
- **୧୪ରେ ଭାରତ-ପାକିସ୍ତାନ ମୁକାବିଲା**
- **ସାମିଲ ହୋଇ ନ ପାରନ୍ତି କିଛି ପ୍ରମୁଖ ଖେଳାଳି**

ମୁମ୍ବଇ, ୧୮।୮ (ଏଜେନ୍ସି): ଟେଷ୍ଟ କ୍ରିକେଟରେ ହିରୋର ପ୍ରଦର୍ଶନ। ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ୭୫୦ ରନ୍ ସଂଗ୍ରହ ଓ ଗତ ଆଇପିଏଲ୍‌ରେ ଗୁଜରାଟ ଟାଇଟାନ୍ସର ନେତୃତ୍ୱ ନେଇ ୬୫୦ରୁ ଉର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିବା ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଏସିଆ କପ୍ ଲାଗି ଭାରତୀୟ ଦଳରେ ସ୍ଥାନ ମିଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ୟୁଏଇରେ ସେପ୍ଟେମ୍ବର ୯ରୁ ୨୮ ତାରିଖଯାଏ ଖେଳାଯିବ ଏସିଆ କପ୍। ଏହି ଟୁର୍ଣ୍ଣାମେଣ୍ଟ ଟି-୨୦ ଫର୍ମାଟରେ ଖେଳାଯାଉଥିବାରୁ ଗତ ୩ଟି ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ ପ୍ରଦର୍ଶନ କରିଥିବା ଫାଷ୍ଟ ବୋଲର ମହମ୍ମଦ୍ ସିରାଜଙ୍କୁ ଏସିଆ କପ୍ ଟିମ୍‌ରେ ସ୍ଥାନ ମିଳି ନ ପାରେ। ଏହା ମଧ୍ୟରେ ଫିଟ୍‌ନେସ୍ ଟେଷ୍ଟରେ ପାସ୍ ହୋଇ ସୂର୍ଯ୍ୟକୁମାର ଯାଦବ ମୁମ୍ବଇରେ ପହଞ୍ଚିଛନ୍ତି। ସେ ଆସନ୍ତାକାଲି ହେବାକୁ ଥିବା ବୈଠକରେ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି। ଏହାର ଅର୍ଥ ସ୍ପଷ୍ଟ ଯେ ସୂର୍ଯ୍ୟକୁମାର ଯାଦବ ପୂର୍ବପରି ଦଳର ଅଧିନାୟକ ରହିବେ। ସେ ଚାହୁଁଥିବା ଖେଳାଳିଙ୍କୁ ନିଶ୍ଚିତ ଦଳରେ ସୁଯୋଗ ମିଳିବ ବୋଲି ଆଶା କରିବା ସ୍ୱାଭାବିକ୍।

ଚୟନ କମିଟିର ସବୁଠାରୁ ବଡ଼ ଚିନ୍ତା ଶୁବମନ ଗିଲ୍‌ଙ୍କୁ ନେଇ। ଏବେ ଦଳରେ ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ଓପନର ଭାବେ ଖେଳୁଛନ୍ତି। ଇଂଲଣ୍ଡ ବିପକ୍ଷରେ ୫୪ ବଲ୍‌ରୁ ୧୫୫ ରନ୍ ସଂଗ୍ରହ କରିବା ପରେ ଅଭିଷେକ ବିଶ୍ୱର ନଂ-୧ କିମ୍ବା ୨ ନମ୍ବର ବ୍ୟାଟର ଭାବେ ଆଇସିସି ର୍‌ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଆସିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨ଟି ଓ ବାଂଲାଦେଶ ବିପକ୍ଷରେ ଗୋଟିଏ ଶତକ ହାସଲ କରିବା ପରେ ତିଳକ ବର୍ମାଙ୍କୁ ନଂ-୩ରୁ ହଟାଇବାକୁ ଚୟନ କମିଟି ସାହସ କରିବ ନାହିଁ। ଏପରି ସ୍ଥଳେ ସାମସନ, ଶର୍ମା ଓ ବର୍ମାଙ୍କ ସ୍ଥାନ ପ୍ରଥମ ୩ଟି ପୋଜିସନରେ ସୁରକ୍ଷିତ। ଏଣୁ ଦ୍ୱିତୀୟ ଓପନର ଭାବେ ଗିଲ୍‌ଙ୍କ ପରି ବ୍ୟାଟରଙ୍କୁ ଦଳରେ ସାମିଲ କରି ନ ଖେଳାଇବା ଟିମ୍ ଉପରେ ଖରାପ ପ୍ରଭାବ ପକାଇବ। ଗିଲ୍ ଏବେ କ୍ୱାଲିଟୀ ଓ ସଫଳତା ଦୃଷ୍ଟିରୁ ବିରାଟ କୋହଲିଙ୍କ ସହ ସମକକ୍ଷ ହେଉଛନ୍ତି। ଏଣୁ ଗୌତମ ଗମ୍ଭୀରଙ୍କ ସୁପାରିସ୍ ବିନା ଗିଲ୍ ଯେ ଦଳରେ ସ୍ଥାନ ପାଇବେ ନାହିଁ ଏହା ନିଃସନ୍ଦେହରେ କୁହାଯାଇପାରେ। କିନ୍ତୁ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲଙ୍କୁ ଦଳରେ ନିଆଗଲେ କୌଣସି ଅସୁବିଧା ହେବ ନାହିଁ ବୋଲି କୁହାଯାଉଛି। ଗତ ଟି-୨୦ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ ହୋଇଥିଲାବେଳେ ଗିଲ୍‌ଙ୍କୁ ଦଳରେ ଷ୍ଟାଣ୍ଡବାଇ ଖେଳାଳିଭାବେ ନିଆଯାଇଥିଲା। ଏହା ପରେ ଜିମ୍ବାୱେ ବିପକ୍ଷ ସିରିଜ୍‌ରେ ଅଧିନାୟକ ଓ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଉପଅଧିନାୟକ ଦାୟିତ୍ୱ ଦିଆଯାଇଥିଲା। ଏଭଳି ସ୍ଥିତିରେ ତାଙ୍କୁ ଦଳରେ ସାମିଲ କରାଗଲେ କେଉଁ ପୋଜିସନରେ ଖେଳାଇବେ ତାହାକୁ ନେଇ ଚିନ୍ତା। ଏବେ ନଂ-୪ରେ ସୂର୍ଯ୍ୟକୁମାର ଯାଦବ, ଆବଶ୍ୟକ ହେଲେ ଶ୍ରେୟସ ଆୟର, ହାର୍ଦ୍ଦିକ ପାଣ୍ଡ୍ୟା ଓ ରିଙ୍କୁ ସିଂ ଏମାନଙ୍କ ପଛରେ ବ୍ୟାଟିଂ କରିବାକୁ ଆସିବେ। ଗିଲ୍‌ଙ୍କ ଭଳି ଆୟର ମଧ୍ୟ ଦଳରେ ସ୍ଥାନ ପାଇବାର ଆଶା କମ୍। ଏଣୁ ଦୁଇ ସଫଳ ଖେଳାଳିଙ୍କୁ କିପରି ବାଦ୍ ଦିଆଯିବ, ଏହାର ପ୍ରଭାବ ଦଳ ଓ ଖେଳାଳିଙ୍କ ଉପରେ କିପରି ପଡ଼ିବ ତାହାକୁ ନେଇ ଏବେ ଚୟନ କମିଟି ଚିନ୍ତାରେ ରହିଛି।

ୱିକେଟକିପର ଭାବେ ସଞ୍ଜୁ ସାମସନ ରହିଥିଲାବେଳେ ଦ୍ୱିତୀୟ କିପର ଭାବେ ଜିତେଶ ଶର୍ମା ସ୍ଥାନ ପାଇବେ। ସ୍ପିନର ଭାବେ ଅକ୍ଷର ପଟେଲ, ବରୁଣ ଚକ୍ରବର୍ତ୍ତୀ, ୱାଶିଂଟନ ସୁନ୍ଦରଙ୍କ ସ୍ଥାନ ଏକପ୍ରକାର ନିଶ୍ଚିତ। କିନ୍ତୁ କୁଲଦୀପ ଯାଦବଙ୍କୁ ଯଦି ଦଳରେ ନେବାକୁ ସ୍ଥିର କରାଯାଏ ତେବେ ଏମାନଙ୍କ ସ୍ଥାନରେ କିଛି ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଏପରିକି ରବି ବିଷ୍ଣୋଇଙ୍କୁ ମଧ୍ୟ ସ୍ଥାନ ମିଳିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ସେହିପରି ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯଶପ୍ରୀତ୍ ବୁମ୍‌ରା ଫିଟ ଥିବାରୁ ସେ ନଂ-୧ ପେସ୍ ବୋଲର ଭାବେ ରହିବେ।

ନିକଟରେ ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ସର୍ବାଧିକ ୧୪ଟି ୱିକେଟ ନେବା ଓ ଉତ୍ସାହଜନକ ଖେଳି ଭାରତକୁ ସିରିଜ୍ ବରାବର କରାଇଥିବା ମହମ୍ମଦ୍ ସିରାଜଙ୍କୁ ଏହି ଟିମ୍‌ରେ ସ୍ଥାନ ହାସଲ କରିବାକୁ ସଂଘର୍ଷ କରିପାରନ୍ତି। ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣାଙ୍କ ଯୋଡିକୁ ଅଲଗା କରାଯିବ ନାହିଁ। ପାଣ୍ଡ୍ୟା ମଧ୍ୟ ପେସ୍ ବୋଲିଂ କରିବେ। ଶିବମ ଦୁବେଙ୍କ ନା ମଧ୍ୟ ଚର୍ଚ୍ଚାରେ ରହିଛି। ଭାରତ ୪ଜଣ ଅଲରାଉଣ୍ଡରଙ୍କୁ ସାମିଲ କଲେ ପାଣ୍ଡ୍ୟା, ଦୁବେ, ସୁନ୍ଦର ଓ ଉପଅଧିନାୟକ ପଟେଲଙ୍କୁ ଦଳରେ ସ୍ଥାନ ମିଳିବ। ଏଠାରେ ସୂଚନାଯୋଗ୍ୟ ଏସିଆ କପ୍ ଲାଗି ୧୫ଜଣ ଖେଳାଳିଙ୍କୁ ସାମିଲ କରାଯିବ। ଏଣୁ ଚୟନ କମିଟି କିଛି କଡ଼ା ନିଷ୍ପତ୍ତି ନେବା ନିଶ୍ଚିତ। କାରଣ ଭଲ ଖେଳୁଥିଲେ ମଧ୍ୟ ସମସ୍ତଙ୍କୁ ୧୫ଜଣଙ୍କ ମଧ୍ୟରେ ସାମିଲ କରିବା କଷ୍ଟକର। ଆସନ୍ତାକାଲି ବା ମଙ୍ଗଳବାର ହେବାକୁ ଥିବା ବୈଠକରେ ଏହା ଚୂଡାନ୍ତ ହେବ।

## ପେରୁ ପାରା ବ୍ୟାଡ୍‌ମିଣ୍ଟନରେ ଦୀପ୍‌ରଞ୍ଜନ, ଶୁଭ୍ରଜିତ୍‌ଙ୍କ ଚମକ

ଭୁବନେଶ୍ୱର, ୧୮।୮ (ସମିସ): ପେରୁରେ ଅନୁଷ୍ଠିତ ପେରୁ ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ଲେଭଲ-୨ ଟୁର୍ଣ୍ଣାମେଣ୍ଟରେ ଓଡ଼ିଆ ଖେଳାଳିଙ୍କ ଚମକ ଦେଖିବାକୁ ମିଳିଛି। ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶାର ଦୀପ୍‌ରଞ୍ଜନ ବିଶୋୟୀ ଓ ଶୁଭ୍ରଜିତ ମହାରଣା ପଦକ ସଫଳତା ପାଇଛନ୍ତି। ପୁରୁଷ ଡବଲ୍ସ ଏସ୍‌ଏଲସ୍ ୩- ଏସ୍‌ୟୁ ୪ କାଟାଗୋରୀରେ



ଦୀପରଞ୍ଜନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେ ମନୋଜ ସରକାରଙ୍କୁ ସାଥୀ କରି କୋର୍ଟକୁ ଅବତୀର୍ଣ୍ଣ ହୋଇଥିଲେ। ସେହିଭଳି ଏହି କାଟାଗୋରୀରେ ଓଡ଼ିଶାର ଶୁଭ୍ରଜିତ ଓ ତାଙ୍କ ପାର୍ଟନର ମହମ୍ମଦ ଅରୱାଜ ଅନସାରୀ ଯୋଡ଼ି ୩ୟ ସ୍ଥାନରେ ରହି କାଂସ୍ୟ ପଦକ ପାଇଛନ୍ତି। ଫଳରେ ଓଡ଼ିଶା ଖେଳାଳିମାନେ ମୋଟ୍ ଉପରେ ୩ଟି ପଦକ ବିଜୟୀ ହୋଇଛନ୍ତି। ଏହି ସଫଳତା ଲାଗି ଦୀପ୍‌ରଞ୍ଜନ ଓ ଶୁଭ୍ରଜିତ୍‌ଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

- **ଜାତୀୟ ଜୁନିଅର ହକି ଚାମ୍ପିଅନସିପ୍**

## ଅପରାଜେୟ ସହ କ୍ୱାର୍ଟରରେ ଓଡ଼ିଶା



ଭୁବନେଶ୍ୱର, ୧୮।୮ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ପଞ୍ଜାବରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକି ଚାମ୍ପିଅନସିପ୍‌ରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସୋମବାର ଓଡ଼ିଶା ଖେଳିଥିବା ଏହାର ୨ୟ ପୁଲ୍ ମ୍ୟାଚରେ ଆନ୍ଧ୍ର ପ୍ରଦେଶକୁ ଏକପାଖିଆ ଭାବେ ୧୦-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଓଡ଼ିଶା ପକ୍ଷରୁ ପ୍ରଦୀପ ମଣ୍ଡଳ, କରଣ ଲାକ୍ରା, ଦୀପକ ପ୍ରଧାନ ଓ ବିଲକାନ ଓରାମ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୨-୧ ଗୋଲରେ କର୍ଣ୍ଣାଟକକୁ ମାତ୍ ଦେଇଥିଲା। ଫଳରେ ଦୁଇଟି ମ୍ୟାଚରୁ ୨ ବିଜୟ ସହ ୬ ପଏଣ୍ଟ ପାଇ ଓଡ଼ିଶା ପୁଲ୍-ଡି'ରେ ଅପରାଜେୟ ରହି କ୍ୱାର୍ଟର ଫାଇନାଲ ଟିକଟ୍ ହାସଲ କରିଛି। ବୁଧବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ଓଡ଼ିଶାର ମୁକାବିଲା ମଣିପୁର ସହ ହେବ।

- **ରାଜ୍ୟ ଜୁନିଅର ଓ ସବଜୁନିଅର ପେଙ୍କାକ ସିଲାଟ**

## ଝାରସୁଗୁଡ଼ା ଚାମ୍ପିଅନ



ଭୁବନେଶ୍ୱର, ୧୮।୮ (ସମିସ): ଝାରସୁଗୁଡ଼ାର ପୌର ପରିଷଦ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଅଡିଟୋରିୟମରେ ରାଜ୍ୟ ଜୁନିଅର ଓ ସବ୍‌ଜୁନିଅର ପେଙ୍କାକ ସିଲାଟ ଚାମ୍ପିଅନସିପର ୮ମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପେଙ୍କାକ ସିଲାଟ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଇଣ୍ଡୋନେସିଆ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ ଝାରସୁଗୁଡ଼ା ଚାମ୍ପିଅନ ହୋଇଛି। ସେହିଭଳି ସୁନ୍ଦରଗଡ଼ ୨ୟ ଓ ଖୋର୍ଦ୍ଧା ୩ୟ ସ୍ଥାନ ହାସଲ କରିଛି। ଦୁଇଦିନିଆ ପ୍ରତିଯୋଗିତାରେ ରାଜ୍ୟର ୩୫୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ପ୍ରସାଦ ତାମଙ୍ଗ, ବିଜୟ ବେହେରା, ବିଜୟ ଦାସ, କ୍ୟାପଟେନ ମାନସ ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ସଂଘର ସଭାପତି ତାପସ କୁମାର ରାୟଚୌଧୁରୀ, ସମ୍ପାଦକ ପ୍ରେମ ସିଂ ଥାପ୍ପା, କୋଷାଧ୍ୟକ୍ଷ ଭବାନୀ ସାହୁ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଭାରତୀୟ ମହାସଂଘର ଆଇଟି ଡାଇରେକ୍ଟର ଆଦିଲ ମଞ୍ଜୁର ପ୍ରମୁଖ ଉପସ୍ଥିତ ଥିଲେ।

## ସାଫ୍ ଚାମ୍ପିଅନସିପ୍ ଭାରତୀୟ ଦଳରେ ରୀତୁ



କଟକ, ୧୮।୮ (ସମିସ): ଭୁଟାନରେ ଖେଳାଯିବାକୁ ଥିବା ଆଗାମୀ ସାଫ୍ ଚାମ୍ପିଅନସିପ୍ ଲାଗି ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ୍ ଦଳ ଘୋଷଣା କରାଯାଇଛି। ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଘୋଷିତ ୨୩ ଜଣିଆ ଦଳରେ ଓଡ଼ିଶାର ରୀତୁ ବଡ଼ାଇକ ସ୍ଥାନ ପାଇଛନ୍ତି। ଅଗଷ୍ଟ ୨୦ରେ ନେପାଳ ବିପକ୍ଷରେ ଖେଳି ଭାରତ ସାଫ୍ ଚାମ୍ପିଅନସିପରେ ଅଭିଯାନ ଆରମ୍ଭ କରିବ। ଏହାପରେ ଅଗଷ୍ଟ ୨୨ରେ ବାଂଲାଦେଶ, ୨୪ରେ ଭୁଟାନ, ୨୭ରେ ଭୁଟାନ, ୨୯ରେ ନେପାଳ ଓ ୩୧ରେ ବାଂଲାଦେଶ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅଂଶଗ୍ରହଣକାରୀ ପ୍ରତି ଦଳ ପରସ୍ପର ବିପକ୍ଷରେ ୨ଥର ଲେଖାଏ ଖେଳିବେ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ରୀତୁଙ୍କୁ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

## ଅଶୋକ ପଟ୍ଟନାୟକ ସ୍ମାରକୀ ବନ୍ଧୁକଚାଳନା ଓ ବାହୁକୁସ୍ତି

ଭୁବନେଶ୍ୱର, ୧୮।୮ (ସମିସ): ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ଓ ଉତ୍କଳ କରାଟେ ସ୍କୁଲର ମିଳିତ ଆନୁକୂଲ୍ୟରେ ସୋମବାର ଡ. ଅଶୋକ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓସ୍‌ଜାର ବରିଷ୍ଠ ଉପସଭାପତି ସମୀକ୍ଷା ପଟ୍ଟନାୟକ ଶ୍ରଦ୍ଧାସୁମନ ଜଣାଇଥିଲେ। ସେହିଭଳି ଯୁଗ୍ମ ସମ୍ପାଦକ ସଞ୍ଜୀବ ବିଶ୍ୱାଳ କ୍ରୀଡ଼ା ସାମ୍ବାଦିକ ଅଶୋକ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଓସ୍‌ଜାର କର୍ମକର୍ତ୍ତାଙ୍କ ମଧ୍ୟରେ ସୌଖିନ ବନ୍ଧୁକ ଚାଳନା ଓ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।




ବାହୁ କୁସ୍ତି ୨ଟି ଓଜନ ବର୍ଗରେ ହୋଇଥିଲା। ୭୫ କିଗ୍ରାରୁ କମ୍ ବର୍ଗରେ ତୁଷାର ସେନାପତି, ଶକ୍ତିପ୍ରସାଦ ନନ୍ଦ ଓ ରଞ୍ଜନ ରାୟ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ୭୫ କିଗ୍ରାରୁ ଉର୍ଦ୍ଧ୍ୱ ବିଭାଗରେ ସନ୍ଦୀପ ମିଶ୍ର, ଅନାଦି କର ଓ ସଞ୍ଜୀବ ବିଶ୍ୱାଳ କ୍ରମାନ୍ୱୟରେ ପ୍ରଥମ ୩ଟି ସ୍ଥାନରେ ରହି ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ଅପରପକ୍ଷରେ ସୁଟିଂ ଇଭେଣ୍ଟ ୩ଟି ବୟସ କାଟାଗୋରୀକୁ ନେଇ ଆୟୋଜିତ ହୋଇଥିଲା। ୪୫ ବର୍ଷରୁ କମ୍ ବର୍ଗରେ ଦେବୀ ପାଣିଗ୍ରାହୀ ସ୍ୱର୍ଣ୍ଣ, ଚକ୍ରଧର ମାଝୀ ରୌପ୍ୟ ଓ ତୁଷାର ସେନାପତି କାଂସ୍ୟ ପଦକ ପାଇଥିଲେ। ୪୫ରୁ ୫୫ ବର୍ଷ ବର୍ଗରେ ସର୍ବେଶ୍ୱର ମହାନ୍ତି, ତପନ ସ୍ୱାଇଁ ଓ ରଞ୍ଜନ ରାୟ ଏବଂ ୫୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ସୁଜିତ ଦାସ, ସୁରେଶ ସ୍ୱାଇଁ ଓ ରଜନୀକାନ୍ତ ଶତ୍ରୁସଲ୍ୟ ପୋଡିୟମର ପ୍ରଥମ ୩ଟି ସ୍ଥାନରେ ରହିଥିଲେ। ଉଭୟ ପ୍ରତିଯୋଗିତାର ମହିଳାବର୍ଗରେ ମନ୍ଦାକିନୀ ମିଶ୍ର ଶ୍ରେଷ୍ଠ ହୋଇଥିଲେ। ଓସ୍‌ଜାର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ବେଣୁଧର ଦାସ, ବିମଳ ରାଉଳ, ମନୋରଞ୍ଜନ ଦାସ, ଅନିରୁଦ୍ଧ ମିଶ୍ର, ପ୍ରଫୁଲ୍ଲ କିଶୋର ସାହୁ, ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଉତ୍କଳ କରାଟେ ସ୍କୁଲର ମୁଖ୍ୟ ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉଭୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୀୟୂଷ ମହାନ୍ତି, ବଳଭଦ୍ର ଦାସ, ସାଗର ନାୟକ, କୁନୁ ମୁଖୀ, ହିମାଂଶୁ ଶେଖର ଦାସ, ସତ୍ୟଜିତ ପ୍ରଧାନ, ରାକେଶ ମହାନ୍ତି, ଶ୍ରୀଜିତା ବରାଳ, ଭବିଷ୍ୟା ପତି, ଅନୁପମା ସ୍ୱାଇଁ, ସନ୍ଦୀପ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପଣ୍ଡା ଭଉଣୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୮।୮ (ସମିସ): ଓଡ଼ିଶାରୁ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଖେଳୁଥିବା ଦୁଇ ଭଉଣୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଲୋକସେବା ଭବନ ପରିସରରେ ପଣ୍ଡା ଭଉଣୀ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଆଶୀର୍ବାଦ ଲୋଡିଥିଲେ। ଅଗଷ୍ଟ ୨୫ରୁ ୩୧ ତାରିଖଯାଏ ପ୍ୟାରିସ୍‌ରେ ୱାର୍ଲ୍ଡ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଭୟଙ୍କୁ ଆଶୀର୍ବାଦ ଦେବା ସହ ସେମାନଙ୍କର ସଫଳତା କାମନା କରିଥିଲେ। ସୂଚନାଯୋଗ୍ୟ ନବୀନ ପଟ୍ଟନାୟକଙ୍କ ସରକାରଙ୍କ ଅମଳରେ ଅନ୍ତର୍ଜାତୀୟ କ୍ରୀଡ଼ାରେ ଭାଗନେଉଥିବା ଓଡ଼ିଶାର ସମସ୍ତ ପ୍ରତିଯୋଗୀଙ୍କୁ ସରକାର ସମସ୍ତପ୍ରକାର ସହାୟତା ଯୋଗାଇଦେଇ ଆସୁଛନ୍ତି।

## ବୁଚି ବାବୁ କ୍ରିକେଟ୍ — ଓଡ଼ିଶା ବିପକ୍ଷରେ ନିତ୍ୟଙ୍କ ଶତକ

କଟକ,୧୮।୮ (ସମିସ): ବେଙ୍ଗାଲୁରୁରେ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇଛି। ସିପିଟି ଟର୍ଫ ଗ୍ରାଉଣ୍ଡରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ମୁକାବିଲାରେ ଭ୍ରମଣକାରୀ ଓଡ଼ିଶା ଦଳ ବରୋଦାକୁ ଭେଟିଛି। ଟସ୍ ଜିତି ବ୍ୟାଟିଂ କରିଥିବା ବରୋଦା ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୬ ୱିକେଟ ହରାଇ ଦଳ ୩୮୧ ରନ ସଂଗ୍ରହ କରିଛି। ତେବେ ନିୟମ ମୁତାବକ ପ୍ରତ୍ୟେକ ଦଳ ପ୍ରଥମ ଇନିଂସ୍‌ରେ ସର୍ବାଧିକ ୯୦ ଓଭର ଓ ଦ୍ୱିତୀୟ ଇନିଂସ୍‌ରେ ସର୍ବାଧିକ ୪୫ ଓଭର ଖେଳି ପାରିବେ। ଏଣୁ ତ୍ରିଦିବସୀୟ ଏହି ମ୍ୟାଚ୍‌ରେ ମଙ୍ଗଳବାର ସକାଳୁ ସ୍ୱସ୍ତିକ ସାମଲଙ୍କ ନେତୃତ୍ୱାଧୀନ ଓଡ଼ିଶା ବ୍ୟାଟିଂ ଆରମ୍ଭ କରିବ।

ବରୋଦା ଅଧିନାୟକ ଅଭିମନ୍ୟୁ ସିଂହ ରାଜପୁତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନିଂ ଭାଗୀଦାରିରେ ଦଳ ୭୩ ରନ ସଂଗ୍ରହ କରିଥିଲା। ଓପନର ହର୍ଶ ଦେଶାଇଙ୍କୁ ଏଲବିଡବ୍ଲ୍ୟୁ କରି ଓଡ଼ିଶାକୁ ପ୍ରଥମ ବ୍ରେକ ଥ୍ରୁ ଦେଇଥିଲେ ବାମହାତୀ ସ୍ପିନର ସୁମିତ ଶର୍ମା। ଦ୍ୱିତୀୟ ୱିକେଟରେ ଓପନର ନିତ୍ୟ ପାଣ୍ଡ୍ୟା ଏବଂ ସୁକୀର୍ତ୍ତ ପାଣ୍ଡେଙ୍କ ୧୧୪ ରନର ଭାଗୀଦାରୀ ବରୋଦାକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲା। ନିତ୍ୟ ୧୭୫ ବଲରୁ ୧୦୨ ରନ ସଂଗ୍ରହ କରି ତରଣୀ ସ'ଙ୍କ ବଲରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ସୁକୀର୍ତ୍ତ ୮୫ ରନର ପାଳି ଖେଳିଥିଲେ। ମଧ୍ୟକ୍ରମରେ ପାର୍ଥ କୋହଲି ୪୮, ମୋହିତ ମୋଙ୍ଗିଆ ୨୨, ଅଧିନାୟକ ଅଭିମନ୍ୟୁ ଦ୍ରୁତ ୫୧ ରନ ସଂଗ୍ରହ କରିଥିଲେ। ଷ୍ଟମ୍ପ ଅପସାରଣବେଳକୁ ୱିକେଟକିପର ଅକ୍ଷୟ ମୋରେ ୨୦ ଏବଂ ପ୍ରଦୀପ ଯାଦବ ୧୪ ରନରେ ଅପରାଜିତ ଥିଲେ। ଓଡ଼ିଶା ନିମନ୍ତେ ସୁନୀଲ କୁମାର ରାଉଳ ୨ଟି ଏବଂ ତରଣୀ ସ, ସମ୍ବିତ ବରାଳ, ସୁମିତ ଶର୍ମା ଏବଂ ବାଦଲ ବିଶ୍ୱାଳଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା।

### ଦୁଲୀପ ଟ୍ରଫି: ଇଶାନଙ୍କ ସ୍ଥାନରେ ଅଭିମନ୍ୟୁ ପୂର୍ବାଞ୍ଚଳ ଅଧିନାୟକ

କୋଲକାତା,୧୮।୮ (ଏଜେନ୍ସି): ଆହତ ସମସ୍ୟାରୁ ମୁକୁଳି ପାରି ନ ଥିବାରୁ ଇଶାନ କିସାନ ଅଗଷ୍ଟ ୨୮ରୁ ଉତ୍ତରାଞ୍ଚଳ ଓ ପୂର୍ବାଞ୍ଚଳ ମଧ୍ୟରେ ଖେଳାଯିବାକୁ ଥିବା ଦୁଲୀପ ଟ୍ରଫିର ମ୍ୟାଚ୍ ଖେଳିପାରିବେ ନାହିଁ। କିସାନ ଏବେ ସୁଦ୍ଧା ପୂରା ଫିଟ୍ ହୋଇନାହାନ୍ତି। ଏଣୁ ଏନ୍‌ସିଏରୁ ଫିଟ୍‌ନେସ ସାର୍ଟିଫିକେଟ ପାଇବା ପରେ ତାଙ୍କୁ ଦଳରେ ସାମିଲ କରାଯିବ। ସେହିପରି ଆକାଶ ଦୀପ୍‌ଙ୍କୁ ବିଶ୍ରାମ ନେବାକୁ କୁହାଯାଇଛି। ଯାହା ଫଳରେ ତାଙ୍କୁ ମଧ୍ୟ ଦଳରୁ ବାଦ୍ ଦିଆଯାଇଛି। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସେ ୪ଟି ମ୍ୟାଚ୍ ଖେଳିଥିଲେ। ଆଘାତ ଯୋଗୁଁ ସେ ଚତୁର୍ଥ ଟେଷ୍ଟରେ ଖେଳି ପାରି ନ ଥିଲେ। ଏହି ଦୁଇଟି ପରିବର୍ତ୍ତନ ଫଳରେ ବେଙ୍ଗଲର ଅଭିମନ୍ୟୁ ଈଶ୍ୱରନଙ୍କୁ ପୂର୍ବାଞ୍ଚଳ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ତାଙ୍କ ସ୍ଥାନରେ ରିୟାନ ପରାଗଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି। ଇଶାନଙ୍କ ସ୍ଥାନରେ ଓଡ଼ିଶାର ୱିକେଟରକ୍ଷକ ଆଶୀର୍ବାଦ ସ୍ୱାଇଁ ଓ ଆକାଶଦୀପଙ୍କ ସ୍ଥାନରେ ଆସାମର ପେସ୍ ବୋଲର ମୁକ୍ତାର ହୁସେନଙ୍କୁ ୧୫ଜଣିଆ ଦଳରେ ସାମିଲ କରାଯାଇଛି।

## ଦଳ କିଣିବ ମହାପାତ୍ର ୟୁନିଭର୍ସାଲ ଲିମିଟେଡ

କଟକ,୧୮।୮ (ସମିସ): ଆଗାମୀ ଦିନରେ ହେବାକୁ ଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌କୁ ପ୍ରଥମ ଫ୍ରାଞ୍ଚାଇଜ୍ ମିଳିଛି। ମହାପାତ୍ର ୟୁନିଭର୍ସାଲ ଲିମିଟେଡ୍ ଫ୍ରାଞ୍ଚାଇଜ ଘୋଷିତ ହେବା ସହ ଏହା ଦଳ କିଣିବ ବୋଲି ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଓସିଏର ଅଫିସିଆଲ ୱେବସାଇଟ୍‌ରେ ଫ୍ରାଞ୍ଚାଇଜ୍ ଆଶାୟୀଙ୍କ ନିମନ୍ତେ ଇଓଆଇ ଡକ୍ୟୁମେଣ୍ଟ ଉପଲବ୍ଧ କରାଯାଇଥିଲା। ଏହି କ୍ରମରେ ସମସ୍ତ ମାନଦଣ୍ଡକୁ ପୂରଣ କରି ମହାପାତ୍ର ୟୁନିଭର୍ସାଲ ଲିମିଟେଡ୍ ପ୍ରଥମ ଫ୍ରାଞ୍ଚାଇଜ ହୋଇପାରିଛି। ପ୍ରକାଶଯୋଗ୍ୟ, ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ)ର ପ୍ରଥମ ସଂସ୍କରଣ ଆୟୋଜନ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପ୍ରାକ୍ ପ୍ରସ୍ତୁତି ଚଳାଇଛି। ସେପ୍ଟେମ୍ବର ୧୪ରୁ ବାରବାଟୀ ଷ୍ଟାଡିୟମରେ ଲିଗ୍ ଖେଳାଯିବ। ସମ୍ପୂର୍ଣ୍ଣ ନୂଆ ଢ଼ାଞ୍ଚା ଓ ନୂଆ ଫର୍ମାଟରେ ଲିଗ୍ ଦେଖିବାକୁ ପାଇବେ ଓଡ଼ିଶାର ଅଗଣିତ କ୍ରିକେଟପ୍ରେମୀ। ଷ୍ଟାରସ୍ପୋର୍ଟସ କିମ୍ବା ସୋନୀ ନେଟୱର୍କରେ ପ୍ରତ୍ୟେକ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ ବୋଲି ଯୋଜନା ଚାଲିଛି। ଏପରିକି ଓଟିଟି ପ୍ଲାଟଫର୍ମ ଜିଓ ହଟଷ୍ଟାରରେ ମଧ୍ୟ ମ୍ୟାଚ୍ ଦେଖିବାର ସୁଯୋଗ ମିଳିପାରେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS